R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୧୨

ତିଥି: ତୃତୀୟା

୧୩ ଅକ୍ଟୋବର ୨୦୨୬, ମଙ୍ଗଳବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

13 October 2026, Tuesday

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ବଢୁଛି ଜ୍ଞାନେଶଙ୍କ ଅଡୁଆ

# ଭୋଟ୍ ଚୋରି ପ୍ରସଙ୍ଗରେ ଇଣ୍ଡିଆ ବ୍ଲକ୍‌ର ବିଶାଳ ରାଲି

## ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ନ ଆସିବା ଯାଏ ଲଢ଼େଇ

ନୂଆଦିଲ୍ଲୀ, ୧୨।୧୦: ନିର୍ବାଚନରେ ଅନିୟମିତତା ଓ 'ଭୋଟ ଚୋରି'ର ଅଭିଯୋଗକୁ ନେଇ ସୋମବାର ଦିଲ୍ଲୀରେ ବିଶାଳ ପ୍ରତିବାଦ ରାଲି କରିଛି ବିରୋଧୀ ଇଣ୍ଡିଆ ବ୍ଲକ୍। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାଙ୍କ ନେତୃତ୍ୱରେ ହଜାର ହଜାର ସମର୍ଥକ ରାସ୍ତାକୁ ଓହ୍ଲାଇଥିଲେ। ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗ ଆଣିବା ସହ ନିର୍ବାଚନୀ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଉପରେ ଅନ୍ତରୀଣ ରୋକ୍ ଲଗାଇବାକୁ ବିରୋଧୀ ଦଳର ଆଇନଜୀବୀ ଦଳ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି।

'ଚଲୋ ଦିଲ୍ଲୀ-ଗଣତନ୍ତ୍ର ପାଇଁ ପଦଯାତ୍ରା' ନାମରେ ଆୟୋଜିତ ଏହି ରାଲି କନଟ୍‌ପ୍ଲେସ୍‌ରୁ ମାଣ୍ଡି ହାଉସ୍ ଅଭିମୁଖେ ଆଗେଇଥିଲା। ରାଲିରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସମେତ ବହୁ ବିରୋଧୀ ନେତା ସାମିଲ ହୋଇଥିଲେ। ପୁଲିସ ରାଲିକୁ ଅଟକାଇବା ପରେ ରାହୁଲ ଗାନ୍ଧୀ ଏକ ଟ୍ରକ୍ ଉପରେ ଠିଆ ହୋଇ ସମର୍ଥକଙ୍କୁ ସମ୍ବୋଧିତ (୯ ପୃଷ୍ଠାରେ)



### ସୁପ୍ରିମ୍‌କୋର୍ଟରେ ଯାଚିକା ଦାଖଲ

ନୂଆଦିଲ୍ଲୀ, ୧୨।୧୦: ନିର୍ବାଚନ ଭୋଟର ତାଲିକାର ଏସ୍ଆଇଆର ପ୍ରକ୍ରିୟାକୁ ଚ୍ୟାଲେଞ୍ଜ୍ କରି ସୋମବାର ସୁପ୍ରିମକୋର୍ଟରେ ରିଟ୍ ଆବେଦନ ଦାଖଲ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡି ମେଣ୍ଟର ୧୦ ଜଣ ନେତା। ନିର୍ବାଚନ ଆୟୋଗର ଏହି ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ କରି ବିରୋଧୀ ଦଳଗୁଡ଼ିକ ଆନ୍ଦୋଳନ ଚଳାଇଥିବାବେଳେ ଏହି ଆବେଦନ ଦାଖଲ ହୋଇଛି। (୯ ପୃଷ୍ଠାରେ)

# ପୁରୀର ବଦଳିବ କାୟାକଳ୍ପ

## ସୌନ୍ଦର୍ଯ୍ୟକରଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ

ଭୁବନେଶ୍ୱର, ୧୨।୧୦ (ସବ୍ୟୁ) : ଲୋକସେବା ଭବନଠାରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି।



ଏହି ସମୀକ୍ଷା ବୈଠକରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀ ଜଗନ୍ନାଥ (୯ ପୃଷ୍ଠାରେ)

# ଦଶହରାରେ ଅଧିକାଂଶ ସ୍ଥାନରେ ଶୁଖିଲା ପାଗ

ଭୁବନେଶ୍ୱର, ୧୨।୧୦ (ସବ୍ୟୁ) : ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହାର ପ୍ରଭାବରେ ୧୩ତାରିଖ ପାଖାପାଖି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଚଳିତମାସ ୧୪-୧୬ ମଧ୍ୟରେ ଏହା ଅଧିକ ସଂଗଠିତ ହୋଇ ପଶ୍ଚିମ ଦିଗକୁ ଗତି କରିପାରେ । ଏହା ଆନ୍ଧ୍ରପ୍ରଦେଶ କିମ୍ବା ଆହୁରି ଦକ୍ଷିଣ ଦିଗକୁ ଗଲେ ଓଡ଼ିଶାରେ ବର୍ଷା କମ୍ ହୋଇପାରେ। ତେବେ ଏହା ଦକ୍ଷିଣ ଓଡ଼ିଶା ନିକଟକୁ ଆସିବାର ସମ୍ଭାବନା ମଧ୍ୟ ରହିଛି। ଉଚ୍ଚତା ଅନୁସାରେ ପବନର ବେଗ ଓ ଦିଗର ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଏହା ଅଧିକ ଶକ୍ତିଶାଳୀ ହେବାରେ ବାଧା ସୃଷ୍ଟି ହୋଇପାରେ । ଏପର୍ଯ୍ୟନ୍ତ ବାତ୍ୟା ସୃଷ୍ଟି ହେବାର ନିଶ୍ଚିତ ସୂଚନା ନାହିଁ ବୋଲି (୯ ପୃଷ୍ଠାରେ)

# ବ୍ରଜମୋହନ ରାମ ଓଡ଼ିଶା ରାଜ୍ୟପାଳ

ନୂଆଦିଲ୍ଲୀ, ୧୨।୧୦ : ୬ ରାଜ୍ୟ ଲାଗି ନୂଆ ରାଜ୍ୟପାଳ ନିଯୁକ୍ତି ହୋଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଦେଇଛନ୍ତି। ରାଷ୍ଟ୍ରପତିଭବନ ପକ୍ଷରୁ ଜଣାପଡ଼ିଛି ଯେ ଓଡ଼ିଶା ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କୁ ନିଯୁକ୍ତି ଦିଆଯାଇଛି।



ହରିବାବୁ କମ୍ଭମପାଟିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ପରିବର୍ତ୍ତନ କରାଯାଇ ଝାଡ଼ଖଣ୍ଡର ଦଳିତ ନେତା ବ୍ରଜମୋହନ ରାମଙ୍କୁ ଦାୟିତ୍ୱ ଦିଆଯାଇଛି।

ରାଷ୍ଟ୍ରପତିଭବନ ସୂତ୍ରରୁ ଜଣାପଡ଼ିଛି ଯେ ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଧଲସିଂ (୯ ପୃଷ୍ଠାରେ)
















## ସୋସିଆଲ କୋଟ୍ସ



ଦୁଇଜଣ ଭୟାଲୁ, ୪୦ ହଜାର ଗୁଲାମ ଓ ଲକ୍ଷଲକ୍ଷ ବାହାଦୁର ପିଲା ଯେଉଁମାନେ ନିଜନିଜ ହକ ପାଇଁ ଲଢୁଛନ୍ତି ।

ଅନୁରାଗ କଶ୍ୟପ, ଫିଲ୍ମମେକର



ବର୍ତ୍ତମାନ ସାରା ଦେଶ ଦେଖୁଛି କି ଜଣେ ଲୋକଙ୍କୁ ବଞ୍ଚାଇବା ପାଇଁ ଆମ ସରକାର କେତେ ବାଟ ଯାଇ ପାରୁଛନ୍ତି । ଛାତ୍ରଙ୍କ ଉପରେ ହେଉଥିବା ଅତ୍ୟାଚାର ନିନ୍ଦନୀୟ ।

ବିଶାଲ ଡଡଲାନୀ, ସିଙ୍ଗର



ସବୁବେଳେ ମହିଳାଙ୍କୁ ନିଜର ଫିଗର ପାଇଁ କ୍ରିଟିସାଇଜ ହେବାକୁ ପଡିଛି । ଲୋକଙ୍କର କିଛି କାମ ନାହିଁ ସବୁବେଳେ ମହିଳାଙ୍କ ପଛରେ ହିଁ ପଡ଼ିଥାଆନ୍ତି ।

ମୃଣାଳ ଠାକୁର, ଅଭିନେତ୍ରୀ

# ମେଟାଷ୍ଟାଟିକ୍ ସ୍ତନ କର୍କଟ ସଚେତନତା ଦିବସ

ପ୍ରତିବର୍ଷ ଅକ୍ଟୋବର ୧୩ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହୋଇଥାଏ, ମେଟାଷ୍ଟାଟିକ୍ ସ୍ତନ କର୍କଟ ସଚେତନତା ଦିବସ । ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ତନ କର୍କଟର ଚତୁର୍ଥ ବା ଶେଷ ପର୍ଯ୍ୟାୟ ବିଷୟରେ ଲୋକଙ୍କୁ ଜାଗ୍ରତ କରାଇବା । ଯେତେବେଳେ ସ୍ତନ କର୍କଟ ଶରୀରର ଅନ୍ୟାନ୍ୟ ଅଙ୍ଗ ଯଥା ହାଡ଼, ଫୁସ୍‌ଫୁସ୍, ଯକୃତ କିମ୍ବା ମସ୍ତିଷ୍କକୁ ବ୍ୟାପିଥାଏ, ସେହି ଅବସ୍ଥାକୁ ମେଟାଷ୍ଟାଟିକ୍ କୁହାଯାଏ । ଏହି ଦିନ ପାଳନର ଗୁରୁତ୍ୱ ହେଉଛି ଏହି ଜଟିଳ ପରିସ୍ଥିତି ସହ ଲଢୁଥିବା ରୋଗୀଙ୍କ ଅଭିଜ୍ଞତା, ଆବଶ୍ୟକତା ଏବଂ ଗବେଷଣାର ଆବଶ୍ୟକତା ପ୍ରତି ସମାଜର ଦୃଷ୍ଟି ଆକର୍ଷଣ କରିବା । ୨୦୦୯ ମସିହାରେ ଆମେରିକାରେ ପ୍ରଥମ କରି ଏହି ଦିବସକୁ ଆନୁଷ୍ଠାନିକ ଭାବେ ମାନ୍ୟତା ଦିଆଯାଇଥିଲା । ଯାହାକି ସ୍ତନ କର୍କଟ ସଚେତନତା ମାସ ବା ଅକ୍ଟୋବର ମାସ ମଧ୍ୟରେ ଏକ ସ୍ୱତନ୍ତ୍ର ଦିନ ଭାବେ ପରିଗଣିତ ହୋଇଥାଏ । ଏହି ଦିବସର ପ୍ରମୁଖ ମହତ୍ତ୍ୱ ହେଉଛି ମେଟାଷ୍ଟାଟିକ୍ ରୋଗୀଙ୍କ ପାଇଁ ଉନ୍ନତ ଚିକିତ୍ସା ପଦ୍ଧତି, ନୂତନ ଗବେଷଣା ପାଇଁ ପାଣ୍ଠି ସଂଗ୍ରହ ଏବଂ ସେମାନଙ୍କୁ ସମାଜରେ ସହାୟତା ଓ ସହାନୁଭୂତି ଯୋଗାଇଦେବା, ଯାହାଦ୍ୱାରା ସେମାନେ ଉତ୍ତମ ଜୀବନଯାପନ କରିପାରିବେ ।





# ବିଲେଇ କରୁଥିଲା ମୃତ୍ୟୁର ଭବିଷ୍ୟବାଣୀ

ଆମେରିକାର ଏକ ନର୍ସିଂହୋମରେ ରହୁଥିବା 'ଓସ୍କାର୍' ନାମକ ଏକ ବିଲେଇ ରୋଗୀମାନଙ୍କର ମୃତ୍ୟୁକୁ ଆଗୁଆ ଅନୁଭବ କରିପାରୁଛି । ସୂଚନା ଅନୁସାରେ ସେ ଯେତେବେଳେ କୌଣସି ରୋଗୀଙ୍କ ଶେଯରେ ଯାଇ ବସୁଥିଲା, ସେହି ବ୍ୟକ୍ତି ଜଣକ କିଛି ଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରୁଥିଲେ । ୨୦୦୫ ମସିହାରେ ରୋଡ୍ ଆଇଲ୍ୟାଣ୍ଡର ଏକ ନର୍ସିଂହୋମରେ ଡିମେନ୍ସିଆର ରୋଗୀମାନଙ୍କ ମଧ୍ୟରେ ଏହି କଳା-ଧଳା ରଙ୍ଗର ବିଲେଇକୁ ଅଣାଯାଇଥିଲା । ସେ ସାଧାରଣତଃ ଲୋକଙ୍କଠାରୁ ଦୂରେଇ ରହୁଥିଲା କିନ୍ତୁ ଅତ୍ୟନ୍ତ ଅସୁସ୍ଥ ରୋଗୀଙ୍କ ଶେଯରେ ଯାଇ ଶୋଉଥିଲା । ୨୦୦୭ରେ ଡକ୍ଟର ଡେଭିଡ୍ ଡୋସା ଏହାର ଆଚରଣକୁ ଏକ ମେଡିକାଲ୍ ଜର୍ଣ୍ଣାଲରେ ବର୍ଣ୍ଣନା କରିବା ସହ ପରେ "ମେକିଂ ରାଉଣ୍ଡସ୍ ୱିଥ୍ ଅସ୍କାର୍" ନାମକ ଏକ ପୁସ୍ତକ ମଧ୍ୟ ଲେଖିଥିଲେ । କିଛି ବିଶେଷଜ୍ଞ ଅନୁମାନ କରିଥିଲେ ଯେ ମୃତ୍ୟୁ ପୂର୍ବରୁ ରୋଗୀଙ୍କ ଶରୀରରେ କିମ୍ବା ବାସ୍ନାରେ ହେଉଥିବା ପରିବର୍ତ୍ତନକୁ ବିଲେଇଟି ଜାଣିପାରୁଥିବ । ଯଦିଓ ଏହାର ସ୍ପଷ୍ଟ ପ୍ରମାଣ କେବେ ମିଳିନି । ଶେଷରେ ୨୦୨୨ ମସିହାରେ ୧୭ ବର୍ଷ ବୟସରେ ତାର ମୃତ୍ୟୁ ହୋଇଥିଲା । ରିପୋର୍ଟ ଅନୁଯାୟୀ, ମୃତ୍ୟୁ ପୂର୍ବରୁ ସେ ୧୦୦ରୁ ଅଧିକ ରୋଗୀଙ୍କୁ ଭେଟିଥିଲା ଏବଂ ସେମାନଙ୍କର ମୃତ୍ୟୁର ଭବିଷ୍ୟବାଣୀ କରିଥିଲା ।

# ୯୦ ପ୍ରତିଶତ ଶରୀରରେ ଟାଟୁ



କାନାଡ଼ାର ୩୮ ବର୍ଷୀୟ ଜେରେମି 'ରେମି' ସ୍କୋଫିଲ୍ଡ ନିଜ ଶରୀରର ୯୦ ପ୍ରତିଶତରୁ ଅଧିକ ଭାଗରେ ଟାଟୁ ଆଙ୍କି ନିଜ ନାମକୁ ଗିନିଜ ରେକର୍ଡରେ ସାମିଲ କରିଛନ୍ତି । ୨୦୦୫ ମସିହାରେ ନିଜ ବାମ ହାତରେ ପୁଅର ନାମ ଲେଖାଇ ସେ ନିଜର ପ୍ରଥମ ଟାଟୁ ଆରମ୍ଭ କରିଥିଲେ । ଏହାପରେ ନିଜ ସମ୍ପୂର୍ଣ୍ଣ ଶରୀରକୁ ଟାଟୁରେ ଢାଙ୍କିବା ସହ ଶରୀରର ବିଭିନ୍ନ ଅଂଶରେ ପ୍ରାୟ ୪୦ଟି ସ୍ତର ଏବଂ କେତେକ ସ୍ଥାନରେ ୧୦୦ରୁ ଅଧିକ ଥର ଟାଟୁ ଆଙ୍କିଛନ୍ତି । ପୂର୍ବରୁ ଜଣେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ଜେରମି ବର୍ତ୍ତମାନ ଟାଟୁ ସପ୍ ଓ ସୋସିଆଲ୍ ମିଡିଆ କମ୍ପାନୀ ଚଳାଉଛନ୍ତି । ସେ ନିଜ ଶରୀରରେ ୧୦୦ରୁ ଅଧିକ ସ୍ଥାନକୁ ଫୋଡିଛନ୍ତି, ଯେଉଁଥିରେ ଗହଣା ପିନ୍ଧିହେବ । ଏହାସହ ଗୋଡ଼ରେ କିଛି ମଜାଦାର ଟାଟୁ ସହ ନିଜ ବାପା, ମାଆ, ପୋଷା କୁକୁର ଓ ପତ୍ନୀଙ୍କ ସ୍ମୃତିରେ ସ୍ୱତନ୍ତ୍ର ଟାଟୁ ଆଙ୍କିଛନ୍ତି । ତେବେ ଜେରମି ନିଜ ମୁହଁକୁ ଟାଟୁମୁକ୍ତ ରଖିଛନ୍ତି । ଜେରମି ଏହି ସଫଳତାକୁ ଏକ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିବା ସହ ତୁଳନା କରିଛନ୍ତି । ରେକର୍ଡ ପାଇବା ପରେ ମଧ୍ୟ ସେ ପ୍ରତି ସପ୍ତାହରେ ନିୟମିତ ଟାଟୁ ସେସନ୍ ଜାରି ରଖିଛନ୍ତି ।

# ଠେକୁଆ ଡିଆଁ ପ୍ରତିଯୋଗିତା



ସ୍ୱିଡେନରେ ଅନୁଷ୍ଠିତ ତିନିଦିନିଆ ୟୁରୋପିଆନ୍ ରାବିଟ୍ ଜମ୍ପିଂ ଚାମ୍ପିୟନସିପ୍‌ରେ ବିଭିନ୍ନ ଦେଶରୁ ଆସିଥିବା ଠେକୁଆମାନେ ଅଂଶଗ୍ରହଣ କରିଥିଲେ । ଏମାନେ ବିଭିନ୍ନ ବାଧା ଅତିକ୍ରମ କରି ଡିଆଁ ମାରିବାରେ ପ୍ରତିଯୋଗିତା କରିଥିଲେ । ଯେଉଁଥିରେ ସିଧା ଏବଂ ବଙ୍କା ଟ୍ରାକ୍‌ରେ ଦୌଡ଼ିବା ସହିତ ଉଚ୍ଚ ବାଧା ଅତିକ୍ରମ କରିବା ଅନ୍ତର୍ଭୁକ୍ତ ଥିଲା । ଉଚ୍ଚ ଡିଆଁ ପାଇଁ ବିଶ୍ୱ ରେକର୍ଡ ୧୦୭ ସେଣ୍ଟିମିଟର ବା ପ୍ରାୟ ୩.୫ ଫୁଟ୍ ଏବଂ ଲମ୍ବା ଡିଆଁ ପାଇଁ ୩୧୮ ସେଣ୍ଟିମିଟର ବା ପ୍ରାୟ ୧୦.୪ ଫୁଟ୍ ରହିଛି । ୧୯୭୦ ଦଶକର ଶେଷ ଭାଗରେ ସ୍ୱିଡେନରୁ ଆରମ୍ଭ ହୋଇଥିବା ଏହି ଠେକୁଆମାନଙ୍କୁ ଏପରି କରିବା ପାଇଁ କୌଣସି ବାଧ କରାଯାଇନଥାଏ । ଏହି ଖେଳ ବର୍ତ୍ତମାନ ବିଭିନ୍ନ ଦେଶମାନଙ୍କରେ ମଧ୍ୟ ଆୟୋଜିତ ହେଉଛି । ଏହି ଖେଳ ଦେଖିବାକୁ ଶହଶହ ଲୋକ ଏକାଠି ହୋଇଥାଆନ୍ତି ।

## ଇତିହାସ

୧୮୯୫- ଭାରତୀୟ କ୍ରିକେଟର ପ୍ରଥମ ଟେଷ୍ଟ ଅଧି ନାୟକ ସିକେ. ନାଇଡୁଙ୍କ ଜନ୍ମ ।

୧୯୭୬- ବୋଲିଭିଆରେ ବୋଇଁ ଜେଟ୍ ବିମାନ ଦୁର୍ଘଟଣାରେ ୧୦୦ ଜଣଙ୍କ ମୃତ୍ୟୁ ।

୧୯୮୭- କୋଷ୍ଟାରିକା ରାଷ୍ଟ୍ରପତି ଓସ୍କର ଆରିୟାସଙ୍କ ନୋବେଲ ଶାନ୍ତି ପୁରିସ୍କାର ।

୧୯୮୭- ହିନ୍ଦୀ ସିନେମାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ କିଶୋର କୁମାରଙ୍କ ପରଲୋକ ।

୧୯୯୪- ଭାରତୀୟ ବାଧାଦୌଡ଼ ଧାବକ ଅବିନାଶ ସାବଲେଙ୍କ ଜନ୍ମ ।

୧୯୯୯- ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ ଅଟଳ ବିହାରୀ ବାଜପେୟୀ ।

୨୦୦୦- ସର୍ବଶ୍ରେଷ୍ଠ ଫୁଟବଲ ଖେଳାଳି ଜରନେଲ ସିଂହଙ୍କ ବିୟୋଗ ।

୨୦୦୧- ନାଇଜେରିଆରେ ଆମେରିକା ବିରୋଧୀ ସାମ୍ପ୍ରଦାୟିକ ହିଂସାରେ ପ୍ରାୟ ୨୦୦ ଲୋକଙ୍କ ମୃତ୍ୟୁ ।

୨୦୦୪- ପ୍ରତିଷ୍ଠିତ ବଲିଉଡ୍ ଅଭିନେତ୍ରୀ **ନିରୁପା** ରାୟଙ୍କ ନିଧନ ।

୨୦୧୩- ମଧ୍ୟପ୍ରଦେଶ ଦାତିୟା ଜିଲ୍ଲାରେ ଦଳାଚକଟାରେ ୧୦୯ ଜଣଙ୍କ ମୃତ୍ୟୁ ।

# ୧୯୪୭ ମସିହାର ମାଛବର୍ଷା

ଆମେରିକାର ଲୁଇସିଆନା ରାଜ୍ୟର ମାର୍କସ୍‌ଭିଲ୍ ସହରରେ ୧୯୪୭ ମସିହା ଅକ୍ଟୋବର ୨୩ ତାରିଖ ଦିନ ହଠାତ୍ ଆକାଶରୁ ମାଛ ବର୍ଷା ହୋଇଥିଲା । ଯେଉଁଥିରେ ରାସ୍ତାଘାଟ ଓ ଲୋକଙ୍କ ଅଗଣାରେ ମାଛଗୁଡ଼ିକ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଏହି ମାଛ ବର୍ଷା ପ୍ରାୟ ୧,୦୦୦ ଫୁଟ୍ ଲମ୍ବା ଏବଂ ୮୦ ଫୁଟ୍ ଚଉଡ଼ା ଅଞ୍ଚଳରେ ହୋଇଥିଲା । ଏହି ମାଛଗୁଡ଼ିକ ମଧ୍ୟରେ ଲାର୍ଜମାଉଥ୍ ବାସ୍, ସନଫିସ୍ ଓ ମିନୋ ପ୍ରଜାତିର ମାଛ ଥିବାବେଳେ ସବୁଠାରୁ ବଡ଼ ମାଛଟିର ଆକାର ପ୍ରାୟ ୨୪ ସେଣ୍ଟିମିଟର ଥିଲା । କୌଣସି ଘୂର୍ଣ୍ଣିବାତ୍ୟା ପାଖାପାଖି ହ୍ରଦରୁ ମାଛଗୁଡ଼ିକୁ ଆକାଶକୁ ଟାଣି ଆଣିଥିବା ଏବଂ ପବନରେ ଉଡ଼ିଆସି ଏହା ଭୂମିରେ ପଡ଼ିଥିବା ନେଇ ଜୀବବିଜ୍ଞାନୀମାନେ ସନ୍ଦେହ କରିଥିଲେ । ହେଲେ ସେଦିନ ସେଭଳି କୌଣସି ଝଡ ହେବାର କେହି ଦେଖି ନଥିଲେ । ତେଣୁ ଏହି ମାଛ ବର୍ଷାର ପ୍ରକୃତ କାରଣ ଆଜି ବି ରହସ୍ୟ ଘେରରେ ରହିଛି ।



# କ୍ୟାରିୟରର ବଡ଼ ଫିଲ୍ମ 'ଦୃଶ୍ୟମ୍ ୩'



ଅଭିନେତା ଅଜୟ ଦେବଗନଙ୍କ ଅଭିନୀତ ଚଳଚ୍ଚିତ୍ର "ଦୃଶ୍ୟମ୍: ଦି କନ୍‌କ୍ଲୁଜନ୍" ବା "ଦୃଶ୍ୟମ୍ ୩" ଅକ୍ଟୋବର ୨ରେ ରିଲିଜ ହୋଇଥିଲା । ତେବେ ମାତ୍ର ଆଠଦିନ ମଧ୍ୟରେ ଏହା ବିଶ୍ୱବ୍ୟାପୀ ୪୦୦ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ଏକ ବଡ଼ ରେକର୍ଡ ସୃଷ୍ଟି କରିଛି । ଏହା ତାଙ୍କ ୩୫ ବର୍ଷର କ୍ୟାରିୟରର ସବୁଠାରୁ ବଡ଼ ବ୍ଲକବଷ୍ଟର ଫିଲ୍ମ । ଯାହା ପୂର୍ବରୁ ୨୦୨୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ "ସିଙ୍ଘମ୍ ଏଗେନ୍" (୩୮୯ କୋଟି ଟଙ୍କା) ନାମରେ ଥିଲା । ଭାରତରେ ୧୫,୭୫୯ଟି ଶୋ' ସହିତ ରିଲିଜ ହୋଇଥିବା ଏହି ଫିଲ୍ମଟି ପ୍ରଥମ ଦିନରେ ୬୬.୭୫ କୋଟି ଆୟ କରିଥିବା ସୂଚନା ରହିଛି । ଉଇକେଣ୍ଡରେ ଏହା ୪୩୦ କୋଟି ଟଙ୍କା ଆୟ କରିଥିବା "ହନୁମାନ୍ ଅଂଶ"କୁ ପଛରେ ପକାଇ ଚଳିତ ବର୍ଷର ଚତୁର୍ଥ ସର୍ବାଧିକ ରୋଜଗାର କରିଥିବା ଫିଲ୍ମ ପାଲଟିଛି । ସେହିଭଳି ଏହି ଫିଲ୍ମରେ ଅଜୟଙ୍କ ଅଭିନୟକୁ ମଧ୍ୟ ଚାରିଆଡେ ଖୁବ ପ୍ରଶଂସା ମିଳୁଛି । ପୂର୍ବ ୨ ଭାଗ ଭଳି ଏହାକୁ ମଧ୍ୟ ଦର୍ଶକ ଖୁବ ଭଲ ପାଇବା ଦେବାରେ ଲାଗିଛନ୍ତି ।



**ମେଷ:** କାର୍ଯ୍ୟରେ ସନ୍ତୁଷ୍ଟ, ଚକ୍ଷୁପୀଡ଼ା, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ଖୁସି, ଅର୍ଥଲାଭ, କର୍ମକୁ ନେଇ ଉତ୍ସାହ, ଶତ୍ରୁ ପରାଭବ, ମାନସିକ ଶାନ୍ତି । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ବାବା ଧବଳେଶ୍ୱର ।

**ବୃଷ:** ଶରୀର ଅସୁସ୍ଥ, କର୍ମକ୍ଷେତ୍ରେ ପରିଶ୍ରମ, ବ୍ୟବସାୟିକ ଖୁସି, ପାରିବାରିକ ସାହାଯ୍ୟ, ଶତ୍ରୁସମସ୍ୟା, ସନ୍ତାନଖୁସି, ବନ୍ଧୁଦର୍ଶନ, ଲୋକସମ୍ପର୍କ ବୃଦ୍ଧି । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ସ୍ୱାସ୍ଥ୍ୟଲାଭ, ନୂତନ କାର୍ଯ୍ୟଭାର ଗ୍ରହଣ, ଦେବଦର୍ଶନ, ମାନସିକ ଖୁସି, ଯାତ୍ରା ସଫଳ, ଦାମ୍ପତ୍ୟ ଖୁସି, ଦ୍ରବ୍ୟଲାଭ, ପାରିବାରିକ ସାହାଯ୍ୟ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ବ୍ୟୟବୃଦ୍ଧି, ଗୃହେ ସାହାଯ୍ୟ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଗୃହେ ଉତ୍ସବକୁ ନେଇ ଶୁଭ ଆଲୋଚନା, ମାନସିକ ଖୁସି, ବନ୍ଧୁଲାଭ, ଅର୍ଥପ୍ରାପ୍ତି । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଗୌରୀ ।

**ସିଂହ:** ମାନସିକ ଶାନ୍ତି, ସମ୍ପର୍କରେ ସୁଧାର, ଦେବକାର୍ଯ୍ୟରେ ଶାନ୍ତି, ନୂତନ ବ୍ୟବସାୟରେ ଶାନ୍ତି, ସମ୍ପତ୍ତିଲାଭ, ସନ୍ତାନଲାଭ, ଶତ୍ରୁ ପରାଜିତ, ଅର୍ଥଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଗ୍ରାମଦେବତୀ ।

**କନ୍ୟା:** ମନସ୍ତାପ, କାର୍ଯ୍ୟରେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ବନ୍ଧୁଲାଭ, ଦେବଦର୍ଶନ, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, ବ୍ୟବସାୟିକ ଖୁସି, ଶତ୍ରୁସମସ୍ୟା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା:** ବନ୍ଧୁ ମିଳନ, ସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଗୃହେ ଉତ୍ସବ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ଦ୍ରବ୍ୟଲାଭ, ବିଦ୍ୟାରେ ସଫଳତା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ବିଛା:** ଭ୍ରମଣଖୁସି, ଦେବଦର୍ଶନ, ମାନସିକ ଶାନ୍ତି, ଉତ୍ସବକୁ ନେଇ ଖୁସି, ପାରିବାରିକ ଶାନ୍ତି, ଭାତୃସ୍ନେହ, ସନ୍ତାନ ସମସ୍ୟା, ସମ୍ପତ୍ତିଲାଭ, ନୂତନ କର୍ମନିଯୁକ୍ତି । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଖଇରୀ, ସଂଖ୍ୟା-୮, ଆରାଧନା- ନୃସିଂହ ଭଗବାନ ।

**ଧନୁ:** ଆୟ ବୃଦ୍ଧି, କାର୍ଯ୍ୟରେ ପରିଶ୍ରମ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଯାତ୍ରା ସଫଳ, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ଆନନ୍ଦ, ଶତ୍ରୁ ପରାଜିତ, ଭ୍ରାତୃସ୍ନେହ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ମକର:** ଆଘାତପ୍ରାପ୍ତି, କର୍ମେ ଆନନ୍ଦ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରାରେ ବିଳମ୍ବ, ଅଯଥା ବିବାଦ, ପାରିବାରିକ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅଯଥା ଖର୍ଚ୍ଚାନ୍ତ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୭, ଆରାଧନା-ଶ୍ରୀ ରାଧା ।

**କୁମ୍ଭ:** କର୍ମେ ଖୁସି, ଅର୍ଥଲାଭ, ପାରିବାରିକ ଖୁସି, ବନ୍ଧୁଲାଭ, ସମସ୍ୟା ସମାଧାନ, ଉତ୍ସବକୁ ନେଇ ଖୁସି, ସନ୍ତାନଲାଭ, ଦେବକାର୍ଯ୍ୟରେ ବିଳମ୍ବ, ସମ୍ପତ୍ତିଲାଭ । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା- ମା' ବଗଳାମୁଖୀ ।

**ମୀନ:** ବନ୍ଧୁରେ ଆଦର, ଅର୍ଥଲାଭ, ସମ୍ପର୍କରେ ଉନ୍ନତି, ଅନୁଷ୍ଠାନରୁ ଲାଭ, ଦେବଦର୍ଶନ, ଗୃହେ ଉତ୍ସବ, ପାରିବାରିକ ଶାନ୍ତି, ସମସ୍ୟା ସମାଧାନ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା' ଦକ୍ଷିଣକାଳୀ ।

**ଆଶ୍ୱିନ ଶୁକ୍ଳ ପକ୍ଷ ତୃତୀୟା**
**୧୩.୧୦.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ବାରଙ୍ଗ ,(ସବ୍ୟୁ):ସୋମବାର ଦିନ ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୬୨ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୫୮ ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪ ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୬ ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଶାନ୍ତ କୁମାର ନାୟକ,ପୋଲିସ ଅତିରିକ୍ତ ଉପ ଆୟୁକ୍ତ ଅମରେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ଗାଡ଼ି ଲୁଟ ଘଟଣାରେ ୪ଗିରଫ, ନଗଦ ଟଙ୍କା ଓ ଗାଡ଼ି ଜବତ

## ଲୁଟ୍ ଘଟଣାର ପର୍ଦ୍ଦାଫାଶ କଲା ବେଗୁନିଆ ପୁଲିସ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଥାନା ଅନ୍ତର୍ଗତ କୋଦାବରେଣୀ ଛକ ନିକଟରେ ଗତ ୧୭ ତାରିଖରେ ଘଟିଥିବା ଏକ ଟାଟା ଏସି ଗାଡ଼ି ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ବେଗୁନିଆ ପୁଲିସ। ଏହି ଘଟଣାରେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନଗଦ ଟଙ୍କା ଓ ଏକ ଟାଟା ଏସି ଗାଡ଼ି ଜବତ କରିଛି। ଘଟଣାରେ ଅନ୍ୟ କେତେକ ବ୍ୟକ୍ତିଙ୍କ ସମ୍ପୃକ୍ତି, ଲୁଟ୍ ସାମଗ୍ରୀର ଅବଶିଷ୍ଟ ଅଂଶ ଉଦ୍ଧାର ଏବଂ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏହି ଘଟଣା ସମ୍ପର୍କରେ ବେଗୁନିଆ ଥାନାରେ ଗତ ୭ ତାରିଖରେ ୪୩୦/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାରେ ଭାରତୀୟ ନ୍ୟାୟ



ସଂହିତା (ବିଏନ୍‌ଏସ୍)ର ଧାରା ୩୧୦(୨) ଓ ୬୧(୨) ସହ ଆର୍ମସ୍ ଆକ୍ଟର ଧାରା ୨୫ ଓ ୨୭ ଲାଗୁ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ହଳଦିଆ ହାଟସାହିର ବ୍ରହ୍ମାନନ୍ଦ ସାହୁ (୨୫) ଏହି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ସେପ୍ଟେମ୍ବର ୧୭ ତାରିଖ ସକାଳ ପ୍ରାୟ ୫ଟା ୩୦ ମିନିଟ୍ ସମୟରେ କୋଦାବରେଣୀ ଛକ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ଏହି ଲୁଟ୍ ଘଟିଥିଲା। ତଦନ୍ତ ବେଳେ ଏକ ମାରୁତି ସ୍ୱିଫ୍ଟ ଡିଜାୟାର କାର (ଓଡ଼ି-୦୨-ବିଏକ୍ସ-୬୬୧୦) ବ୍ୟବହାର କରି ଟାଟା ଏସି ଗାଡ଼ିକୁ ଅଟକାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ଲୁଟ୍ ହୋଇଥିବା ସାମଗ୍ରୀ ନୟାଗଡ଼ ଜିଲ୍ଲାର ଗଣିଆ ଅଂଚଳ ର ଜଣେ ସ୍କ୍ରାପ୍ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ନେଇ ମଧ୍ୟ ତଦନ୍ତରୁ ସୂଚନା ମିଳିଛି। ଏହି ମାମଲାରେ ପୁଲିସ ଦଶପଲ୍ଲା ଥାନା ଅନ୍ତର୍ଗତ ଗୁରିବାରୀ ଗ୍ରାମର ଦୀନବନ୍ଧୁ ପରିଡ଼ା ଓରଫ ସିଲୁ (୩୮), ମଧ୍ୟଖଣ୍ଡ ବଡ଼ସାହିର ଲକ୍ଷ୍ମୀଧର ପ୍ରଧାନ ଓରଫ ରାହୁଲ (୩୦), ତାଲେରେ ଗ୍ରାମର କିଶୋର ବେହେରା (୩୪) ଏବଂ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ଅନ୍ତର୍ଗତ ହଳଦିଆ ହାଟସାହିର ଶାନ୍ତନୁ ବେହେରା ଓରଫ ଗୁଲୁ (୨୨)ଙ୍କୁ ଗିରଫ କରିଛି।

### ବାଲିଯାତ୍ରା ପ୍ଲଟ୍ ଆବଣ୍ଟନ

## ୧୦୦ରୁ ଉର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ

କଟକ,(ସବ୍ୟୁ): ଐତିହାସିକ ବାଲିଯାତ୍ରା କଟକ -୨୦୨୬ ପାଇଁ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବା ସହ ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟାରେ ଆଜି ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ ହୋଇସାରିଛି। ଚଳିତ ବର୍ଷ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁବିଧାଜନକ କରାଯାଇଛି। କ୍ଷୁଦ୍ର ବ୍ୟବସାୟୀ, ବିଭିନ୍ନ ଅନୁଷ୍ଠାନ, ଉଦ୍ୟୋଗ ସଂସ୍ଥା ତଥା ଅନ୍ୟ ଆଗ୍ରହୀ ବ୍ୟକ୍ତିବିଶେଷ ଅନଲାଇନ୍‌ରେ katakabalijatra.net କିମ୍ବା kataka.odisha.gov.in ୱେବ୍‌ସାଇଟ୍‌କୁ ଯାଇ ନିଜ ପସନ୍ଦର ପ୍ଲଟ୍ ପାଇଁ ପଞ୍ଜୀକରଣ କରିପାରିବେ। ଏଥିସହ ପୂର୍ବବର୍ଷ ପରି ବାରବାଟୀ ପ୍ୟାଲେସ୍‌ରେ ଅଫ୍‌ଲାଇନ୍ ମାଧ୍ୟମରେ ମଧ୍ୟ ପଞ୍ଜୀକରଣର ସୁବିଧା ରହିଛି। ଏହି ସୁବିଧା ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଅକ୍ଟୋବର ୧୦ରୁ ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ଆରମ୍ଭ ହୋଇଛି । ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବ। ପଞ୍ଜୀକରଣ ପରେ ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ଲଟ୍ ନିଲାମ ଏବଂ ନଭେମ୍ବର ୯ ଓ ୧୦ ତାରିଖରେ ସ୍ୱତନ୍ତ୍ର ନିଲାମ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ତେଣୁ ଆଗ୍ରହୀ ବ୍ୟବସାୟୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜ ନିଜର ପ୍ଲଟ୍ ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।




## ଛାତ୍ର ସଂସଦ ନିର୍ବାଚନ : ହିଂସା ପାଇଁ ଚିନ୍ତାରେ ପୋଲିସ-କର୍ତ୍ତୃପକ୍ଷ

ଭୁବନେଶ୍ୱର, (ସବ୍ୟୁ) : ଛାତ୍ର ସଂସଦ ନିର୍ବାଚନକୁ ନେଇ ପ୍ରଚାର-ପୋଷ୍ଟରରେ ରାଜଧାନୀ କମ୍ପୁଛି । କେବଳ ରାଜଧାନୀ ନୁହେଁ, ରାଜ୍ୟର ବିଭିନ୍ନ ଜିଲ୍ଲାର ସହରାଞ୍ଚଳରେ ଥିବା କଲେଜ ଗୁଡିକରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳୁଛି । ଦୁଇଦିନ ପରେ ଛାତ୍ରନେତା ବାଛିବେ ଛାତ୍ରଛାତ୍ରୀ । ହେଲେ ଗୋଟିଏ ପରେ ଗୋଟିଏ କଲେଜରେ ହିଂସାକାଣ୍ଡକୁ ନେଇ ପୋଲିସ ଓ କର୍ତ୍ତୃପକ୍ଷ ଚିନ୍ତିତ ଅଛନ୍ତି । ଜେନ୍-ଜୀଙ୍କ ମଧ୍ୟରେ ଘଡିକେ ଘୋଡାଛୁଟୁଛି । ରାଜ୍ୟର ବିଭିନ୍ନ କଲେଜରେ ହିଂସାକାଣ୍ଡ ଯୋଗୁ ସାଇନ୍ ଏ ଡାଏ ଘୋଷଣା ସାଙ୍ଗକୁ ନିର୍ବାଚନ ବାତିଲ ହୋଇସାରିଛି । ରବିବାର ବାଙ୍କି କଲେଜରେ ଦ୍ୱିତୀୟଥର ବୋମାମାଡ ହେବାରୁ ସେଠାରେ ମଧ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ସାଇନ୍ ଏ ଡାଏ ଘୋଷଣା କରାଯିବା ସହ ନିର୍ବାଚନକୁ ବାତିଲ କରାଗଲା । ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ଦୈତନଗରୀ ସମେତ ରାଜ୍ୟର ବିଭିନ୍ନ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପ୍ରଚାର ଆରମ୍ଭ କଲେଣି । କଲେଜ କ୍ୟାମ୍ପସ୍ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପୋଷ୍ଟର ଓ ବ୍ୟାନରରେ ଛାଇ ହୋଇଯାଇଛି । ବହୁ କଲେଜରେ ବିସିଜେଡି ଓ ଏବିଭିପି ପ୍ରାର୍ଥୀଙ୍କ ମଧ୍ୟରେ ଦୃଢ ପ୍ରତିଦ୍ୱନ୍ଦିତା ପରିଲକ୍ଷିତ ହେଉଛି । ହିଂସା ଓ ଉତ୍ତେଜନାକୁ ଦୃଷ୍ଟିରେ ରଖି ବହୁ କ୍ୟାମ୍ପସ୍‌ରେ ପୋଲିସ ମୁତୟନ ରହିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରେ ରବିବାର ହୋଇଥିବା ଗଣ୍ଡଗୋଳକୁ ଲକ୍ଷ୍ୟ କରି ପୋଲିସ ମୁତୟନ ରହିଛନ୍ତି ।

ବ୍ରହ୍ମପୁର, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ବଲାଙ୍ଗୀର, ନୂଆପଡା, ବଡଗଡ ସମେତ ୩୦ ଜିଲ୍ଲାର ଛାତ୍ର ସଂସଦ ନିର୍ବାଚନକୁ ନେଇ ସରକାରଙ୍କ ସ୍ୱତନ୍ତ୍ର ପ୍ରତିନିଧି ଅଛନ୍ତି । ସେମାନେ ପୋଲିସ ସହ ସମନ୍ୱୟ ରକ୍ଷା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ହେଲେ ସୋମବାର ଜଗତସିଂହପୁର ଏସ୍‌ବିଏମ୍ କଲେଜରେ ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବାରୁ ଉତ୍ତେଜନା ପ୍ରକାଶ ପାଇଛି । କେନ୍ଦ୍ରାପଡା, ସାଲେପୁର, ପୁରୀ, ନୟାଗଡ, ସମ୍ବଲପୁର ପ୍ରଭୃତି ଜିଲ୍ଲାର କଲେଜ ଗୁଡିକ ମଧ୍ୟ ଛାତ୍ର ସଂସଦ ନିର୍ବାଚନକୁ ନେଇ ଚାପା ଉତ୍ତେଜନା ପରଲକ୍ଷିତ ହେଉଛି । ହେଲେ ଯେଉଁ କଲେଜ ଗୁଡିକରେ ଛାତ୍ର ସଂସଦ ନିର୍ବାଚନ ହେଉଛି ସେହି କଲେଜ ପ୍ରାର୍ଥୀ ଓ କ୍ୟାମ୍ପସ୍ ଉପରେ ପୋଲିସ ସତର୍କ ନଜର ରଖିଛି । ଦୁଇଦିନ ପରେ ଛାତ୍ରଛାତ୍ରୀ ତାଙ୍କ ଛାତ୍ର ନେତାଙ୍କୁ ବାଛିବେ । ଏବିଭିପି ଓ ବିସିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ତୀବ୍ର ହେଉଛି । କ୍ୟାମ୍ପସ୍‌ରେ ହିଂସାକାଣ୍ଡକୁ ନେଇ ପରସ୍ପର ପରସ୍ପରକୁ ଦୋଷାରୋପ କରୁଛନ୍ତି । ଏବିଭିପି କହିବା କଥା ହାରିଯିବା ଭୟରେ ବିଭିନ୍ନ କଲେଜ ହିଂସାକାଣ୍ଡ ଭିଆଇ ନିର୍ବାଚନ ବାତିଲ କରାଉଛନ୍ତି ବିସିଜେଡି ପ୍ରାର୍ଥୀମାନେ । ହେଲେ ବିସିଜେଡି ପ୍ରାର୍ଥୀଙ୍କ କହିବା କଥା ଏବିଭିପି ଶାସକ ଦଳ ସମର୍ଥନ ପାଉଥିବାରୁ କ୍ୟାମ୍ପସରେ ଅରାଜକତା ସୃଷ୍ଟି କରୁଛନ୍ତି ।








ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଦିଲ୍ଲୀ ଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଓଡ଼ିଶା କଂଗ୍ରେସ ନେତୃବୃନ୍ଦ ।

## ଥମ୍ସ ଅପ୍ ର ତୁଫାନୀ ବିରିୟାନୀ ହଣ୍ଟ ସିଜିନ୍-୩ର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଜଣେ ପ୍ରକୃତ ବିରିୟାନୀ ପ୍ରେମୀଙ୍କ ପାଇଁ, ଏକ ଉତ୍କୃଷ୍ଟ ବିରିୟାନୀ ଖୋଜି ପାଇବା ପାଇଁ ଦୂର ସ୍ଥାନକୁ ଯିବା ମଧ୍ୟ ସାର୍ଥକ ମନେହୁଏ। ସର୍ବୋତମ ବିରିୟାନୀ ସବୁବେଳେ ସୋସିଆଲ୍ ମିଡିଆରେ ଚର୍ଚ୍ଚିତ କିମ୍ବା ଅତ୍ୟଧିକ ଭିଡ଼ ଜମାଉଥିବା ସ୍ଥାନର ହୋଇନପାରେ; ବରଂ ଏହା ସେହି ବିରିୟାନୀ ହୋଇପାରେ ଯାହା ପାଇଁ ଲୋକେ ଅନ୍ୟ ସ୍ଥାନକୁ ଯାଆନ୍ତି, ଲୋକମୁଖରୁ ଶୁଣି ସେଠାରେ ପହଂଚନ୍ତି ଏବଂ ବାରମ୍ବାର ସେଠାକୁ ଫେରି ଆସନ୍ତି। ଏକ ଅବିସ୍ମରଣୀୟ ବିରିୟାନୀ ଖୋଜିବାର ଏହି ଉତ୍ସାହକୁ ଆଧାର କରି, 'ଥମ୍ସ ଅପ୍' ଏହାର ତୁଫାନୀ ବିରିୟାନୀ ହଂଟର ତୃତୀୟ ସିଜିନ୍ ସହିତ ଫେରିଛି। ଏହା ବିରିୟାନୀ ପ୍ରତି ଭାରତର ଗଭୀର ଭଲପାଇବା ଏବଂ ବିରିୟାନୀ ସହିତ ଥମ୍ସ ଅପ୍‌ର ଅତୁଳନୀୟ ଯୋଡ଼ିକୁ ଉତ୍ସବ ଭଳି ପାଳନ କରିବାର ଯାତ୍ରାକୁ ଜାରି ରଖିଛି।

## ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ

# ସାରା ରାଜ୍ୟରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, (ସବ୍ୟୁ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁନିଟ୍- ୧ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଂଶଗ୍ରହଣ ଓ ସହଭାଗିତାକୁ ପ୍ରଶଂସା କରିଛନ୍ତି । ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ୱାର୍ଡ ନଂ ୪୦ ର କର୍ପୋରେଟର୍ ଆସିୟା ବେଗମ୍, ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡଃ ଏନ୍.ତିରୁମାଲା ନାୟକ, ସ୍ୱତନ୍ତ୍ର ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଙ୍ଗୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେବା ସଂକଳ୍ପ ଅଭିଯାନରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ରାଜ୍ୟ ସରକାର । ସ୍ୱଚ୍ଛତା, ସେବା ଓ ସଂକଳ୍ପକୁ ପାଥେୟ କରି ରାଜ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଉଛି । ଏହିକ୍ରମରେ ୪୮ ହଜାରରୁ ଅଧିକ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅବସରରେ "ମୋ ସ୍ୱପ୍ନର ଭାରତ" ବିଷୟବସ୍ତୁକୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ଏଥିରେ ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀମାନେ ତୂଳୀ, କାଗଜ ମାଧ୍ୟମରେ ନିଜ ନିଜ ସ୍ୱପ୍ନର ଭାରତକୁ ଆଙ୍କିଥିଲେ



। ବିକଶିତ ଭାରତ ଗଠନରେ ନିଜର ପରିକଳ୍ପନାକୁ ଚିତ୍ରାଙ୍କନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଜୀବନ୍ତ କରିପାରିଛନ୍ତି ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମତ ବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ସ୍ୱାଗତ ଅଭିଭାଷଣ ରଖିବା ସହ ସେବା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ବିଭାଗର ସଫଳତାକୁ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ରାଜ୍ୟର ୩୦ ଗୋଟି ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ମୋଟ୍ ୧୨ ଲକ୍ଷ ୫୦ ହଜାର ଛାତ୍ରଛାତ୍ରୀ, ଅଭିଭାବକ, ସମୁଦାୟ, ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ସେବା ସଂକଳ୍ପ ଅଭିଯାନକୁ ନେଇ ପ୍ରଥମେ ବିଦ୍ୟାଳୟସ୍ତରୀୟ, ପରେ ପରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିସହ ଛାତ୍ରଛାତ୍ରୀମାନଙ୍କ ଚିତ୍ରାଙ୍କନକୁ ନେଇ ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯାଇଥିବା ନେଇ ବିଭାଗୀୟ ସଚିବ ସୂଚନା ଦେଇଛନ୍ତି । ଏଥିସହ ରାଜ୍ୟସ୍ତରର ପ୍ରତିଯୋଗିତାରେ ଆଜି ୧୮୦ ଜଣ କୃତି ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ତିନୋଟି ବିଭାଗରେ ଉଭୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ଶ୍ରେଷ୍ଠ ୧୮ ଜଣଙ୍କୁ ପୁରସ୍କୃତ କରାଯାଇଛି ।

## ନିରାକାରପୁର କଲେଜ ବିସିଜେଡି ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ

# ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର

ଖୋର୍ଦ୍ଧା, (ସବ୍ୟୁ): ଛାତ୍ର ସଂସଦ ନିର୍ବାଚନକୁ ନେଇ ଖୋର୍ଦ୍ଧା ଜିଲ୍ଲାରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ନିରାକାରପୁର କଲେଜର ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ସଭାପତି ପ୍ରାର୍ଥୀ ବିଷ୍ଣୁଚରଣ ସେନାପତିଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ଅଞ୍ଚଳର ରତାମାଟି ନାଲସିଂହ ଗ୍ରାମରେ ନିର୍ବାଚନୀ ପ୍ରଚାର କରୁଥିବା ସମୟରେ ଏହି ଘଟଣା ଘଟିଥିବା କୁହାଯାଉଛି । ଆକ୍ରମଣରେ ବିଷ୍ଣୁଚରଣ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା କରାଯାଇ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଯାଇଛି । ଏହି ଘଟଣାକୁ ନେଇ ଜିଲ୍ଲା ରାଜନୀତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ନିରାକାରପୁର କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି । ଏହି ପରିପ୍ରେକ୍ଷୀରେ ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥୀ ବିଷ୍ଣୁଚରଣ ସେନାପତି ରତାମାଟି ନାଲସିଂହ ଗ୍ରାମରେ ନିର୍ବାଚନୀ ପ୍ରଚାର କରୁଥିଲେ । ଏହି ସମୟରେ ଏକ ଘର ନିକଟରୁ କିଛି ଯୁବକ ତାଙ୍କୁ ଟାଣି ନେଇ ଆକ୍ରମଣ କରିଥିବା ବିସିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ଆକ୍ରମଣରେ ବିଷ୍ଣୁଚରଣ ଗୁରୁତର ଆହତ ହୋଇଥିଲେ । ଘଟଣା ପରେ ତାଙ୍କ ସାଙ୍ଗ ଓ ବିଜେଡି କର୍ମୀମାନେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଘଟଣାକୁ ନେଇ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ତୀବ୍ର ନିନ୍ଦା କରିଛନ୍ତି । ସେ କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନରେ ହିଂସାର କୌଣସି ସ୍ଥାନ ନାହିଁ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେବା ପରିବର୍ତ୍ତେ ବିଭିନ୍ନ



ସ୍ଥାନରେ ଜୋରଜବରଦସ୍ତି ଓ ଦାଦାଗିରି ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ ହେଉଥିବା ସେ ଅଭିଯୋଗ କରିଛନ୍ତି । ଏହି ଆକ୍ରମଣରେ ଶାସକ ଦଳର ସମର୍ଥିତ ଅଣଛାତ୍ରମାନେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଛନ୍ତି । ନ୍ୟାୟ ନମିଳିଲେ ଛାତ୍ର ସମାଜ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ମଧ୍ୟ ସେ ଚେତାବନୀ ଦିଆଯାଇଛି ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ଅଭିଯୁକ୍ତ ଗିରଫ

ଚୌଦ୍ୱାର,(ସବ୍ୟୁ): ଚୌଦ୍ୱାର ଥାନା ଅନ୍ତର୍ଗତ ଡାଳିଯୋଡ଼ା ବରହମପୁର ପଂଚାୟତର ସରପଂଚ କଲ୍ୟାଣୀ ଦାସଙ୍କ ସ୍ୱାମୀ ଜଗନ୍ନାଥ ଦାସଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ ଘଟଣାର ଅଭିଯୁକ୍ତ କାହ୍ନୁ ସ୍ୱାଇଁଙ୍କୁ ପୁଲିସ୍ ଗରିଫ୍ କରିବା ସହ କୋର୍ଟଚାଲାଣ କରିଥିବା ନେଇ ସୂଚନା ମିଳିଛି । ସୂଚନାଥାଉକି, ଗ୍ରାମର କାହ୍ନୁ ସ୍ୱାଇଁ ନାମକ ଜଣେ ଯୁବକ ସହ ଜଗନ୍ନାଥଙ୍କର ପାଟିତୁଣ୍ଡ ହୋଇଥିବା ନେଇ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ବେଳେ ରବିବାର ସଂଧ୍ୟାରେ କାହ୍ନୁ ଏକ ଧାରୁଆ କଟୁରୀରେ ଜଗନ୍ନାଥଙ୍କ ବେକକୁ ଆକ୍ରମଣ କରିଥିଲା । ଫଳରେ ତାଙ୍କର ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଜଗନ୍ନାଥଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଏକ ଘରୋଇ ଡାକ୍ତରଖାନା ଓ ପରେ କଟକ ବଡ଼ଡାକ୍ତରଖାନା ପଠାଯାଇଥିଲା । ଏ ନେଇ ଜଗନ୍ନାଥଙ୍କ ସ୍ତ୍ରୀ କଲ୍ୟାଣୀ ଦାସ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତ କାହ୍ନୁକୁ ଗିରଫ କରିବା ସହ କୋର୍ଟଚାଲାଣ କରିଥିବା ବେଳେ ଏହା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଛି ବୋଲି ପ୍ରାଥମିକ ସୂତ୍ରରୁ ଜଣାପଡ଼ିଛି ।

## ସିରିଜ୍ ଦୁର୍ଘଟଣା ଘଟାଇ ହତ୍ୟା ଉଦ୍ୟମ : ୪ ଏତଲା, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : କଟକ-ପୁରୀ ବାଇପାସ୍‌ରେ ସିରିଜ୍ ଦୁର୍ଘଟଣା ଘଟାଇ ହତ୍ୟା ଉଦ୍ୟମ କରିଥିବା ପେସାଦାର ଅପରାଧୀ ଡ୍ରାଇଭର ସୌମ୍ୟରଞ୍ଜନ ରଥକୁ ଗିରଫ କରିଛି ବଡଗଡ ଥାନା ପୋଲିସ । ତାଙ୍କ ବିରୋଧରେ ଚାରୋଟି ଏତଲା କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଏସିପି ସୂଚନା ଦେଇଛନ୍ତି । ଦୁର୍ଘଟଣାରେ ୪/୫ଜଣ ଆହତ ହୋଇଥିବା ବେଳେ ୫ଟି ଗାଡି ଜଖମ ହୋଇଥିଲା । ଜଖମ ଗାଡି ମଧ୍ୟରୁ ତିନୋଟି ଓ ଦୁର୍ଘଟଣା ଘଟାଇଥିବା ଇଭି କାର୍‌କୁ ଜବତ କରାଯାଇଥିବା ପୋଲିସ କହିଛି । ଦୁର୍ଘଟଣା ଘଟାଇଥିବା କାର୍‌ରୁ ଜଣେ ପୋଲିସ ଅଫିସରଙ୍କ ପରିଚୟପତ୍ର ମିଳିଥିବାରୁ ସେ ଦିଗରେ ତଦନ୍ତ ହେଉଛି ।

ଜୟଦେବବିହାରରେ ରହୁଥିବା ସୌମ୍ୟରଞ୍ଜନ ରଥ ଜୁଲାଇ ମାସରେ ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଛକରେ ଦୁର୍ଘଟଣା ଘଟାଇଥିଲା । ତାଙ୍କ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା । ସେହି ଘଟଣାରେ ଖାରବେଳନଗର ଥାନା ପୋଲିସ ସୌମ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ସେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନରେ ଆସିଛନ୍ତି । ରବିବାର କଟକ-ପୁରୀ ବାଇପାସ୍ ରାସ୍ତାରେ ଥିବା ଡାର୍ଲିଂ ଢାବାରେ ସୌମ୍ୟ ଓ ତାଙ୍କ ସାଙ୍ଗମାନେ ରାତିତମାମ ଖାଇବା, ପିଇବା କରିଥିଲେ । ଟଙ୍କା ଦେବା ନେବାକୁ ନେଇ ଢାବା ମାଲିକ ତପନ ଦାସ ଓ ତାଙ୍କ ସାଙ୍ଗଙ୍କ ସହ ପାଟିତୁଣ୍ଡ ହୋଇଥିଲା । ସେଠାରେ ଗଣ୍ଡଗୋଳ ହେବା ପରେ ସେମାନେ ଦ୍ରୁତ ଗତିରେ ଆସି ବାଇକ୍‌ରେ ଯାଉଥିବା ସ୍ୱାମୀ-ସ୍ତ୍ରୀଙ୍କୁ ଧକ୍କା ଦେଇଥିଲେ । ବାଇକ୍‌କୁ ଧକ୍କା ଦେବା ପରେ ପୁଣି ନିଶାଶକ୍ତ ଅବସ୍ଥାରେ କାର୍ ବୁଲାଇ ଡାର୍ଲିଂ ଢାବା ଅଭିମୁଖେ ଯାଇଥିଲେ ।

ସେଠାରେ ଯାଇ ଢାବା ମାଲିକ ତପନ ଓ ତାଙ୍କ ସାଙ୍ଗକୁ ଧକ୍କା ଦେବା ସହ ୩/୪ଜଣ କର୍ମଚାରୀଙ୍କ ପାର୍କିଂ ହୋଇଥିବା ବାଇକ୍ ଉପରେ କାର୍ ଚଢାଇଥିଲେ ।

## ମାଲକାନଗିରି ସୀମାନ୍ତରେ ମାଓ ଡମ୍ପ ଠାବ

# ୪୬ ଜୀବନ୍ତ ଗୁଳି ସହ ବ୍ୟାପକ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, (ସବ୍ୟୁ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ମାଓ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀକୁ ବଡ଼ ସଫଳତା ମିଳିଛି । କିଷ୍ଟାରାମ ଥାନା ଅନ୍ତର୍ଗତ ପାଲାଚଲମା ଗ୍ରାମର ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରୁ ମାଓବାଦୀ ଲୁଚାଇ ରଖିଥିବା ଡମ୍ପରୁ ୧୩ଟି ବିଭିନ୍ନ ପ୍ରକାରର ଅସ୍ତ୍ର, ୪୬ଟି ଜୀବନ୍ତ ଗୁଳି ଓ ୨୦୮ଟି ନନ-ଇଲେକଟ୍ରିକ ଡିଟୋନେଟର ସମେତ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଅକ୍ଟୋବର ୧୨ ତାରିଖରେ ଏହି ଅଭିଯାନ ଚଳାଯାଇଥିଲା । ଜିଲ୍ଲା ବଳ, ଡିଆରଜି ଓ ବସ୍ତର ଫାଇଟର୍ସର ମିଳିତ ଟିମ ପାଲାଚଲମା ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ଏରିଆ ଡୋମିନେସନ ଏବଂ ସର୍ଚ୍ଚ ଅପରେସନ ଚଳାଇଥିବା ବେଳେ ଏହି ଗୁପ୍ତ ଡମ୍ପ ସନ୍ଧାନ ମିଳିଥିଲା । ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ୨ଟି .୩୦୩ ରାଇଫଲ, ୩ଟି ୧୨ ବୋର୍ ରାଇଫଲ, ୪ଟି ବିଜିଏଲ ଲଞ୍ଚର୍,





୨ଟି ଭରମାର ବନ୍ଧୁକ, ଗୋଟିଏ ସିଙ୍ଗଲ-ସଟ ବନ୍ଧୁକ ଓ ଗୋଟିଏ ଦେଶୀ କଟା ରହିଛି । ଏଥିସହ ଇନସାସ ମ୍ୟାଗାଜିନ ସହ ୨୬ଟି ଜୀବନ୍ତ ରାଉଣ୍ଡ, ୧୨ ବୋର୍ ୨୦ଟି ଜୀବନ୍ତ ଗୁଳି, ଗୋଟିଏ ତୀର ବୋମା, ୨ଟି ବିଜିଏଲ ସେଲ ଓ ଗୋଟିଏ ଓ୍ୱାୟାରଲେସ ସେଟ ମଧ୍ୟ ଜବତ ହୋଇଛି । ଏହାବ୍ୟତୀତ ଓ୍ୱାୟାରଲେସ ଚାର୍ଜର, ମ୍ୟାଗାଜିନ ପାଉଚ ଓ ବିଭିନ୍ନ ରାଇଫଲ୍ର ଖାଲି ଖୋକା ଉଦ୍ଧାର କରାଯାଇଛି । ସୁକମା ପୁଲିସ ଅଧୀକ୍ଷକ ମୟଙ୍କ ଗୁର୍ଜର ଓ ଅତିରିକ୍ତ ପୁଲିସ ଅଧୀକ୍ଷକ (ମାଓ ଅପରେସନ୍ସ) ରୋହିତ ଶାହଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା । ଜବତ ସାମଗ୍ରୀକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିୟମାନୁଯାୟୀ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଜାରି ରହିଛି । ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ବିକାଶକୁ ସୁଦୃଢ଼ କରିବା ପାଇଁ ନକ୍ସଲ ବିରୋଧୀ ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ସୁକମା ପୁଲିସ ପକ୍ଷରୁ କୁହାଯାଇଛି ।

## ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୬ର ଦଶମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬ର ଦଶମ ସଂସ୍କରଣ ଏକ ଐତିହାସିକ ଉଦଘାଟନୀ ଅଧିବେଶନରେ ବିଶ୍ୱ ଶିଳ୍ପପତି, ନୀତି ନିର୍ଦ୍ଧାରକ, ଟେଲିକମ୍ ଅପରେଟର ଏବଂ ଶିକ୍ଷାବିତ୍ ଏକତ୍ରିତ ହୋଇ ଫୋରମର ପରିଭାଷିତ ବିଷୟବସ୍ତୁ "ସୀମା ବିନା ସ୍କେଲ' କୁ ଆଗକୁ ବଢାଇବାକୁ ଚେଷ୍ଟା କରାଯାଇଥିଲା । ଏହି ଦିନ ୬ଜି ଟେଷ୍ଟବେଡ୍, ଡାଇରେକ୍ଟ-ଟୁ-ଡିଭାଇସ୍ ସାଟେଲାଇଟ୍ ସଂଯୋଗ ଏବଂ ଏଆଇ-ଦେଶୀ ଡିଜିଟାଲ୍ ଭିର୍ତିଭୂମିର ମୁଦ୍ରାକରଣ ଉପରେ ରଣନୀତିକ ଆଲୋଚନାକୁ ଗଭୀର କରିଥିଲା, ଯାହା ଫୋରମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦିବସ ପାଇଁ ମଂଚ ସ୍ଥିର କରିଥିଲା । ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମସି) ୨୦୨୬ର ଦଶମ ସଂସ୍କରଣକୁ ଆଜି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆନୁପଚାରିକ ଭାବେ ଉଦଘାଟନ କରିଛନ୍ତି । ମାନବ ସମାଜର ସେବା ପାଇଁ ପ୍ରଯୁକ୍ତିବିଦ୍ୟା, ଗବେଷଣା, ଶିଳ୍ପ, ପୁଞ୍ଜି ବିନିଯୋଗ ଏବଂ ଚିନ୍ତାଧାରାକୁ ଏକତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସେ ଆଇଏମସିକୁ ପ୍ରଶଂସା କରିଛନ୍ତି । ଟେକ୍ନୋଲୋଜି କେବଳ ବିଶ୍ୱାସ ମାଧ୍ୟମରେ ମାପ କରେ ବୋଲି ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉପଭୋକ୍ତାରୁ ବିଶ୍ୱ ସୃଷ୍ଟିକର୍ତ୍ତା ପର୍ଯ୍ୟନ୍ତ ଭାରତର ଦ୍ରୁତ ବିକାଶ ଉପରେ ଆଲୋକପାତ କରିଥିଲେ ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଜୟନ୍ତୀ

ଭୁବନେଶ୍ୱର, (ସବ୍ୟୁ): ଏ ନସିଇଆରଟି ପରିଚାଳିତ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସହିତ ଅନୁ ବନ୍ଧିତ ପୂର୍ବାଞ୍ଚଳ ପାଇଁ ସର୍ବ ଭାରତୀୟ ସ୍ଥର ରେ କୃତି ଛାତ୍ର, ଛାତ୍ରୀ ମାନଙ୍କୁ ବାଧ୍ୟତାମୂଳକ ଆବାସିକ ମାନ୍ୟତା ହେତୁ ପରିସର ରେ ଥିବା ଛଅ ଗୋଟି ଛାତ୍ରାବାସ ମହାପୁରୁଷ ମାନକ ନାମ ରେ ନମିତା ହୋଇଛି ।



ଏଗୁଡ଼ିକ ହେଲା ଗୋପବନ୍ଧୁ ଛାତ୍ରାବାସ, ରାମାନୁଜ , ଆଶୁତୋଷ , ହୋମୀ ଭାବା , ସରୋଜିନୀ ଓ ଲକ୍ଷ୍ମୀ ବାଇ । ପୁରାତନ ଛାତ୍ର ସଂସଦ ଓ ଗୋପବନ୍ଧୁ ଛାତ୍ରୀ ନିବାସ ଅନ୍ତେବାସୀ ମାନଙ୍କ ମିଳିତ ଉଦ୍ୟମ ରେ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଓ ଛାତ୍ର ଛାତ୍ରୀ ମାନଙ୍କ ବୌଦ୍ଧିକ ବିକାଶ ନିମନ୍ତେ ଉକ୍ତ ମହାପୁରୁଷ ମାନଙ୍କର ଧରା ଅବତରଣ ଓ ସ୍ୱର୍ଗ ଆରୋହଣ ଉତ୍ସବ ପରମ୍ପରା ଅନୁଯାୟୀ ପାଳନ କରାଯାଏ । ଏହି ଅବସର ରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ର ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ପ୍ରଫେସର ବେହେରା ତାଙ୍କ ବାର୍ତ୍ତା ରେ ଉତ୍କଳମଣିଙ୍କ ଆଧୁନିକ ଯୁଗ ନିର୍ମାଣରେ ତାଙ୍କର ମହନୀୟତା ଅବର୍ଣ୍ଣନୀୟ ବୋଲି ପ୍ରକାଶ କରିଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ବନ୍ୟା,ବାତ୍ୟା,ମରୁଡି,ଦୁର୍ବିପାକ ରେ ନିରାଶ୍ରୟ ଜନ ସାଧାରଣଙ୍କୁ ନିସ୍ୱାର୍ଥ ସେବା ସହାୟତା ଯୋଗାଇ ମାନବୀୟ ଗୁଣ ଏବଂ ନିଜର ଚେତନା ରେ ଉତ୍କଳୀୟ ଭାବନା ରଖି ଜାତୀୟତା ର ନିଛକ ନିଦର୍ଶନ ରଖି ଯାଇ ଛନ୍ତି । ତାଙ୍କର ଅନୁଗାମୀ ହେଲେ ଆମ୍ଭେ ସମସ୍ତ ବିକାଶ ରେ ସହାୟକ ହୋଇ ପାରିବା ବୋଲି ସେ କହିଥିଲେ । ଏହି ଅବସର ରେ ପୂରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ଡ଼ା. ହାଡିବନ୍ଧୁ ପଟ୍ଟନାୟକ ମୁଖ୍ୟ ଅତିଥି,ଏବଂ ଉପସ୍ଥିତ ଅତିଥି ଓ ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ ।

ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ଡ଼ା ହାଡିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରମେଶ ଚନ୍ଦ୍ର ପାତାଳ ସିଂହ, ପୂର୍ବତନ ସମ୍ପାଦକ ସହଦେ ମଲ୍ଲିକ, କାର୍ଯ୍ୟ ନିର୍ବାହୀ ସଦସ୍ୟ ପ୍ରଫେସର ଧ୍ରୁବାନନ୍ଦ ବେହେରା, ପୂର୍ବତନ ମାର୍ଗ ଦର୍ଶକ ପ୍ରସନ୍ନ କୁମାର ଭଞ୍ଜ,ମାର୍ଗ ଦର୍ଶକ ପ୍ରଦୀପ କୁମାର ବେହେରା, ସମ୍ପ୍ରସାରିତ କାର୍ଯ୍ୟ ନିର୍ବାହୀ ସଦସ୍ୟ ଅରୁଣ କୁମାର ପତି, ଓ ମାର୍ଗ ଦର୍ଶକ ଓ ପ୍ରତିଷ୍ଠାନ ର ପୁରାତନ ଛାତ୍ର ଆ ଏ ଏସ (ସେବା ନିବୃତ୍ତ) ସନ୍ତୋଷ କୁମାର ଶତପଥୀ ପ୍ରମୁଖ ବହୁ କର୍ମକର୍ତ୍ତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବ୍ୟକ୍ତିର ଆଲୋକପାତ କରି ସ୍ମୃତି ଚାରଣ କରି ଥିଲେ । ପ୍ରତିଷ୍ଠାନ ପକ୍ଷ ରୁ ପ୍ରଫେସର ରଶ୍ମି ରେଖା ସେଠୀ, ଡ. ସୌରଭ କପୂର୍, ଡ. ଦେବାଶିଷ ମହାପାତ୍ର , ଡ. ପୁଷ୍ପ ଲତା ନେଗି ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରି ଥିଲେ । ଛାତ୍ରୀ ନିବାସର ୱାର୍ଡନ ଡ. ଶଶିକଳା ସମ୍ଭାଷଣ ରେ ଉପସ୍ଥିତ ଅତିଥି ଓ ଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ ।

## ପୁରୀରେ 'ସ୍ୱଚ୍ଛତା ଅଭିଯାନ'ରେ ସାମିଲ ହେଲେ ସାଂସଦ ଧର୍ମେନ୍ଦ୍ର

# ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସଚେତନ କରିବା

ଭୁବନେଶ୍ୱର (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସରୁ ଆରମ୍ଭ ହୋଇଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବଡ଼ଦାଣ୍ଡରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ସିଙ୍ଗିଲ୍-ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ସଚେତନତା ତିଆରି କରିବା ପାଇଁ ଜନସାଧାରଣମାନଙ୍କୁ ସେ ନିବେଦନ କରିଛନ୍ତି । ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ବଡ଼ଦାଣ୍ଡ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ 'ସ୍ୱଚ୍ଛତା ଅଭିଯାନ'ରେ ସାମିଲ ସାମିଲ ହୋଇଥିଲେ । ପରେ ମା' ପାଇଁ ଗଛଟିଏ ଅଭିଯାନରେ ସେଠାରେ ବୃକ୍ଷରୋପଣ କରିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅବସରରେ ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମରେ ସାମିଲ ହୋଇ ସ୍ୱଚ୍ଛ ସାଥୀଙ୍କୁ ସମ୍ମାନିତ କରିଥିଲେ ଶ୍ରୀ ପ୍ରଧାନ । ଏହି ଅବସରରେ ସେ



କହିଛନ୍ତି ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପରମ୍ପରାରେ ସ୍ୱଚ୍ଛତା ଏବଂ ପବିତ୍ରତାକୁ ସର୍ବଦା ପ୍ରଥମ ସ୍ଥାନ ଦିଆଯାଇଛି । ମାର୍ଗଶୀର ଗୁରୁବାରର ମାଣବସା ଓଷା ଏବଂ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ପ୍ରସଙ୍ଗଗୁଡ଼ିକ ଆମ ସଂସ୍କୃତିରେ ସ୍ୱଚ୍ଛତାର ମହତ୍ତ୍ୱକୁ ଦର୍ଶାଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ଆଧାର କରି 'ସ୍ୱଚ୍ଛତା'କୁ ଏକ ବିଶାଳ ଜନ-ଆନ୍ଦୋଳନରେ ପରିଣତ କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ପବିତ୍ର ଧାମକୁ ସ୍ୱଚ୍ଛ, ପରିଚ୍ଛନ୍ନ ଓ ସୁନ୍ଦର ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ।ପରିବେଶ ପ୍ରତି ସିଙ୍ଗିଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ଭୟାବହତା ସମ୍ପର୍କରେ ଚେତାବନୀ ଦେଇ ସେ କହିଛନ୍ତି ଯେ, ପ୍ଲାଷ୍ଟିକ୍ ଏବଂ ଜରି ଆମ ପରିବେଶ, ଗୋ-ସମ୍ପଦ ଏବଂ ସମୁଦ୍ରର ଜୀବଜନ୍ତୁଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି । ପ୍ଲାଷ୍ଟିକ୍ କପ୍‌ରେ ଗରମ ଚା' ପିଇବା ଦ୍ୱାରା ଏହା ଶରୀର ଭିତରକୁ ଯାଇ ସ୍ୱାସ୍ଥ୍ୟହାନି ଘଟାଉଛି, ଯାହା ବିଜ୍ଞାନୀ ଓ ଚିକିତ୍ସକମାନେ ମଧ୍ୟ ସ୍ପଷ୍ଟ କରିଛନ୍ତି । ଆମେ ଯେପରି ନିଜ ଘର, ଅଗଣା ଓ ଶୌଚାଳୟକୁ ସଫା ରଖୁଛୁ, ସେହିପରି ଗାଁ ଦାଣ୍ଡ, ମନ୍ଦିର ଏବଂ ପରିବେଶକୁ ସ୍ୱଚ୍ଛ ରଖିବାକୁ ଏକ ନିୟମିତ ସାମାଜିକ ଅଭ୍ୟାସ ଓ ସଂସ୍କାରରେ ପରିଣତ କରିବାକୁ ପଡ଼ିବ । ପବିତ୍ର ନବରାତ୍ରୀ, ଦଶହରା, ଲକ୍ଷ୍ମୀପୂଜା ଓ ଦୀପାବଳିର ଆଗମନ ଅବସରରେ ଶ୍ରୀ ପ୍ରଧାନ ନିଜ ଜୀବନରେ ସିଙ୍ଗିଲ୍-ୟୁଜ୍ ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ କରିବା ଏବଂ ଏକବିଂଶ ଶତାବ୍ଦୀରେ 'ସ୍ୱଚ୍ଛ ପୁରୀ, ପବିତ୍ର ପୁରୀ, ସୁସ୍ଥ ପୁରୀ ଓ ସମୃଦ୍ଧ ପୁରୀ' ଗଠନ ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ନିବେଦନ କରିଛନ୍ତି । ଗୁଣ୍ଡିଚା ମୂଷାର ସେବା ଭଳି ପ୍ରତ୍ୟେକ ନାଗରିକଙ୍କର ସ୍ୱଚ୍ଛତା ରଥରେ ସାମାନ୍ୟ ଯୋଗଦାନ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ସମସ୍ତ ସ୍ୱଚ୍ଛତା ସାଥୀ, ଯୁବବର୍ଗ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଥିଲେ । ସ୍ୱଚ୍ଛତା ଅଭିଯାନରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସାମିଲ ହୋଇଥିଲେ ।

## ସ୍ଥାୟୀ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ସଂପର୍କିତ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ): କୃଷି ଓ ଶିଳ୍ପଜାତ ବର୍ଜ୍ୟବସ୍ତୁ ତଥା ଉପଜାତ ପଦାର୍ଥର ବିନିଯୋଗ ମାଧ୍ୟମରେ ମତ୍ସ୍ୟ ଖାଦ୍ୟ ପ୍ରସ୍ତୁତି ସଂପର୍କିତ ଗବେଷଣା ଓ ଆଧୁନିକ ଜ୍ଞାନକୁ ନେଇ ପ୍ରସ୍ତୁତ ପୁସ୍ତକ 'ଫିସ୍ ଫିଡ୍ ଫର୍ମୁଲେସନ୍ ୱିଥ୍ ଆଗ୍ରୋ-ଇଣ୍ଡଷ୍ଟ୍ରିଆଲ୍ ୱେଷ୍ଟସ୍ ଆଣ୍ଡ ବାଏପ୍ରଡକ୍ଟସ୍'କୁ ନିକଟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚିତ କରିଛନ୍ତି । ସୋଆର ଶିଳ୍ପ ଜୈବପ୍ରଯୁକ୍ତି ଗବେଷଣା କେନ୍ଦ୍ର (ସିଆଇବିଆର)ର ନିର୍ଦ୍ଦେଶକ ପ୍ରଫେସର ହୃଦୟନାଥ ଥାଟୋଇ, ପଶ୍ଚିମବଙ୍ଗର ରାଇଗଞ୍ଜ ବିଶ୍ୱବିଦ୍ୟାଳୟର ମାଇକ୍ରୋବାୟୋଲୋଜି ପ୍ରଫେସର ଡକ୍ଟର ପ୍ରଦୀପ କେ. ଦାସ ମହାପାତ୍ର, ଅହମ୍ମଦାବାଦସ୍ଥିତ ଫିନେ ବାୟୋଟେକ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ପାର୍ଥ ବାନାର୍ଜୀ ଏବଂ ସିଆଇବିଆରର ସହକାରୀ ପ୍ରଫେସର ଡକ୍ଟର ସୌରଭ ଚଟ୍ଟରାଜଙ୍କ ସଂପାଦନାରେ ପ୍ରକାଶିତ ଏହି



ପୁସ୍ତକରେ ଦେଶ ଓ ବିଦେଶର ବିଭିନ୍ନ ଗବେଷକ, ବୈଜ୍ଞାନିକ ଓ ଅଧ୍ୟାପକଙ୍କ ଗବେଷଣାଲବ୍ଧ ଜ୍ଞାନ ଓ ଅଭିଜ୍ଞତାକୁ ସ୍ଥାନ ଦିଆଯାଇଛି । ଆକ୍ୱାକଲ୍‌ଚର, ମତ୍ସ୍ୟ ବିଜ୍ଞାନ, ଜୈବପ୍ରଯୁକ୍ତି, ପୁଷ୍ଟି ବିଜ୍ଞାନ ଓ ପରିବେଶ ବିଜ୍ଞାନ ଭଳି ବିଭିନ୍ନ କ୍ଷେତ୍ରର ଜ୍ଞାନକୁ ଏହି ପୁସ୍ତକରେ ସ୍ଥାନିତ କରାଯାଇଛି । ଏହି ପୁସ୍ତକର ଗୁରୁତ୍ୱ କେବଳ ଶିକ୍ଷା ଓ ଗବେଷଣା ମଧ୍ୟରେ ସୀମିତ ନୁହେଁ; ଏହାର ସାମାଜିକ ଓ ପରିବେଶଗତ ଗୁରୁତ୍ୱ ମଧ୍ୟ ରହିଛି । ପାରଂପରିକ ମତ୍ସ୍ୟ ଖାଦ୍ୟ ଉପାଦାନ ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ଭାବେ ଉପଲବ୍ଧ ସମ୍ବଳର ବ୍ୟବହାର ଦ୍ୱାରା ମତ୍ସ୍ୟଚାଷୀ ଓ ଜଳକୃଷି ଉଦ୍ୟୋଗୀମାନେ ଉପକୃତ ହୋଇପାରିବେ । ବିଶେଷକରି ମତ୍ସ୍ୟ ଖାଦ୍ୟରେ ଅଧିକ ଖର୍ଚ୍ଚ କରୁଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହା ଲାଭଦାୟକ ହୋଇପାରେ ।

# ମୟୂରଭଞ୍ଜ ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ବିଶାଳ ଗଣଧାରଣା

## ସାମ୍ବାଦିକଙ୍କ ସ୍ୱାଭିମାନ କଲ୍ୟାଣ ଓ ସୁରକ୍ଷା ଦାବି



ବାରିପଦା, (ସବ୍ୟୁ) : ସାମ୍ବାଦିକମାନଙ୍କ ସ୍ୱାଭିମାନ, ସ୍ୱାର୍ଥ, କଲ୍ୟାଣ ଓ ସୁରକ୍ଷା ଦାବିରେ ମୟୂରଭଞ୍ଜ ସାମ୍ବାଦିକ ମିଳିତ ମହାମଞ୍ଚ ପକ୍ଷରୁ ସୋମବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକରୁ ଶହ ଶହ ସାମ୍ବାଦିକ ଏହି ଆନ୍ଦୋଳନରେ ସାମିଲ ହୋଇ ସାମ୍ବାଦିକଙ୍କ ପ୍ରତି ଅବହେଳା ଓ ସୁରକ୍ଷା ସମ୍ପର୍କିତ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହି ମହାମଞ୍ଚରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ), ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ (ଏସ୍‌ୟୁଜେ), କଳିଙ୍ଗ ପେସାଦାର ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାର ଏବଂ ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ସଦସ୍ୟମାନେ ଯୋଗଦେଇଥିଲେ । ସାମ୍ବାଦିକଙ୍କ ମର୍ଯ୍ୟାଦା, ସୁରକ୍ଷା ଓ ସାମୂହିକ ସ୍ୱାର୍ଥରକ୍ଷା ପାଇଁ ସଂଗଠନଗତ ମତଭେଦରୁ ଊର୍ଦ୍ଧ୍ୱରେ ରହି ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବାକୁ ସମସ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ । ଆଗାମୀ ଦିନରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ଦୃଢ଼ ଭାବେ ଲଢ଼େଇ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା । ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଧାରଣାରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ଅଭିଜିତ ମହାନ୍ତି, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ପରିବାରର ଦୋଳଗୋବିନ୍ଦ ବାରିକ, ରାଜ୍ୟ ସାମ୍ବାଦିକ ସଂଘର କର୍ମକର୍ତ୍ତା ପ୍ରୟାଗ ରାଜକର, ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ଶିବାଦିତ୍ୟ ପଣ୍ଡାଙ୍କ ସମେତ ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ନିହାର ରଞ୍ଜନ ବେହେରା, ସନ୍ତୋଷ କୁମାର ବାଛିନି, ମଳୟ କୁମାର ନାୟକ, ପ୍ରଫୁଲ୍ଲ କୁମାର ଦଳେଇ, କ୍ଷୀରୋଦ ଚନ୍ଦ୍ର ଦାସ, ମାନସ ବେହେରା ଓ ଅକ୍ଷୟ କୁମାର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବକ୍ତାମାନେ କହିଥିଲେ ଯେ, ସାରା ଦେଶରେ ସାମ୍ବାଦିକମାନଙ୍କ ମର୍ଯ୍ୟାଦା, କଲ୍ୟାଣ ଓ ସୁରକ୍ଷା ନେଇ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ସାମ୍ବାଦିକଙ୍କ ପ୍ରତି ପ୍ରଶାସନିକ ଅଣଦେଖା ଓ ଆକ୍ରମଣ ଘଟଣା ବୃଦ୍ଧି ପାଉଥିବାରୁ ଏହାର ପ୍ରତିକାର ଆବଶ୍ୟକ । ସାମ୍ବାଦିକଙ୍କ ଅଧିକାର ଓ ସୁରକ୍ଷା ପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ସହ ଏ ଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ । ଜିଲ୍ଲାର ସମସ୍ତ ସାମ୍ବାଦିକ ସଂଗଠନଗତ ମତଭେଦକୁ ପଛରେ ପକାଇ ଏକ ମଞ୍ଚରେ ଏକତ୍ରିତ ହୋଇଥିବାରୁ ମହାମଞ୍ଚ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜଣାଯାଇଥିଲା । ଏହା ସହିତ ବିଭିନ୍ନ ରାଜନୈତିକ ଓ ସାମାଜିକ ସଂଗଠନ ପକ୍ଷରୁ ଏହି ଧାରଣାକୁ ସ୍ୱେଚ୍ଛାକୃତ ଭାବେ ନିଃସର୍ତ୍ତ ସମର୍ଥନ ଦିଆଯାଇଥିଲା । ସାମ୍ବାଦିକଙ୍କ ଏକତା ସୁଦୃଢ଼ କରିବା ଏବଂ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ହାସଲ ଦିଗରେ ଆଗାମୀ ଦିନରେ ମହାମଞ୍ଚ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ବୋଲି ସିଦ୍ଧାନ୍ତ ହୋଇଥିଲା । ଧାରଣା ଶେଷରେ ଜିଲ୍ଲାର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ସାମ୍ବାଦିକଙ୍କ ସ୍ୱାଭିମାନ, ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ଯଥୋଚିତ ପଦକ୍ଷେପ ନେବ ବୋଲି ଆନ୍ଦୋଳନକାରୀମାନେ ଆଶା ପ୍ରକାଶ କରିଥିଲେ ।

# ଜୁଆ ଆଡା ଉପରେ ଚଢାଉ ୧୨ ଲକ୍ଷ ଟଙ୍କା ଜବତ, ୭୦ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲା ପୋଲିସକୁ ମିଳିଛି ବଡ଼ ସଫଳତା । ପାରଳାଖେମୁଣ୍ଡି ଉପକଣ୍ଠ ସ୍ଥିତ ଦେବିତି ଗ୍ରାମନିକଟରେ ଥିବା ଜୟମାତାଦି କଲ୍ୟାଣ ମଣ୍ଡପରେ ଚାଲିଥିବା ଏକ ବଡ଼ଧରଣର ଜୁଆ ଆଡା ଉପରେ ଗଜପତି ଜିଲ୍ଲାର ତିନୋଟି ପୋଲିସ ଥାନା ପାରଳାଖେମୁଣ୍ଡି, କାଶୀନଗର ଓ ଗାରାବନ୍ଧ ଥାନା ଅଧିକାରୀଙ୍କ ନେତୃତ୍ୱରେ ଚଢାଉ ୧୨ ଲକ୍ଷ ଟଙ୍କା ସମେତ ୯ଟି କାର, ବାଇକ୍ ୧୦ଟି, ୬୦ ଟି ମୋବାଇଲ ଜବତ କରିବା ସହ ୭୦ ଜଣ ଜୁଆଡିକୁ ଗିରଫ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ପ୍ରକାଶ କରିଥିଲେ । ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ସହରର ଉପକଣ୍ଠ କେରାଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦେବିତି ଗ୍ରାମ ନିକଟରେ ଥିବା ଜୟମାତା ଦି କଲ୍ୟାଣ ମଣ୍ଡପରେ ଦୀର୍ଘ ମାସ ହେଲା କୋଟି କୋଟି ଟଙ୍କାର ଜୁଆ ଖେଳ ଚାଲି ଆସୁଥିଲା । ଏଠାରେ ଜୁଆ ଖେଳ ଚଳାଇବା ପାଇଁ ରିକ୍ରେଶନ କ୍ଲବ ଖୋଲିବା ପାଇଁ ରେଜିଷ୍ଟ୍ରେସନ୍ ନିମନ୍ତେ ମଧ୍ୟ ଆବେଦନ ମଧ୍ୟ କରାଯାଇଥିବା ଜଣାପଡିଛି । ଜୟମାତାଦି କଲ୍ୟାଣ ମଣ୍ଡପର ମାଲିକ ଏହାକୁ ଭଡ଼ାରେ ଆନ୍ଧ୍ରର କେତକ ଜୁଆ ମାଫିଆଙ୍କୁ ଲକ୍ଷାଧିକ ଟଙ୍କାରେ ଭଡାରେ ଦେଇଥିଲେ । ଆନ୍ଧ୍ର ପ୍ରଦେଶର ଏହି ଜୁଆ ମାଫିଆ ଭଡ଼ାରେ ନେବା ପରଠାରୁ ଏଠାରେ କୋଟିକୋଟି ଟଙ୍କାର ଜୁଆ ଖେଳ ଚାଲି ଆସୁଥିଲା । ଯୁଆଖେଳିବା ପାଇଁ ଅଧିକାଂଶ ଜୁଆଡି ଆନ୍ଧ୍ର ପ୍ରଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଆସୁଥିଲେ । ଯେଉଁମାନେ ଜୁଆ ଖେଳିବାକୁ ଆସୁଥିଲେ ସେମାନଙ୍କ ପାଇଁ ଖାଇବା ପିଇବା ଓ ରହିବା ସହ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯାଉଥିଲା । ଏଠାରେ ଜୁଆ ଖେଳ ଚଳାଇ ଆସୁଥିବା ଆନ୍ଧ୍ର ପ୍ରଦେଶର ଜୁଆ ମାଫିଆ ମାନେ ସ୍ଥାନୀୟ କୁଜି ନେତା, ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ମାସିକ ପାଉଣା ଫିକ୍ସ କରି ଦେଉଥିଲେ । ଏପରିକି ଗଜପତି ଜିଲ୍ଲା ପ୍ରଶାସନର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ମଧ୍ୟ ଖାଇବାକୁ ପଠାଉ ଥିଲେ । ଏତେ ବଡ଼ ଧରଣର ଜୁଆ ଆଡା ଏବଂ ଜୁଆଖେଳ ଧରାପଡ଼ିବା ପରେ ଏବେ ଏହାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଦିନ ଥିଲା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମ ଭୂମି ପାରଳାଖେମୁଣ୍ଡିକୁ ସାରା ରାଜ୍ୟରେ ସାହିତ୍ୟ, କଳା ଓ ସଂସ୍କୃତିର କେନ୍ଦ୍ର ଭାବରେ ରାଜ୍ୟରେ ଖ୍ୟାତି ରହିଥିଲା । ଆଜିର ଦିନରେ ଏ ପାରଳାଖେମୁଣ୍ଡି ସହର କହିଲେ ଜୁଆଡ଼ି ଓ ମଦୁଆଙ୍କ ସହର ବୋଲି କହିବାକୁ ବାଧ ହେଉଛନ୍ତି ।

# ଡିଭାଇନ୍‌ରେ ଗୁଜୁରାଟ ହାଇଲେକ୍ସ କମ୍ପାନୀର କ୍ୟାମ୍ପସ୍ ଚୟନ

ବାରିପଦା, (ସବ୍ୟୁ) : ବାରିପଦାସ୍ଥିତ ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜି ରେ ଅକ୍ଟୋବର ୧୨ତାରିଖ ଦିନ ଗୁଜୁରାଟ ସ୍ଥିତ ହାଇଲେକ୍ସ କମ୍ପାନୀ ଦ୍ୱାରା ଏକ କ୍ୟାମ୍ପସ୍ ଚୟନ ପ୍ରକ୍ରିୟା ସଙ୍ଗଠିତ ହୋଇଥିଲା । ଏହା ଥିଲା୨୦୨୬-୨୭ ଶିକ୍ଷାବର୍ଷ ର ପ୍ରଥମ କ୍ୟାମ୍ପସ୍ ଚୟନ ଯେଉଁଥିରେ ଡିଭାଇନ୍‌ରେ ପଢୁଥିବା ଇଲେକଟ୍ରିକାଲ୍, ମେକାନିକାଲ୍ ଓ ଇ ଆଣ୍ଡ ଏମ୍ ବ୍ରାଞ୍ଚ ର ୧୧୧ଜଣ ଛାତ୍ର-ଛାତ୍ରୀଙ୍କ ମଧ୍ୟରୁ ୫୨ ଜଣ ଚାକିରୀ ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି । କମ୍ପାନୀର ଅତିରିକ୍ତ ମାନବ ସମ୍ବଳ ଅଧିକାରୀ ପ୍ରଖର ପାଠକ ଡିଭାଇନ୍ ରେ ଛାତ୍ର-ଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ଙ୍କ ବିପ୍ଳବ ଭଞ୍ଜନ ବୁଗୁଡେଇ ଏହି ଚୟନ ପ୍ରକ୍ରିୟାରେ ନିଜର ଖୁସି ବ୍ୟକ୍ତ କରିବା ସହ ବିବେଚିତ ହୋଇଥିବା ଛାତ୍ର-ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଚଳିତ ଶିକ୍ଷା ବର୍ଷରେ ଶତକଡା ୧୦୦ ଛାତ୍ର-ଛାତ୍ରୀ ଚାକିରୀ ପାଇବାର ଆଶା ରଖିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ । ତତ୍‌ସହିତ ନିର୍ଦ୍ଦେଶକ ଙ୍କ ଗୌରବ ବୁଗୁଡେଇ ଡିଭାଇନ ବୈଷୟିକ ଶିକ୍ଷା କ୍ଷେତ୍ରରେ ଆହୁରି ସମୃଦ୍ଧ କରିବାର ପ୍ରତିଶ୍ରୁତି ଦେଇଥିଲେ । ଏ ସମସ୍ତ ପ୍ରକ୍ରିୟାରେ ଡିଭାଇନ କଲେଜର ଅଧକ୍ଷ ଙ୍କ ଅଭିନ୍ନ କୁମାର ଦାସ, ପ୍ରଶିକ୍ଷଣ ଓ ନିଯୁକ୍ତି ବିଭାଗର ମୁଖ୍ୟ ଙ୍କ ଆଶୀର୍ବାଦ ସ୍ୱାଇଁ ଓ ବହୁ କର୍ମଚାରୀ ଗୁରୁତ୍ୱପୂର୍ଣ୍ଣ ଦାଇତ୍ୱ ତୁଲାଇଥିଲେ ।

# ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ଦାବିରେ ବିକ୍ଷୋଭ

ବ୍ରହ୍ମପୁର, (ସବ୍ୟୁ) : ଏସଆଇଆର ବାତିଲ, ଭୋଟ ତାଲିକାରୁ ବେଆଇନ ଭାବେ ବାଦ ଦିଆଯାଇଥିବା ୧୩ କୋଟି ଭୋଟରଙ୍କୁ ସାମିଲ ଓ ଭୋଟ ଚୋର ଜ୍ଞାନେଶ କୁମାରକୁ ବରଖାସ୍ତ ଓ ଯନ୍ତର ମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୋଲିସର ଦମନଲୀଳାକୁ ସିପିଏମ ଓ ସିପିଆଇ ପକ୍ଷରୁ ତୀବ୍ର ନିନ୍ଦା କରାଯାଇ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କେନ୍ଦ୍ରର ମୋଦି ସରକାର ଦିଲ୍ଲୀ ପୋଲିସର ଅଗଣତାନ୍ତ୍ରିକ ଓ ବର୍ବରଚିତ କାର୍ଯ୍ୟ ଦେଶରେ ଅଘୋଷିତ ଜରୁରୀ କାଳୀନ ପରିସ୍ଥିତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଭିଯୋଗ କରିଛନ୍ତି । ଆନ୍ଦୋଳନ କାରୀଙ୍କୁ ଆନ୍ଦୋଳନ ସ୍ଥାନକୁ ନଛାଡିବା, ବିରୋଧୀ ଦଳର କାର୍ଯ୍ୟାଳୟ ଗୁଡିକୁ ଘେରା ବନ୍ଦି କରିରଖିବା, ଦିଲ୍ଲୀକୁ ଆସୁଥିବା ୨୫୬ ଟ୍ରେନକୁ ବାତିଲ କରିବା, ଦିଲ୍ଲୀର ସମସ୍ତ ପ୍ରବେଶ ପଥ ଗୁଡିକୁ ସିଲ କରିବା, ଉଡାଯାହାଜ ଭିତରୁ ବିଭିନ୍ନ ସଂଗଠନର ନେତୃତ୍ୱକୁ ଗିରଫ କରିବା, ଦିଲ୍ଲୀର ବିଭିନ୍ନ ହୋଟେଲ ଓ ଧର୍ମଶାଳାରେ ରହିଥିବା ଲୋକଙ୍କୁ ହଇରାଣ ହରକତ କରିବା ଓ ଶାନ୍ତିପୂର୍ଣ୍ଣ ଭାବେ ପଟୁଆର ପାଇଁ ଏକତ୍ରିତ ହେଉଥିବା ବିରୋଧୀ ଦଳର ନେତା ଓ କର୍ମୀଙ୍କୁ ଗିରଫ କରି ଦିଲ୍ଲୀ ବାହାରେ ଛାଡିବା ଭଳି କାର୍ଯ୍ୟ ବିଜେପିର ତାନାସାହି ଶାସନର ନମୁନା ବୋଲି ଅଭିଯୋଗ କରିଥିଲେ । କେନ୍ଦ୍ରର ମୋଦି ସରକାର ଭୋଟ ଚୋର ଜ୍ଞାନେଶ କୁମାରକୁ ବରଖାସ୍ତ କରିବା ପରିବର୍ତ୍ତେ ଆନ୍ଦୋଳନକୁ ଭଣ୍ଡୁର କରିବା ଚକ୍ରାନ୍ତରୁ କ୍ଷାନ୍ତ ରହିବା ପାଇଁ ସତର୍କ କରାଯାଇଛି । ଦେଶରେ ନିରପେକ୍ଷ ନିର୍ବାଚନ କରିବା ପାଇଁ ଜ୍ଞାନେଶ କୁମାରକୁ ବରଖାସ୍ତ କରବା ଜରୁରୀ ବୋଲି ଦାବୀ କରାଯାଇଛି । ସେହିଭଳି ସମସ୍ତ ନାଗରିକଙ୍କୁ ଭୋଟ ଦାନର ଅଧିକାର ଦେବାପାଇଁ ଏସଆଇଆରରେ ବାଦ ଦିଆଯାଇଥିବା ଭୋଟରଙ୍କୁ ଅତିଶୀଘ୍ର ତାଲିକାରେ ସାମିଲ କରିବା ପାଇଁ ଦାବୀ କରାଯାଇଛି । ବିଜେପିର ବିଜୟକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର ନିରପେକ୍ଷ ଭାବେ କାର୍ଯ୍ୟ କରିବା ପରିବର୍ତ୍ତେ ମୋଦି ସାହାଙ୍କ ହାତବାରିଷୀ ଭାବେ କାର୍ଯ୍ୟ କରୁଛି । ତେଣୁ ଅବିଳମ୍ବେ ଜ୍ଞାନେଶ କୁମାରଙ୍କ ବରଖାସ୍ତ ପାଇଁ ଦାବି କରାଯାଇଛି । କେନ୍ଦ୍ର ସରକାର ନିଜର ହୀନ ସ୍ୱାର୍ଥ ଚରିତାର୍ଥ ତାନାସାହି ଶାସନ କାଏମ କରିବାକୁ ଚାହିଁଲେ ଦେଶର ଛାତ୍ର, ଯୁବକ ଓ ଭୋଟର ଉଚିତ ଜବାବ ଦେବେ ବୋଲି କହିଥିଲେ । ସିପିଏମ ଓ ସିପିଆଇ ପକ୍ଷରୁ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସିପିଏମର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଗୋପାଳ ପଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ଲୋକନାଥ ଖୁଣ୍ଟିଆ, ମଧୁ ବେହେରା, ରାଜ ରାଓ, ରାମା ରାଓ ସିପିଆଇର ପ୍ରକାଶ ପାତ୍ର, ପ୍ରଦୀପ ସେଠି, ନୀଳକଣ୍ଠ ଦାସ,କାମଦେବ ନାହାକ, ରମେଶ ପାଢ଼ୀ ଓ ପ୍ରଫୁଲ ଜେନା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ବାହାରପୁର ପଞ୍ଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ

ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଧରାକୋଟ ବ୍ଲକର ବାହାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜନଶୁଣାଣୀରେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ସମେତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ସିଡିପିଓ ସୁନୀଲ ପ୍ରଭା ରଥ, କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ, ସହକାରୀ ଉଦ୍ୟାନ ଅଧିକାରୀ ଶ୍ରୀକାନ୍ତ ସେଠୀ, ଉଦ୍ୟାନ କୃଷି ଅଧିଦର୍ଶକ ପ୍ରଦୀପ କୁମାର ସେଠୀ, ବିଏସଏସଓ ସଚିନ ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ରାଜସ୍ୱ ନିରୀକ୍ଷକ ମନୋଜ କୁମାର ମାଝୀ, ସରପଞ୍ଚ ଗୀତାଞ୍ଜଳୀ ନାଇକ, ସମିତି ସଭ୍ୟା ସୁଜାତା ଜେନା, ନାଏବ ସରପଞ୍ଚ ସଚ୍ଚିଦାନନ୍ଦ ତ୍ରିପାଠୀ, ବରିଷ୍ଠ ଓ୍ୱାର୍ଡ ସଭ୍ୟ ଗୋପାଳ କୃଷ୍ଣ ପାଢ଼ୀ, ଦଣ୍ଡପାଣି ଜେନା , ନମିତା ତ୍ରିପାଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ , ଏଡିଇଓ ଲଳିତା ପାତ୍ର, ଯୋଗାଣ ସହାୟକ ସମିତା ସାହୁ । ଏହି ଜନଶୁଣାଣୀରେ ମୋଟ ୭ ଜଣ ଅଭିଯୋଗକାରୀ ନିଜ ନିଜ ସମସ୍ୟା ସମ୍ପର୍କିତ ଲିଖିତ ଅଭିଯୋଗ ଦାଖଲ କରିଥିଲେ ।

# ଦିନ ଯାଇଛି, ଚିହ୍ନ ଲିଭିନି

## ଫାଇଲିନ୍ ମହାବାତ୍ୟାକୁ ୧୩ ବର୍ଷ ପୁରିଲା



ଭଞ୍ଜନଗର, (ସବ୍ୟୁ) : ୨୦୧୩ ରେ ହୋଇଥିବା ଫାଇଲିନ୍ ମହାବାତ୍ୟା ଏବଂ ପରଦିନ ବେଲଗୁଡା ବ୍ଲକର ଇଙ୍ଗିନାଠି ପଞ୍ଚାୟତରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାକୁ ୧୩ ବର୍ଷ ପୁରିଲା । ଅକ୍ଟୋବର ୧୨ ଓ ୧୩ । ଆଗପଛ ହୋଇ ଆସିଥିଲା ଫାଇଲିନ୍ ବାତ୍ୟା ଓ ବନ୍ୟା । ଜଣେ ସବୁକିଛି ଉଡେଇ ନେଲା ଏବଂ ଆଉ ଜଣେ ବୁଡ଼େଇ ରଖିଲା, ବେଲଗୁଡା ବ୍ଲକ୍ ଇଙ୍ଗିନାଠି ପଞ୍ଚାୟତର ୬ ଖଣ୍ଡ ଗ୍ରାମବାସୀଙ୍କୁ । ମାସେ ପର୍ଯ୍ୟନ୍ତ ଜଳବନ୍ଦୀ ଜୀବନ ବିତାଇଲେ, ପିଲାଠୁ ବୟସ୍କ । ଭୋକ ଉପାସରେ ଦିନ ବିତାରିଲେ ଲୋକେ । ହଜାର ହଜାର ଏକର ଧାନଚାଷ ଜମି, ବାଲିଚର ହୋଇଗଲା । ଦୁର୍ବିସହ ହୋଇ ପଡ଼ିଲା ଜୀବନ ଓ ଜୀବିକା ମାସ ମାସ ଧରି ଇଙ୍ଗିନାଠି ପଞ୍ଚାୟତର ମନ୍ଦାର, ରତଙ୍ଗ, ବଲାଡି, ଉସ୍ତପଲ୍ଲୀ, ସାରିଆପଲ୍ଲୀ ଏବଂ ଇଙ୍ଗିନାଠି ଗାଁର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଲା । ବାଲିରେ ପୋତି ହୋଇଗଲା, ଲୋକଙ୍କ ଭାତହାଣ୍ଡି ଥିବା ଧାନ ଓ ପରିବା କ୍ଷେତ । ଅଧିକାଂଶ ଘର ବନ୍ୟା ପାଣିରେ ଧୋଇ ହୋଇଗଲା । ଲୋକଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା । ପରିସ୍ଥିତିକୁ ଦେଖି ସେହି ସମୟରେ ଜିଲ୍ଲା ପ୍ରଶାସନ, ଇଙ୍ଗିନାଠି ପଞ୍ଚାୟତକୁ ପୋଷ୍ୟ ପଞ୍ଚାୟତ ଘୋଷଣା କଲା । ପରବର୍ତ୍ତୀ ସମୟରେ ତାହା, ଘୋଷଣାରେ ହିଁ ରହିଗଲା । ବର୍ତ୍ତମାନ ସମୟରେ ବନ୍ୟା କ୍ଷତିଗ୍ରସ୍ତଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସକ ମାନେ ଯଥା ସମ୍ଭବ ଚେଷ୍ଟା କରିଛନ୍ତି । ତଥାପି ଆହୁରି ଅନେକ ବିକାଶ ବାକି ରହିଛି । ଆଜି ବି ଲୋକଙ୍କ ମନରୁ ଫାଇଲିନ୍ ବାତ୍ୟା ଏବଂ ପ୍ରଳୟଙ୍କରୀ ବନ୍ୟାର ଭୟ ଯାଇନି । ଅକ୍ଟୋବର ମାସ ଆସିଲେ, ଅଜଣା ଭୟ ସୃଷ୍ଟି କରୁଛି ଲୋକଙ୍କ ମନରେ ।

# ଏମ୍‌ପିସି ବିଦ୍ୟାଳୟ ରାଜପ୍ରସାଦରୁ ତଖତପୁର ସ୍ଥାନାନ୍ତର ନେଇ ଛାତ୍ର ଅଶାନ୍ତି, ବହୁ ଘଣ୍ଟା ଧରି ରାସ୍ତାରୋକ



ବାରିପଦା, (ସବ୍ୟୁ) : ଐତିହାସିକ ରାଜପ୍ରସାଦରୁ ତଖତପୁରକୁ କଲେଜ ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ବାରିପଦାରେ ଛାତ୍ର ଅସନ୍ତୋଷ ତୀବ୍ର ହୋଇଛି । ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ଓ ବାଣିଜ୍ୟ ବିଭାଗକୁ ତଖତପୁରକୁ ସ୍ଥାନାନ୍ତର କରିବା ନିଷ୍ପତ୍ତି ବିରୋଧରେ ଶତାଧିକ ଛାତ୍ରଛାତ୍ରୀ ବଡ଼ବଜାର ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଛନ୍ତି । ଫଳରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବାବେଳେ ଟାଉନ ଥାନା ପୁଲିସ ଓ ଉପଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ । ଖବର ପାଇ ପୂର୍ବତନ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ଓ ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଧାରଣାସ୍ଥଳରେ ପହଞ୍ଚି ଜିଲ୍ଲାପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୪ତାରିଖରେ ଅଧକ୍ଷଙ୍କ ଦ୍ୱାରା ଆହୂତ ବୈଠକରେ ଐତିହାସିକ ରାଜପ୍ରସାଦର କେତେକ ଅଂଶ ବିପଦସଙ୍କୁଳ ଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କଳା ଓ ବାଣିଜ୍ୟ ବିଭାଗକୁ ତଖତପୁରକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ତେବେ ଛାତ୍ରଛାତ୍ରୀମାନେ ସୁରକ୍ଷା ବ୍ୟବସ୍ଥାକୁ ସମର୍ଥନ କରୁଥିଲେ ମଧ୍ୟ ସ୍ଥାନାନ୍ତର ପରେ ପାଠପଢ଼ା, ଯାତାୟାତ ଓ ଆର୍ଥିକ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ତଖତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ସରକାରୀ ଆଇଟିଆଇ ପରିସରରେ ପାଠପଢ଼ା ହେଲେ ଶ୍ରେଣୀଗୃହର ଉପଲବ୍ଧତା ଓ ସମୟ ନିର୍ଦ୍ଧାରଣକୁ ନେଇ ସମସ୍ୟା ଉପୁଜିପାରେ । ଅନ୍ୟପକ୍ଷରେ, କଲେଜର ପ୍ରଶାସନିକ କାର୍ଯ୍ୟାଳୟ ବଡ଼ବଜାରରେ ରହିବା ଏବଂ ତଖତପୁର ପ୍ରାୟ ୧୦କିଲୋମିଟର ଦୂରରେ ଥିବାରୁ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଅଧିକ ଯାତାୟାତ କରିବାକୁ ପଡ଼ିବ । ବଡ଼ବଜାର ଓ ଏହାର ଆଖପାଖ ଅଞ୍ଚଳର ମେସ୍ ଓ ହଷ୍ଟେଲରେ ରହୁଥିବା ଗରିବ ଛାତ୍ରଛାତ୍ରୀଙ୍କ ଯାତାୟାତ ଖର୍ଚ୍ଚ ବଢ଼ିବା ସହ ମାନସିକ ଚାପ ମଧ୍ୟ ବୃଦ୍ଧି ପାଇବା ଆଶଙ୍କା ରହିଛି । ଅନେକ ଛାତ୍ରଛାତ୍ରୀ ମେସ୍ ପାଇଁ ଏକ ବର୍ଷର ଅଗ୍ରିମ ଅର୍ଥ ଦେଇସାରିଥିବାବେଳେ ଦୂରଦୂରାନ୍ତରୁ ସାଇକେଲରେ ଆସୁଥିବା ପିଲାଙ୍କ ପାଇଁ ମଧ୍ୟ ନୂଆ ସ୍ଥାନକୁ ଯାତାୟାତ କରିବା କଷ୍ଟକର ହେବ ବୋଲି ସେମାନେ କହିଛନ୍ତି । ଏହି ସମସ୍ତ ସମସ୍ୟାର ସମାଧାନ ଦାବିରେ ଛାତ୍ରଛାତ୍ରୀମାନେ କଲେଜ ଅଧକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିବା ସହ ଧାରଣାରେ ବସିଥିଲେ । ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ସୁରକ୍ଷା ନିଶ୍ଚିତ କରିବା ସହ ପାଠପଢ଼ାରେ ଯେପରି ବାଧା ନ ଉପୁଜେ ଏବଂ ଗରିବ ଛାତ୍ରଛାତ୍ରୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ନପଡ଼େ, ସେଥିପାଇଁ ପ୍ରଶାସନ ଏକ ସ୍ୱଚ୍ଛ ଓ ଗ୍ରହଣଯୋଗ୍ୟ ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ । ଏବେ ପ୍ରଶ୍ନ ଉଠୁଛି, ବିପଦସଙ୍କୁଳ କୋଠାରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କ ଶିକ୍ଷାଦାନ, ଆର୍ଥିକ ସ୍ଥିତି ଓ ଭବିଷ୍ୟତକୁ ସୁରକ୍ଷା ଦେବା ପାଇଁ ପ୍ରଶାସନ କି ପଦକ୍ଷେପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା ।

# ରାସାୟନିକ ରଙ୍ଗ ମିଶା ବିପୁଳ ମସଲା ଗୁଣ୍ଡ ଜବତ, ଅଭିଯୁକ୍ତ ଗିରଫ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହରରେ ମସଲା ଗୁଣ୍ଡର ଅପମିଶ୍ରଣ କରି ଗ୍ରାମାଞ୍ଚଳରେ ବିକ୍ରିବଟା କରୁଥିବା ଏକ ବଡ଼ ରାକେଟ୍ର ପର୍ଦ୍ଦାଫାସ କରିଛି ବଡ଼ବଜାର ଥାନା ପୋଲିସ । ରାକେଟର ମୁଖ୍ୟ ଅଭିଯୁକ୍ତ ଇ. କୋଟେଶ୍ୱର ପାତ୍ର (୪୦) ଙ୍କୁ ପୋଲିସ ଗିରଫ କରିଛି । ସେ ଜଣେ ପେଶାଦାର ଅଭିଯୁକ୍ତ । ସେ ଏଭଳି ଖାଦ୍ୟ ଅପମିଶ୍ରଣ ଅଭିଯୋଗରେ ଅନେକ ଥର ଗିରଫ ହୋଇଥିବା ପୋଲିସ କହିଛି । ଉକ୍ତ ଫେକଟ୍ରିରୁ ବିପୁଳ ପରିମାଣର ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ନିଷିଦ୍ଧ ରାସାୟନିକ ରଙ୍ଗ ଓ ଅପମିଶ୍ରଣରେ ବ୍ୟବହୃତ ଯନ୍ତ୍ରପାତି ପୋଲିସ ଜବତ କରିଛି । ମାମଲା ନଂ ୭୭୫/୨୬ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାରେ ସତ୍ୟବାନ ସାହୁ (୫୮), ମୁରଲୀଧର ସାହୁ (୩୧) ଓ ମନୋଜ ରାୟ (୪୦)ଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି । ବେଆଇନ ଭାବେ ନକଲି ହଳଦୀ ଓ ଲଙ୍କା ଗୁଣ୍ଡ ପ୍ରସ୍ତୁତ କରାଯାଉଥିବା ନେଇ ବିଶ୍ୱସନୀୟ ସୂଚନା ପାଇବା ପରେ ବଡ଼ବଜାର ଥାନାଧିକାରୀ ଆଶିଷ ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ଟିମ୍ ରବିବାର ରାତ୍ର ଲକ୍ଷ୍ମୀନୃସିଂହ ସାହିର ସପ୍ତମ ଲାଇନ୍ ଥିବା ଏକ ପ୍ରକ୍ରିୟାକରଣ କାରଖାନାରେ ଚଢ଼ାଉ କରିଥିଲା । ଏହି କାରଖାନାଟି ସତ୍ୟବାନ ସାହୁଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଚଢ଼ାଉ ସମୟରେ କାରଖାନାରେ ଖୋଲା ହଳଦୀ ଗୁଣ୍ଡ ଚଟାଣରେ ପଡ଼ିଥିବା ସହ ପ୍ଲାଷ୍ଟିକ୍ ବ୍ୟାଗରେ ଭର୍ତ୍ତି ମସଲା ଗୁଣ୍ଡ ମିଳିଥିଲା । ପଚରାଉଚରା ବେଳେ କୋଟେଶ୍ୱର ପାତ୍ର ସ୍ଥାନୀୟ ବଜାରରୁ କଞ୍ଚାମାଲ, ଅପମିଶ୍ରଣ ସାମଗ୍ରୀ ଓ କ୍ଷତିକାରକ କୃତ୍ରିମ ରଙ୍ଗ ଯୋଗାଉଥିବା ଜଣାପଡ଼ିଥିଲା । କାରଖାନାରେ ଥିବା ମିଲିଂ ମେସିନ୍ ସାହାଯ୍ୟରେ ଏହି ସାମଗ୍ରୀଗୁଡ଼ିକୁ ମିଶାଇ ୩୦ ଓ ୫୦ କିଲୋଗ୍ରାମ୍ ବସ୍ତାରେ ପ୍ରସ୍ତୁତ କରାଯାଉଥିଲା । ପରେ ଛୋଟ ପ୍ୟାକେଟରେ ଭର୍ତ୍ତି କରି ବ୍ରହ୍ମପୁର ଓ ଆଖପାଖ ଗ୍ରାମାଞ୍ଚଳରେ ବିକ୍ରିବଟା କରାଯାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ପୋଲିସ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି । ସେଥିମଧ୍ୟରେ ପ୍ରାୟ ୧୫୦୦ କିଲୋଗ୍ରାମ୍ ଖୋଲା ହଳଦୀ ଗୁଣ୍ଡ, ବିଭିନ୍ନ ପରିମାଣର ପ୍ୟାକେଟ୍ରେ ଥିବା ହଳଦୀ ଓ ଲଙ୍କା ଗୁଣ୍ଡ ରହିଛି । ଅଭିଯୁକ୍ତଙ୍କ "ସାଇନି ଇଣ୍ଡଷ୍ଟ୍ରିଜ୍"ରୁ ୨୧୬ ପ୍ୟାକେଟ୍ ଇଗଲ୍ ବ୍ରାଣ୍ଡ ଅଦା-ରସୁଣ ପେଷ୍ଟ (ମୋଟ ୧୭୨୮ କିଲୋଗ୍ରାମ୍), ୨୪୦୦ କିଲୋଗ୍ରାମ୍ ହଳଦୀ, ଜେରି ବ୍ୟାଗରେ ଥିବା ୧୭୨୦ କିଲୋଗ୍ରାମ୍ ଲଙ୍କା ଗୁଣ୍ଡ ଓ ୬ଟି ହାତଚାଳିତ ପ୍ୟାକିଂ ମେସିନ୍ ଜବତ ହୋଇଛି । ଏହା ସହ ୫୦୦ ଗ୍ରାମ୍ ଲେଖାଏଁ ଥିବା ୨୦ ପ୍ୟାକେଟ୍ ରାସାୟନିକ ଖାଦ୍ୟ ରଙ୍ଗ, ୪୦ କିଲୋଗ୍ରାମ୍ ଅପମିଶ୍ରିତ ରଙ୍ଗ ଥିବା ଗୋଟିଏ ଡ୍ରମ୍, ୮ଟି ମିଲିଂ ମେସିନ୍ ଓ ଗୋଟିଏ ଓଜନ ମେସିନ୍ ଜବତ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

# ତାସଖେଳ ବେଳେ ଖଣ୍ଡାରେ ଆକ୍ରମଣ, ଜଣେ ଗୁରୁତର

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଖୋଲଖାଲି ଗ୍ରାମରେ ତାସଖେଳ ବେଳେ ଖଣ୍ଡାରେ ଆକ୍ରମଣ ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ଜଣା ପଡିଛି । ଆକ୍ରମଣରେ ଖୋଲଖାଲି ଗ୍ରାମର ଜିତୁ ବେହେରା (୩୮) ଗୁରୁତର ଆହତ ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣା ପଡିଛି । ପ୍ରାପ୍ତ ସୂଚନା ପ୍ରକାରେ ଜିତୁ ଓ ଚନ୍ଦନ ଗତକାଲି ପାଙ୍ଗିଡ଼ି ଗ୍ରାମକୁ ଯାଇଥିଲେ । ସେଠାରେ ଉଭୟେ ମଦ୍ୟପାନ କଲା ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ତେବେ ଆଜି ଜିତୁ ଖୋଲଖାଲି ଗ୍ରାମର ପୁରୁଣା ସୋସାଇଟି ନିକଟରେ ତାସ ଖେଳୁଥିବା ବେଳେ ଚନ୍ଦନ ଅତର୍କିତ ଭାବେ ଏକ ଖଣ୍ଡାରେ ଆକ୍ରମଣ କରିବାରେ ଜିତୁର ନାକ ଛିଣ୍ଡି ଯାଇଥିବା ବେଳେ ମୁହଁରେ ଗଭୀର ଆଘାତ ଲାଗିଥିଲା । ତାଙ୍କୁ ପ୍ରଥେମେ ବୁଗୁଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି । ପୋଲିସ ଖଣ୍ଡା ଜବତ କରିବା ସହ ଆକ୍ରମଣକାରି ଖୋଲଖାଲି ଗ୍ରାମର ଚନ୍ଦନ ବେହେରା (୨୩) କୁ ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣା ପଡିଛି ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର, (ସବ୍ୟୁ) : ଟାଟା ସ୍ୱେଚ୍ଛାସେବୀ ସପ୍ତାହ-୨୬ (ଟିଭିଡବ୍ଲ୍ୟୁ ୨୬) ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଖୋଡ଼ାସିଙ୍ଗି କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଆୟୋଜିତ ଶିବିରକୁ ଟିପିଏସ୍‌ଓଡିଏଲ୍ର ସିଇଓ ଅମିତ କୁମାର ଗର୍ଗ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ସ୍ୱେଚ୍ଛାସେବା ଓ ସମାଜସେବାକୁ ପ୍ରୋତ୍ସାହିତ କରିବା ସହ ରକ୍ତର ଆବଶ୍ୟକତା ଥିବା ରୋଗୀଙ୍କୁ ସହାୟତା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶିବିରରେ କମ୍ପାନୀର କର୍ମଚାରୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ । ଏହି ଅବସରରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ସଂଗୃହୀତ ରକ୍ତ, ରକ୍ତଭଣ୍ଡାରରେ ରକ୍ତର ଉପଲବ୍ଧତା ବୃଦ୍ଧି କରିବା ସହ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ସହାୟତା କରିବାରେ ବିଶେଷ ଭାବରେ ସହାୟକ ହେବ । ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ରକ୍ତଦାନ ଏକ ମହତ କାର୍ଯ୍ୟ, ଯାହା ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବା ସହ ରୋଗୀ ଓ ସେମାନଙ୍କ ପରିବାରକୁ ଆଶା ଦେଇଥାଏ । ଟାଟା ସ୍ୱେଚ୍ଛାସେବୀ ସପ୍ତାହ ମାଧ୍ୟମରେ ଆମେ କର୍ମଚାରୀମାନଙ୍କୁ ସମାଜ ପାଇଁ ଆଗେଇ ଆସି ନିଜର ଯୋଗଦାନ ଦେବାକୁ ଉତ୍ସାହିତ କରୁଛୁ । ଏହି ମହତ କାର୍ଯ୍ୟରେ ଅଂଶଗ୍ରହଣ କରିଥିବା ସମସ୍ତ ରକ୍ତଦାତା ଓ ସ୍ୱେଚ୍ଛାସେବୀଙ୍କ ଉତ୍ସାହ ଏବଂ ସାମାଜିକ ଦାୟିତ୍ୱବୋଧକୁ ସାଧୁବାଦ ଜଣାଉଛି । ଏଭଳି ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ କର୍ମଚାରୀମାନଙ୍କୁ ସମାଜସେବାରେ ସକ୍ରିୟ ଭାବେ ସାମିଲ ହେବାକୁ ପ୍ରୋତ୍ସାହିତ କରିବା ସହ ସାମାଜିକ ଦାୟିତ୍ୱ ପ୍ରତି ଥିବା ନିଜର ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରୁଛି ।

## ଅମାନିଆଙ୍କୁ ଚେତାବନୀ

# ୫୦ ମୋଡିଫାଏଡ ସାଇଲେନ୍ସର ନଷ୍ଟ କଲା ପୋଲିସ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଟାଉନ ଥାନା ପୋଲିସ ତରଫରୁ ବଜାର ଘାଟରେ ଅମାନିଆ ଭାବରେ ଗାଡି ଚାଳନା କରି ବିକଟାଳ ଶବ୍ଦ କରି ଚଲାଉଥିବା ବୁଲେଟର ମୋଡିଫାଏ ସାଇଲେନ୍ସରକୁ ଜବତ କରି ୫୦ଟି ବୁଲେଟର ସାଇଲେନ୍ସରକୁ ପୋଲିସ ନଷ୍ଟ କରିଥିବାର ଜଣାପଡିଛି । ଟାଉନ୍ ଥାନା ସମ୍ମୁଖରେ ଏସ୍‌ପି ଅଜିଙ୍କ୍ୟା ମାନେଙ୍କର ଉପସ୍ଥିତି ସହ ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା, ଟାଉନ୍ ଥାନା ଅଧିକାରୀ ଧିରେନ୍ କୁମାର ବେହେରାଙ୍କ ସମେତ ଅନ୍ୟ ପୁଲିସଙ୍କ ଉପସ୍ଥିତିରେ ସାଇଲେନ୍ସର ଗୁଡିକୁ ରୋଲର ଚପାଇ ନଷ୍ଟ କରି ଦିଆଯାଇଥିଲା। ଏସ୍‌ପି ଙ୍କ ସୂଚନା ଅନୁଯାୟୀ ଏହି ମୋଡିଫାଏଡ୍ ସାଇଲେନ୍ସର ଦ୍ୱାରା ଶବ୍ଦ ପ୍ରଦୂଷଣ ସହିତ ସଡକ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏହାକୁ ନେଇ ପାର୍ବଣରେ ଏକ ସ୍ୱତନ୍ତ୍ର ଅଭିଯାନ ସହିତ ଏନଫୋର୍ସମେଣ୍ଟ ଟିମ ଦ୍ୱାରା ଚଢାଉ କରାଯାଉଛି । ଆଗମୀ ଦିନରେ ମଧ୍ୟ ଚଢାଉ ଜାରିରହିବ ବୋଲି ଏସ୍‌ପି ଶ୍ରୀ ଅଜିଙ୍କ୍ୟା ମାନେ କହିବା ସହିତ ନାବାଳକ ମାନଙ୍କୁ ପିତାମାତାମାନେ ଗାଡି ଦିଅନ୍ତୁ ନାହିଁ ବୋଲି ଅନୁରୋଧ କରିଛନ୍ତି । ଯଦି ଧରାପଡନ୍ତି ତେବେ ଅଭିଭାବକ ମାନେ ଦାୟୀ ରହିବେ ବୋଲି ସେ ପ୍ରକାଶ କରିଛନ୍ତି । ସେମାନଙ୍କ ଠାରୁ ଜରିମାନା ସହିତ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ମଧ୍ୟ କହିଛନ୍ତି।

# କାମାକ୍ଷାନଗରରେ ବିସିଜେଡି ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର



କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ମହାବିଦ୍ୟାଳୟରେ କଲେଜ ନିର୍ବାଚନକୁ ନେଇ ବିଜେଡି ତଥା ବିଜୁ ଛାତ୍ରଜନତା ଦଳ ତରଫରୁ ପ୍ରଚାରକୁ ଜୋରଦାର କରାଯାଇଛି । ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଛାତ୍ରସଂସଦ ନିର୍ବାଚନକୁ ନେଇ କାମାକ୍ଷାନଗରରେ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ।ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ଡ଼ ନୃସିଂହଚରଣ ସାହୁ ଉପସ୍ଥିତ ରହି ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଥିବା ବେଳେ ଜୋରଦାର କ୍ୟାମ୍ପେନ କରୁଛନ୍ତି । ଆଗାମୀ କଲେଜ ନିର୍ବାଚନରେ ବିସିଜେଡିର ସମସ୍ତ ପ୍ରାର୍ଥୀ କିପରି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବେ, ସେ ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ନିର୍ବାଚନରେ ଲଢୁଥିବା ବିସିଜେଡିର ସମସ୍ତ ପ୍ରାର୍ଥୀ, ଦଳୀୟ କାର୍ଯ୍ୟକର୍ତ୍ତା ଓ ବହୁ ଛାତ୍ର, ଛାତ୍ରୀ ଉପସ୍ଥିତ ଥିଲେ । ଆଗାମୀ କଲେଜ ନିର୍ବାଚନରେ କାମାକ୍ଷାନଗର କଲେଜ କ୍ୟାମ୍ପସରେ ଶଙ୍ଖଧ୍ୱନି ପ୍ରକମ୍ପିତ ହେବା ସହ ସମସ୍ତଙ୍କ ସହଯୋଗ ଓ ଭଲପାଇବାକୁ ନେଇ ବିସିଜେଡି ବାଜିମାତ କରିବାନେଇ ପ୍ରାର୍ଥୀମାନେ ଦୃଢୋକ୍ତି ପ୍ରକାଶ କରିଥିବା ବେଳେ କ୍ୟାମ୍ପସରେ ପ୍ରଚାର ଜୋରଦାର ଚଳାଇଛନ୍ତି । କ୍ୟାମ୍ପେନରେ ଶତାଧିକ ପିଲା ବିସିଜେଡି ପ୍ରାର୍ଥୀଙ୍କ ସହିତ ବୁଲୁଥିବା ବେଳେ କଲେଜ କ୍ୟାମ୍ପସ ଏବେ ସରଗରମ ହୋଇ ଉଠିଛି । ଯାହାକୁ ନେଇ କଲେଜରେ ଏକପ୍ରକାର ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି ।

### ରେଳଧାରଣାରେ ଅଚିହ୍ନା ଲୋକର ଶବ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ଘଣ୍ଟପଡ଼ାଙ୍ଗଟପ ଓଭରବ୍ରିଜ ରେଳଧାରଣାରେ ଆଜି ଜଣେ ଅଚିହ୍ନା ଲୋକ ଟ୍ରେନରେ କଟି ପେଟ ଠାରୁ ଅଁଟା ଅଲଗା ହୋଇଥିବା ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ସେ ପିନ୍ଧିଥିବା ପୋଷାକ ଜଣା ପଡ଼େଯେ, ଜଣେ ଖଣି କର୍ମଚାରୀ । ଏହି ଘଟଣା ପ୍ରଚାରିତ ହେବାପରେ ସେଠାକୁ ଲୋକଙ୍କ ସୁଅ ଛୁଟିଥିଲା । ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ସେ କୌଣସି କାରଣରୁ ଓ କାହିଁକି ସେଠାକୁ ଯାଇଥିଲେ ଓ ତାଙ୍କର ସେଠାରେ ଟ୍ରେନରେ କଟି ମୃତ୍ୟୁ ନା ଏହା ଆତ୍ମହତ୍ୟା ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି ।

# ଶ୍ରମିକଙ୍କ ଆନ୍ଦୋଳନ

ଓଡାପଡା, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଝାଡବନ୍ଧ ସ୍ଥିତ ରୁଙ୍ଗଟା ମାଇନ୍ସ କାରଖାନାର ଶ୍ରମିକ ମାନେ କାରଖାନା ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନାନା ନାରାବାଜି ଦେଇଥିବା ଦେଖିବାକୁ ମିଳିଛି ।ଖବର ନେବାରେ ଜଣାପଡିଛି କାରଖାନା କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କୁ କାରଖାନା ଭିତରକୁ ମୋବାଇଲ ନେବା ପାଇଁ ମନା କରିବା ଏବଂ ଯେଉଁମାନଙ୍କ ନିକଟରେ ମୋବାଇଲ୍ ଅଛି ତାଙ୍କ ଠାରୁ ମୋବାଇଲ ଛଡାଇ ନେଇଯାଇଥିଲେ । କାରଖାନା ମଧ୍ୟରେ ଶ୍ରମିକ ମାନଙ୍କ ପାଇଁ ପାନୀୟଜଳ ଯୋଗାଇ ଦେବାକୁ ଦାବି କରି ଶ୍ରମିକ ମାନେ କାରଖାନା ଗେଟ୍ ସମ୍ମୁଖରେ ଏକତ୍ରିତ ହୋଇ ଦୃଢ଼ ପ୍ରତିବାଦ କରିବା ସହିତ କାରଖାନା ଭିତରକୁ କାହାକୁ ଛାଡି ନଥିଲେ । ଶ୍ରମିକ ମାନଙ୍କ ଅଭିଯୋଗ ଅନୁସାରେ କାରଖାନା କର୍ତ୍ତୃପକ୍ଷ ଶ୍ରମିକ ମାନଙ୍କୁ ସେମାନଙ୍କ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ କରି ଆସୁଛନ୍ତି । ସକାଳ ଘ ୮ ଘଟିକା ଠାରୁ ପ୍ରାୟ ୧୧ ଘଟିକା ପର୍ଯ୍ୟନ୍ତ ଶ୍ରମିକ ମାନେ ଗେଟ୍ ବନ୍ଦ କରି ଆନ୍ଦୋଳନ କରିଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନର ୩ ଘଣ୍ଟା ପରେ ପୋଲିସ ସ୍ଥାନୀୟ ସରପଞ୍ଚ ଶ୍ରମିକଙ୍କ ପ୍ରତିନିଧି ଓ କାରଖାନା କର୍ତ୍ତୃପକ୍ଷ ମଧ୍ୟରେ ଆଲୋଚନା କରାଯାଇଥିଲା । କାରଖାନା ମଧ୍ୟରେ ଶ୍ରମିକ ମାନଙ୍କର ଥିବା ସମସ୍ତ ସମସ୍ୟା ୧୫ ଦିନ ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକ ମାନେ ଆନ୍ଦୋଳନରୁ ଓହରି ଯାଇଥିବା ଜଣାପଡିଛି ।

# କୁକୁର କାମୁଡା ଇଞ୍ଜେକ୍ସନ ମିଳୁନି, ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ

ଠାକୁରଗଡ଼ ,(ସବ୍ୟୁ) :ଅନୁଗୋଳ ଜିଲ୍ଲା କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସଠିକ ସମୟରେ କୁକୁର କାମୁଡା ଇଞ୍ଜେକ୍ସନ ମିଳୁ ନାହିଁ । ଯାହା ଫଳରେ କୁକୁର କାମୁଡାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତି ମାନଙ୍କୁ ଇଞ୍ଜେକ୍ସନ ଦିଆଯାଉ ନଥିବା ବେଳେ ଅନେକ ରୋଗୀ ଅଯଥା ଖର୍ଚ୍ଚାନ୍ତ ହୋଇ ରେଢ଼ାଖୋଲ ଡାକ୍ତରଖାନା ଉପରେନିର୍ଭର କରୁଛନ୍ତି । ରବିବାର ଦିନ ହଣ୍ଡପା ଥାନା ବଡ଼ ଡଙ୍ଗିଆଣି ଗ୍ରାମର ତାପସ ସାହୁ ଙ୍କ ପୁଅ ପ୍ରିୟାନ୍ସ ସାହୁ ଙ୍କୁ କୁକୁର କାମୁଡିଥିବା ବେଳେ ତାଙ୍କୁ ଇଞ୍ଜେକ୍ସନ ଯୋଗାଇ ଦେବାରେ ବିଳମ୍ବ କରିଥିବା ତାପସ ସୋମବାର ଦିନ ମୁଖ୍ୟମନ୍ତ୍ରୀ ଙ୍କୁ ଇ ମେଲ ଜରିଆରେ ଅଭିଯୋଗ କରିଛନ୍ତି । ଏହାର ଏକ ନକଲ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ତାପସ ତାଙ୍କ ଅଭିଯୋଗପତ୍ରରେ ଉଲେଖ କରିଛନ୍ତି ଯେ ତାଙ୍କ ପୁଅ ପ୍ରିୟାନ୍ସ ତାଙ୍କ ଘର ସମ୍ମୁଖରେ ଖେଳୁ ଥିବା ବେଳେ ବାହାର ଅଞ୍ଚଳ ରେ ବୁଲୁଥିବା ଏକ କୁକୁର ତାଙ୍କ ଗୋଡ଼କୁ କାମୁଡି ଦେଇଥିଲେ । ପରେ ସେ ତାଙ୍କ ପୁଅଙ୍କୁ ଗୁରୁତର ଅବସ୍ଥାରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ତାଙ୍କୁ ଇଞ୍ଜେକ୍ସନ ଦିଆଯାଇ ନଥିଲା । କିଛି ମହିଳା କର୍ମଚାରୀ ମାନେ ତାଙ୍କୁ ଅର୍ଥ ମାଗିବା ସହ ବାହାର ଅଞ୍ଚଳରୁ ଇଞ୍ଜେକ୍ସନ କିଣିକି ଆଣିବା ପାଇଁ ପରାମର୍ଶ ଦେଇଥିଲେ । ପରେ ତାପସ ବାହାର ଅଞ୍ଚଳରୁ ନ କିଣି ମେଡିକାଲ ରେ ଥିବା ଇଞ୍ଜେକ୍ସନ କୁ ଦେବା ପାଇଁ କହିଥିଲେ । ହେଲେ କର୍ମଚାରୀ ମାନେ ତାଙ୍କୁ ଇଞ୍ଜେକ୍ସନ ଦେଇନଥିଲେ । ତାଙ୍କ ପୁଅ ଗୁରୁତର ହୋଇ ପଡିଥିବା ବେଳେ ଚିକିତ୍ସା ଅବହେଳା କୁ ନେଇ ସେଠାରେ ଉତ୍ତେଜନା ଦେଖା ଦେଇଥିଲା । ପରେ ସେ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଅସନ୍ତୋଷ ବ୍ୟକ୍ତ କରିବା ପରେ ତାଙ୍କୁ ୪ ଘଣ୍ଟା ବିଳମ୍ବ ରେ ଇଞ୍ଜେକ୍ସନ ଦିଆ ଯାଇଥିଲା । ବଳକା ଇଞ୍ଜେକ୍ସନ ବାହାର ଅଂଚଳ ରୁ କିଣିକି ଆଣିବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ର ଜଣେ ମହିଳା କର୍ମଚାରୀ କହିଥିବା ତାପସ ଅଭିଯୋଗ କରିଛନ୍ତି । ଗରିବ ଶ୍ରେଣୀ ର ଲୋକ ମାନ ଙ୍କୁ କୁକୁର କାମୁଡିବା ର ଇଞ୍ଜେକ୍ସନ ଦିଆ ନ ଯାଇ ବାହାର ଅଞ୍ଚଳ ରେ ଉକ୍ତ ଇଞ୍ଜେକ୍ସନ ଗୁଡିକ ବିକ୍ରି କରି ଦିଆ ଯାଉଥିବା ଅଭିଯୋଗ ହୋଇଛି । ଏ ନେଇ କିଶୋରନଗର ଗୋଷ୍ଠୀ । କେନ୍ଦ୍ର ର ଭାର ପ୍ରାପ୍ତ ଚିକିତ୍ସା ଅଧିକାରୀ ପାର୍ଥ ସାରଥୀ ପତି ଙ୍କୁ ପଚାରିବାରୁ ତଦନ୍ତ କରା ଯିବ କହି ପ୍ରସଙ୍ଗ କୁ ଏଡାଇ ଦେଇଥିଲେ ।

# ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ



ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ପରଶୁମାଳ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ଶିକ୍ଷକ ପୁଷ୍ପଜ ବେହେରା ଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରା ଯାଇଛି ।ପଦୋନ୍ନତି ପାଇଁ ପୁଷ୍ପଜ ଅନ୍ୟତ୍ର ବିଦ୍ୟାଳୟ କୁ ବଦଳି ହୋଇଥିବା ବେଳେ ତାଙ୍କ ବଦଳିକୁ ନେଇ ଅସନ୍ତୋଷ ଦେଖା ଦେଇଛି ।ଏ ନେଇ ସୋମବାର ଦିନ ପରଶୁମାଳ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ସହ ଏକ ଦାବିପତ୍ର ପ୍ରଧାନ ଶିକ୍ଷକ ସୁରମଣି ନାୟକ ଙ୍କ ଜରିଆରେ କିଶୋରନଗର ବିଇଓ ଙ୍କୁ ପ୍ରଦାନ କରିଛନ୍ତି ।ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ର ରେ ଦର୍ଶାଇଛନ୍ତି ଯେ ତାଙ୍କ ବିଦ୍ୟାଳୟର ନିଯୁକ୍ତି ପାଇଥିବା ଶିକ୍ଷକ ପୁଷ୍ପଜ ବେହେରାଙ୍କୁ ପଦୋନ୍ନତି ଶିକ୍ଷା ବିଭାଗ ପକ୍ଷରୁ କରା ଯାଇ ଅନ୍ୟତ୍ର ବିଦ୍ୟାଳୟ କୁ ବଦଳି କରା ଯାଇଛି । ତାଙ୍କ ବଦଳି ରେ ଜଣେ ଶିକ୍ଷକ ଙ୍କୁ ମଧ୍ୟ ଶିକ୍ଷା ବିଭାଗ ଦେଇଥିଲେ ମଧ୍ୟ ପୁଷ୍ପଜଙ୍କୁ ନ ଛାଡିବା ପାଇଁ ଗ୍ରାମବାସୀ ମାନେ ଜିଦ ଧରିଛନ୍ତି । ପୁଷ୍ପଜ ତାଙ୍କ ବିଦ୍ୟାଳୟ ରେ ଭଲ ଶିକ୍ଷାଦାନ କରୁଥିବା ସହ ବିଦ୍ୟାଳୟର ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିଲେ । ହେଲେ ତାଙ୍କୁ ପଦୋନ୍ନତି କରା ଯାଇ ତାଙ୍କୁ ବଦଳି କରା ଯାଇଛି ।ତୁରନ୍ତ ତାଙ୍କ ବଦଳି କୁ ବାତିଲ କରି ପୁଷ୍ପଜଙ୍କୁ ଉକ୍ତ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଦାଇତ୍ୱ ଦେବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଜାମୁଚକଡା ଗାଁରେ ନବବଧୂର ମୃତ୍ୟୁ

ହିନ୍ଦୋଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ଜାମୁଚକଡା ଗାଁରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।ଘରେ କେହି ନଥିବା ବେଳେ ନବ ବଧୂର ମୃତ୍ୟୁ ଘଟିଥିବାରୁ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅଳସୁଆ ଗାଁ ର ସୁଧାକର ନାଏକ ଜାମୁଚକଡା ଗାର ସଙ୍ଗିତା ନାଏକଙ୍କୁ ବିବାହ କରିଥିଲେ । ସୁଧାକର ଏବଂ ସଙ୍ଗିତାଙ୍କର ମୃତ୍ୟୁ ପରେ ଦୁଇ ଝିଅ ମାମୁଁ ଘର ଜାମୁଚକଡାରେ ଆଇ ପାଖରେ ରହୁଥିଲେ । ସାନ ଝିଅ ଶଶ୍ମିତା ନାଏକ ସାତ ଆଠ ମାସ ହେବ ଢେଙ୍କାନାଳ ସଦର ଥାନା ବଳରାମପୁର ଗାଁର ପ୍ରକାଶ ନାଏକଙ୍କ ପୁଅ ନେତ୍ରାନନ୍ଦ ନାଏକଙ୍କୁ ଭଲପାଇ ବିବାହ କରିଥିଲେ । ଉଭୟ ସ୍ୱାମୀ ସ୍ତ୍ରୀ ନେତ୍ରାନନ୍ଦ ଓ ଶଶ୍ମିତା କିଛି ଦିନ ହେବ ଆଇ ଘର ଜାମୁଚକଡା ଗାଁରେ ରହୁଥିଲେ ।ଗତକାଲି ଆଇ କୌଣସି କାମରେ କଟକ ଯାଇଥିବାବେଳେ ନେତ୍ରାନନ୍ଦ ମଦ୍ୟପାନ କରି ଶଶ୍ମିତାଙ୍କ ସହ ଝଗଡା କରି କେଉଁଆଡେ ଚାଲିଯାଇଥିଲା ।ପରେ ଆସି ସାହି ପଡିଶାଙ୍କୁ ଡାକି ଶଶ୍ମିତା ନିଜ ଶାଢ଼ୀ କାନିରେ ଘରଭିତରେ ଆତ୍ମହତ୍ୟା କରିଛି ବୋଲି କହିଥିଲା ।ଗ୍ରାମବାସୀ ସାହିପଡିଶା ସମସ୍ତେ ଦେଖିଲା ବେଳକୁ ଶଶ୍ମିତାର ଗୋଡ ତଳେ ଲିଗିଥିବାରୁ ସେ କିପରି ଆତ୍ମହତ୍ୟା କଲା ସମସ୍ତଙ୍କର ସନ୍ଦେହ ବଢିଥିଲା । ସଙ୍ଗେ ସଙ୍ଗେ ରାସୋଳ ଥାନାକୁ ଖବର ଦେଇଥିଲେ ।ଖବରପାଇ ରାସୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ସ୍ୱାମୀ ନେତ୍ରାନନ୍ଦ ନାଏକକୁ ଅଟକ ରଖି ପଚରାଉଚୁରା କରୁଛି ।

### ଛାତ୍ର ସଂସଦ ନିର୍ବାଚନ କୁ ନେଇ ଚଳଚଞ୍ଚଳ ଆଠମଲ୍ଲିକ କଲେଜ

ଆଠମଲ୍ଲିକ ,(ସବ୍ୟୁ) : ଗତ କିଛି ବର୍ଷ ହେଲା ରାଜ୍ୟ ରେ କଲେଜ ଗୁଡିକ ରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଥିବା ବେଳେ ଚଳିତ ବର୍ଷ କଲେଜ ଗୁଡିକ ରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା ହୋଇଥିବାରୁ ଛାତ୍ର ମହଲ ଖୁସି ବ୍ୟକ୍ତ କରୁଥିବା ବେଳେ ନିର୍ବାଚନ ପାଇଁ ଆଠମଲ୍ଲିକ କଲେଜ କ୍ୟାମ୍ପସ ଚଳ ଚଞ୍ଚଳ ହୋଇ ଉଠିଛି ।ଆଠମଲ୍ଲିକ କଲେଜ ରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ପରେ ମୁଖ୍ୟତଃ ସଭାପତି, ଉପସଭାପତି, ସମ୍ପାଦକ ଓ ସହ ସମ୍ପାଦକ ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେଉ ଥିବା ସ୍ପଷ୍ଟ ହୋଇଥିବା ବେଳେ ଆଉ କିଛି ପଦ ପଦବୀ ରେ ଜଣେ ଓ ଦୁଇ ଜଣ ଲେଖାଏଁ ପ୍ରତିଦ୍ୱନ୍ଦୀ ଥିବାର ଜଣା ପଡିଛି । ମୁଖ୍ୟତଃ ସଭାପତି ଓ ସମ୍ପାଦକ ପଦବୀ ପାଇଁ ପ୍ରାର୍ଥୀଦ୍ୱ,ପ୍ରତିଦ୍ୱନ୍ଦିତା ଓ ହାର ଜିତ କୁ ନେଇ ଚର୍ଚ୍ଚା ଜୋର ହେଉଥିବା ଦେଖା ଯାଉଛି । କ୍ୟାମ୍ପସ ଭିତରେ ସମସ୍ତ ପ୍ରାର୍ଥୀ ନିଜ ନିଜ ସପକ୍ଷରେ ଭୋଟର ତଥା ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଉ ଥିବାର ଦେଖା ଯାଉଛି ।

# ହିଙ୍ଗୁଳା ପୀଠରେ ନବରାତ୍ର ପୂଜା



ତାଳଚେର / ସାଉଥବଲଣ୍ଡା, (ସବ୍ୟୁ) :ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ଶାରଦୀୟ ନବରାତ୍ର ପୂଜା ରବିବାର ଠାରୁ ଆରମ୍ଭ ହୋଇଯାଇଛି । ଦଶ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାରେ ପ୍ରଥମ ଦିବସରେ ଶୈଳପୁତ୍ରୀ ପୂଜନ, ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ ପୂଜନ, ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ପୂଜନ, ଚତୁର୍ଥ ଦିବସରେ କୃଷ୍ମାଣ୍ଡେତି ପୂଜନ, ପଞ୍ଚମ ଦିବସରେ ସ୍କନ୍ଧମାତା ପୂଜନ, ଷଷ୍ଠ ଦିବସରେ କାତ୍ୟାୟନୀ ପୂଜନ, ସପ୍ତମ ଦିବସରେ କାଳରାତ୍ରୀ ପୂଜନ, ଅଷ୍ଟମ ଦିବସରେ ମହାଗୌରୀ ପୂଜନ, ନବମ ଦିବସରେ ସିଦ୍ଧିଦାତ୍ରୀ ପୂଜନ, ଦଶମ ଦିବସରେ ଅପରାଜିତା ପୂଜନ, ଆରତୀ ଓ ପୂର୍ଣ୍ଣାହୂତି ଆଦି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ପାଳନ କରାଯିବ ବୋଲି ଜଣାପଡିଛି । ଆଜି ନବରାତ୍ର ପୂଜାର ଦ୍ୱିତୀୟ ଦିବସରେ ମା ବ୍ରହ୍ମଚାରିଣୀଙ୍କ ପୂଜନ ସହିତ ସୂର୍ଯ୍ୟପୂଜା, ଗୋପୂଜା, ଦେବୀ ଉପଚାର ପୂଜା, ଚଣ୍ଡୀପାଠ, ହୋମ, ଯଜ୍ଞ ଆଦି ଅନୁଷ୍ଠାନ ପାରମ୍ପରିକ ବିଧିବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଅଛି । ସଓ୍ୱାମୀ ଧୀରେନ ଚୈତନ୍ୟ ମହାରାଜଙ୍କ ଆବାହକତ୍ୱରେ ପଣ୍ଡିତ ସରୋଜ କୁମାର ତ୍ରିପାଠୀ, ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ଧର ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରୁଛନ୍ତି । କର୍ତ୍ତା ଭାବରେ ଦାମୋଦର ଦୋରା, ରାଜକିଶୋର ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି । ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରତ୍ୟକ୍ଷ ସହାୟତାରେ ମା ହିଙ୍ଗୁଳାଙ୍କ ପୀଠରେ ନବରାତ୍ର ପୂଜା ଦୀର୍ଘ ୩୭ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ଅନୁଷ୍ଠିତ ହେଉଅଛି । ସୂଚନାଯୋଗ୍ୟ ଯେ-ପ୍ରତ୍ୟେକ ବର୍ଷ ଆଶ୍ୱିନ ମାସ ଶୁକ୍ଳ ପ୍ରତିପଦା ତିଥିରେ ନବରାତ୍ର ପୂଜା ବିଭିନ୍ନ ଶକ୍ତିପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ ।

# ୫ ଜୁଆଡି ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ବଡ଼ବଜାର ପୋଲିସ ଏକ ଜୁଆ ଆଡାରେ ଚଢ଼ାଉ କରି ୫ ଜଣ ଜୁଆଡିଙ୍କୁ ଗିରଫ କରିଛି । ଘଟଣାସ୍ଥଳରୁ ୨୦ହଜାର ୫ଶହ ଟଙ୍କା, ଦୁଇଟି ମୋବାଇଲ ଏବଂ ଖେଳ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି । ଏନେଇ ପୁଲିସ କେସ ନଂ ୭୭୬/୨୬ ରେ ଏକ ମାମଲା ରୁଜୁ କରିଛି । ସେହିପରି ଗିରଫ ଜୁଆଡିଙ୍କୁ ନୋଟିସ ଦେଇ ଛାଡିଥିବା କହିଛି । ଘଟଣାରୁ ପ୍ରକାଶ ଯେ, ଗତକାଲି ବିଳମ୍ବିତ ରାତିରେ ଉକ୍ତ ଥାନା ଅନ୍ତର୍ଗତ ବିଏମସି କଲୋନୀ ହରିଜନ ସାହିରେ ଏକ ଜୁଆ ଆଡା ଚାଲିଥିଲା । ରାତ୍ରକାଳୀନ ପେଟ୍ରଲିଂ କରିଥିଲା ପୁଲିସକୁ ଖବର ମିଳିଥିଲା । ସେଥରୁ ପୁଲିସ ୫ ଜଣ ଜୁଆଡିଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ଜୁଆଡି ଫେରାର ହୋଇଯାଇଛନ୍ତି । ପୁଲିସ ଘଟଣାର ତଦନ୍ତ କରୁଛି ।

### ମରାଡିରାଠାରେ ଜିଲ୍ଲାସ୍ତରୀୟ ପ୍ରଧାନଆଚାର୍ଯ୍ୟ ବୈଠକ

ବଣ୍ଟରପାଳ ,(ସବ୍ୟୁ): ଅନୁଗୋଳ ଜିଲ୍ଲାର ବଣ୍ଟରପାଳ ବ୍ଲକ ଅନ୍ତର୍ଗତ ମରାଡିରା ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇ ଦିନ ଧରି ହେବାକୁ ଥିବା ପ୍ରଧାନ ଆଚାର୍ଯ୍ୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ମରାଡିରା ଶିଶୁ ବିଦ୍ୟାମନ୍ଦିର ର ପରିଚାଳନା କମିଟି ର ସଭାପତି ପ୍ରମୋଦ ସାହୁ ଙ୍କ ନେତୃତ୍ୱରେ ଆୟୋଜିତ ବୈଠକ ରେ ଅନୁଗୋଳ ଜିଲ୍ଲାର ଶିକ୍ଷା ବିକାଶ ସମିତି ସରସତୀ ଶିଶୁ ବିଦ୍ୟାମନ୍ଦିରର ୩୯ ଜଣ ପ୍ରଧାନ ଗୁରୁଜୀ ଗୁରୁମାଙ୍କ ସମେତ ୨୦ ରୁ ଅଧିକ କର୍ମକର୍ତ୍ତା ଯୋଗ ଦେଇଛନ୍ତି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ସନ୍ତୋଷ କୁମାର ପୃଷ୍ଟି ଓ ଜିଲ୍ଲା ପ୍ରମୁଖ ପ୍ରତାପ କୁମାର ଦେହୁରୀ ଯୋଗ ଦେଇଥିଲେ ।

# ଟିଏସଏଫ୍ ସହଯୋଗରେ ନବଜୀବନ, ସୃଜନିକା ଓ ଗୃହଲକ୍ଷ୍ମୀର ସଫଳତା



ଢେଙ୍କାନାଳ, (ସବ୍ୟୁ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସଏଫ୍) ର ସହଯୋଗରେ ଓଡ଼ିଶାର ଗ୍ରାମୀଣ ମହିଳାମାନେ ପାରମ୍ପରିକ କଳାକୃତି ସହ ଆଧୁନିକ ପ୍ରଯୁକ୍ତିବିଦ୍ୟା ଓ ଏଆଇ ଟୁଲର ବ୍ୟବହାର ଶିଖି ସ୍ୱାବଲମ୍ବୀ ହେଉଛନ୍ତି । ନବଜୀବନ, ସୃଜନିକା ଓ ଗୃହଲକ୍ଷ୍ମୀ ଭଳି ସଂଗଠନ ମାଧ୍ୟମରେ ମହିଳାମାନେ ହସ୍ତଶିଳ୍ପ, ସିଲେଇ, ଖାଦ୍ୟ ପ୍ରସ୍ତୁତି ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ କରି ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଛନ୍ତି । ଯାଜପୁରର ନବଜୀବନ ସଂଗଠନରେ ପ୍ରାୟ ୮୫ ଜଣ ମହିଳା ପାରମ୍ପରିକ ଚିତ୍ରକଳା, ପୋଷାକ, ଝୋଟ ଓ ଟସର ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି । ସଂଗଠନର କାରବାର ୨୦୨୪-୨୫ରେ ୨୭.୩୩ ଲକ୍ଷ ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ବୃଦ୍ଧି ପାଇ ୫୨.୯୫ ଲକ୍ଷ ଟଙ୍କାରେ ପହଞ୍ଚିଛି । ଏହା ସଉରା ଚିତ୍ରକଳାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ମଧ୍ୟ କାର୍ଯ୍ୟ କରୁଛି ।

ଗଞ୍ଜାମର ସୃଜନିକା ସଂଗଠନ ପାରମ୍ପରିକ ଓ ଆଦିବାସୀ ଶୈଳୀର ପୋଷାକ ଏବଂ ହସ୍ତଶିଳ୍ପ ପ୍ରସ୍ତୁତ କରୁଛି । ଏହାର ବାର୍ଷିକ କାରବାର ୩.୭ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୧୪ ଲକ୍ଷ ଟଙ୍କା ହୋଇଥିବାବେଳେ ୨୦୨୬-୨୭ ପାଇଁ ୭୫ ଲକ୍ଷ ଟଙ୍କାର କାରବାର ଲକ୍ଷ୍ୟ ରଖାଯାଇଛି । ଏହା ଓଡ଼ିଶା ପୋଲିସ, ଭାରତୀୟ ନୌସେନା ଓ ସେନାକୁ ସାମଗ୍ରୀ ଯୋଗାଉଛି । ଅନୁଗୋଳ ଓ ଢେଙ୍କାନାଳର ୨୬ଟି ଗ୍ରାମର ୨,୨୫୦ରୁ ଅଧିକ ମହିଳାଙ୍କୁ ନେଇ ଗଠିତ ଗୃହଲକ୍ଷ୍ମୀ ସମବାୟ ସମିତିର ୧,୦୬୫ରୁ ଅଧିକ ମହିଳା କ୍ଷୀର ଉତ୍ପାଦନ, କୁକୁଡ଼ା ପାଳନ, ସିଲେଇ, ଛତୁ ଚାଷ ଓ ଖାଦ୍ୟ ପ୍ରସ୍ତୁତି ଭଳି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ୨୦୨୪-୨୫ରେ ଏହି ସଂଗଠନର କାରବାର ୧ କୋଟି ଟଙ୍କା ଅତିକ୍ରମ କରିଛି ।ଏହି ମହିଳାମାନେ ଫେବୃଆରୀ ୨୦୨୬ରେ ଆୟୋଜିତ ଇଣ୍ଡିଆ ଏଆଇ ଇମ୍ପାକଫ ସମଟରେ ଟିଏସଏଫ୍ ସହାୟତାରେ ଯୋଗଦେଇ ଚାଟଜିପିଟି ଓ ଜେମିନି ଭଳି ଏଆଇ ଟୁଲର ବ୍ୟବହାର ଶିଖିଥିଲେ । ଏହାଦ୍ୱାରା ନୂତନ ଉତ୍ପାଦର ଡିଜାଇନ୍, ବ୍ୟବସାୟିକ ଯୋଜନା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧିରେ ସେମାନେ ସହାୟତା ପାଉଛନ୍ତି । ଗ୍ରାମୀଣ ମହିଳାଙ୍କୁ ଆର୍ଥିକ ସଶକ୍ତୀକରଣ ସହ ନେତୃତ୍ୱ ଓ ନିଷ୍ପତ୍ତି ନେବାର ଦକ୍ଷତା ପ୍ରଦାନ କରିବା ଦିଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ପଦକ୍ଷେପ ଗୁରୁତ୍ୱ ବହନ କରୁଛି ।

# ବଣ୍ଟରପାଳ ବ୍ଲକ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ




ଅନୁଗୋଳ ,(ସବ୍ୟୁ) : ବଣ୍ଟରପାଳ ବ୍ଲକ କଂଗ୍ରେସ ପକ୍ଷରୁ ସ୍ଥାନୀୟ ନାଲକୋନଗର ନେସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଓ ସମ୍ବର୍ଦ୍ଧନା ସଭା ବ୍ଲକ ସଭାପତି ବିନୋଦ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଆଇଏନଟିୟୁସି ସଭାପତି ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ରାଜନୈତିକ ପରିସ୍ଥିତି ଉଦବେଗଜନକ । ଭୋଟ ଚୋରୀ ନେଇ ଦେଶରେ ଏକ ଅବିଶ୍ୱାସନୀୟ ଆନ୍ଦୋଳନ ଆରମ୍ଭ ହୋଇଯାଇଛି, ଯାହାକି ଦେଶର ମୁଖ୍ୟ ନିର୍ବାଚନକମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର ସହ ଗିରଫ ପାଇଁ କକ୍ରୋଜ ଜନତା ପାର୍ଟି ଦିଲ୍ଲୀରେ ଓ ରାହୁଳ ଗାନ୍ଧୀଙ୍କ ନେତୃିରେ ସମଗ୍ର ଭାରତବର୍ଷରେ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଛି । ଦେଶବାସୀଙ୍କ ବିଶ୍ୱାସ ପ୍ରତି କେନ୍ଦ୍ର ସରକାର କୁଠାରାଘାତ କରିଛି, ଫଳରେ ସେମାନଙ୍କ ପତନର ବାଟ ଖୋଲିଯାଇଛି । ଏଣୁ ସମସ୍ତ କଂଗ୍ରେସ କର୍ମୀ ତୃଣମୂଳ ସ୍ତରରୁ ଏକାଠି ବସି ଦଳକୁ ଆଗକୁ ବଢ଼ିବାରେ ସହଯୋଗ କରି ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଦିଗୁଣିତ କରିବା ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଉକ୍ତ ବୈଠକରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ଯୋଗଦେଇ କଂଗ୍ରେସ ଦଳକୁ ସୁସଂଗଠିତ କରିବା ପାଇଁ ବୁଥ ସ୍ତରରୁ ଜିଲ୍ଲା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦଳର ନୀତି ଓ ଆଦର୍ଶବୋଧକୁ ଜନମାନସରେ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ । ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କଂଗ୍ରେସ ଦଳକୁ ଆଗକୁ ବଢ଼ାଇବା ପାଇଁ ପ୍ରତ୍ୟେକ କର୍ମୀ ଜଣେ ଜଣେ ନିଃସ୍ୱାର୍ଥପର ସୈନିକ ହୋଇ କାର୍ଯ୍ୟ କଲେ ନିଶ୍ଚିତ ସୁଫଳ ମିଳିବ, ଏଥିରେ ସନ୍ଦେହ ନାହ ବୋଲି ପ୍ରକାଶ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଜିଲ୍ଲା ସହ ପ୍ରଭାରୀ ଆଦିତ୍ୟ ଅନୁଭବ ସିଂହ, ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ସମ୍ପାଦକ ସୁଦୀପ ମିଶ୍ର, ରାଜ୍ୟ କୃଷକ କଂଗ୍ରେସର ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ରାଜ୍ୟ ଆଦିବାସୀ କଂଗ୍ରେସର ସାଧାରଣ ସମ୍ପାଦକ ତପନ ପ୍ରଧାନ, ରାଜ୍ୟ ଏସସି ସେଲର ସାଧାରଣ ସମ୍ପାଦକ ନୀଳକ= ନାଏକ, ଜିଲ୍ଲା କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଜିଲ୍ଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧିର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶାନୁସାରେ ଆସନ୍ତା ଦୁଇ ମାସ ସମସ୍ତ ପ୍ରକାର କାର୍ଯ୍ୟକୁ ସୂଚାରୁରୂପେ ପାଳନ କରିବାକୁ ଉକ୍ତ ବୈଠକରେ ସ୍ଥିର କରାଗଲା । ବୁଥ ସ୍ତରୀୟ କମିଟି ଗଠନ କରିବାକୁ ପଞ୍ଚାୟତ ସଭାପତି ମାନଙ୍କୁ କୁହାଯାଇଛି । ଉକ୍ତ ବୈଠକରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ସମ୍ପାଦକୀୟ

# ବିଭିନ୍ନ ବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ

ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ପାଠପଢ଼ା ବା ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଆମ ସାଧାରଣତନ୍ତ୍ରର ଛଅସ୍ତରୀ ବର୍ଷ ପରେ ମଧ୍ୟ ସାଧାରଣ ଓ ଶିକ୍ଷିତ ବର୍ଗର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଏହି ସଂରକ୍ଷଣର ଉଦ୍ଦେଶ୍ୟ ଥିଲା, ଦଳିତ ଓ ଆଦିବାସୀ ବର୍ଗର ଲୋକଙ୍କୁ ସମାଜରେ ସମାନତା ଆଣିବାକୁ ଉପରକୁ ଉଠାଇବା । କାରଣ ସେସବୁ ବର୍ଗର ଲୋକେ, ଛାତ୍ରଛାତ୍ରୀ ବା ଯୁବକ/ଯୁବତୀମାନେ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ି ରହିଥିଲେ । ତେଣୁ ଅନୁସୂଚୀତ ଜାତି ଓ ଉପଜାତି ବର୍ଗଙ୍କ ସକାଶେ ସଂରକ୍ଷଣ ନିୟମ ଲାଗୁ କରାଗଲା । ପରେ ପଛୁଆବର୍ଗ, ମହିଳା ଓ ସଂଖ୍ୟାଲଘୁଙ୍କ ସକାଶେ ସଂରକ୍ଷଣ ମଧ୍ୟ କେଉଁଠି କେଉଁଠି ଲାଗୁ କରାଯାଇଛି । ମାତ୍ର ସାଧାରଣ ବର୍ଗର ଅସ୍ୱଚ୍ଛଳ ଅବସ୍ଥାରେ ଥିବା ପିଲାମାନେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣର ସୁବିଧା ପାଇ ନଥିବାରୁ ଅନେକ ସାଧାରଣ ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥିଲା । ମାତ୍ର ପ୍ରାୟ ୪୭ ବର୍ଷ ତଳେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଯେଉଁ 'ମଣ୍ଡଳ କମିଶନ'ର ସୁପାରିଶକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂ ଲାଗୁ କରିଥିଲେ । ତଦ୍ଦ୍ୱାରା ସାରା ଦେଶରେ ଯେପରି ଅଶାନ୍ତିର ନିଆଁ ବିକ୍ଷୋଭ ତଥା ଆତ୍ମାହୁତି ଜରିଆରେ ଜଳିଉଠିଥିଲା, ତାହା ଥିଲା ଅଭୁତପୂର୍ବ । ପ୍ରକୃତରେ ମୋରାରଜୀ ଦେଶାଇ ପ୍ରାଧାନମନ୍ତ୍ରୀ ଥିବା ବେଳେ ୧୯୭୯ ମସିହାରେ ସଂରକ୍ଷଣ ବିଷୟରେ ପରୀକ୍ଷା ନରୀକ୍ଷା କରିବା ପାଇଁ 'ମଣ୍ଡଳ କମିଶନ' ଗଠନ କରିଥିଲେ । ଜାତି ଭେଦର ପ୍ରଭାବ ବିଷୟରେ ଅନୁଧ୍ୟାନ କରିବା ସକାଶେ ଏହି କମିଶନ ଗଠିତ ହୋଇଥିଲା । ଏହି କମିଶନ ଜାତିଭେଦ ବିଷୟରେ ଅନୁଧ୍ୟାନ କରି କେତେକ ସୁପାରିଶ ମଧ୍ୟ କରିଥିଲେ । ସେହି ସୁପାରିଶଗୁଡ଼ିକୁ ପ୍ରଧାନମନ୍ତ୍ରୀ ଭି.ପି. ସିଂ ୧୯୯୦ ଅଗଷ୍ଟ ମାସରେ କାର୍ଯ୍ୟକାରୀ କରିବାରୁ ସାରା ଦେଶରେ ଛାତ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସରକାରୀ ଚାକିରି ଓ ଉଚ୍ଚଶିକ୍ଷାରୁ ଛାତ୍ରମାନେ ବଞ୍ଚିତ ହେବେ ବୋଲି ଆଶଙ୍କା କରି ଛାତ୍ରମାନଙ୍କ ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ ହୋଇ ଆତ୍ମାହୁତି ପର୍ଯ୍ୟନ୍ତ ଯାଇଥିଲା । କେବଳ ନୂଆଦିଲ୍ଲୀରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଆତ୍ମାହୁତି ଦେଇଥିଲେ । ଉତ୍ତର ଭାରତ ଓ ଉପକୂଳ ଭାରତରେ ଏହି ଛାତ୍ରଆନ୍ଦୋଳନ ଜୋରସୋର୍‌ରେ ହୋଇଥିଲା । ଏପରିକି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମଧ୍ୟ ଓଡ଼ିଶାରେ ଏହି ଛାତ୍ର ଆନ୍ଦୋଳନ ଜୋର ଧରିବାରୁ ବିବ୍ରତ ହୋଇପଡ଼ିଥିବା ପରିଲକ୍ଷିତ ହୋଇଥିଲା । ରାସ୍ତାରେ ନିଆଁ ଜାଳି, ଗାଡ଼ିମୋଟର ବନ୍ଦ କରି ଛାତ୍ରମାନେ ଯେପରି ବିଶୃଙ୍ଖଳିତ ହେଲେ, ତାହାର ପରିଣାମ ସ୍ୱରୂପ ପ୍ରଧାନମନ୍ତ୍ରୀ ଭି.ପି. ସିଂ ପ୍ରଧାନମନ୍ତ୍ରୀ ଥିବା ସତ୍ତ୍ୱେ ବର୍ଷକ ମଧ୍ୟରେ ସେ ପଦ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ।

ଇତିମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (OBC)ଙ୍କ ପାଇଁ ମଧ୍ୟପ୍ରଦେଶର ଉଚ୍ଚନ୍ୟାୟାଳୟ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଆଦେଶ ଦେଇଛନ୍ତି । କଂଗ୍ରେସ ଦଳ ପକ୍ଷରୁ ଏହାକୁ ବିରୋଧ କରାଯାଇଛି ଏବଂ ସର୍ବୋଚ୍ଚ ଅଦାଲତଙ୍କଠାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆହ୍ୱାନ କରାଯିବ ବୋଲି ଗତ ତା ୧୦।୧୦।୨୦୨୬ ରିଖରେ କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି । ଉଲ୍ଲେଖନୀୟ ଯେ ଗତ ୨୦୧୯ ମସିହାରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ୧୪ ପ୍ରତିଶତରୁ ୨୭ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା । ମାତ୍ର ମଧ୍ୟପ୍ରଦେଶ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ ଯେ ଏପରି ବୃଦ୍ଧି ବ୍ୟବସ୍ଥା ଅସମ୍ବିଧାନିକ ଏବଂ ସର୍ବୋଚ୍ଚ ଅଦାଲତ ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଆଦେଶ ଦେଇଥିବା ବେଳେ, ସେପରି କୌଣସି ଜରୁରୀ ଆବଶ୍ୟକତା ନଥିବାରୁ ଏପରି ବୃଦ୍ଧି କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଥିଲେ । ଫଳରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଏପରି ଆଦେଶ ବିରୋଧରେ କଂଗ୍ରେସ ଦଳ ସର୍ବୋଚ୍ଚ ଅଦାଲତଙ୍କର ଆଶ୍ରୟ ନେବ ବୋଲି ପ୍ରକାଶ କରିଛି । ତେଣୁ ଏ ସଂରକ୍ଷଣ ବ୍ୟବସ୍ଥା କ'ଣ ହେବ ତାହା ଭବିଷ୍ୟତ ହିଁ କହିବ ।

ଅବଶ୍ୟ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ନରସିଂହ ରାଓ ସାଧାରଣ ବର୍ଗର ଅସ୍ୱଚ୍ଛଳ ଛାତ୍ରଛାତ୍ରୀଙ୍କ ସକାଶେ ଉଚ୍ଚଶିକ୍ଷା ବା ଚାକିରି କ୍ଷେତ୍ରରେ ଦଶ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଚାହିଁଥିଲେ । ମାତ୍ର ସେ ତାହା କରିପାରି ନ ଥିଲେ । ଏବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିନ୍ତୁ ୨୦୧୯ରେ ୧୦୩ତମ ସାମ୍ବିଧାନ ସଂଶୋଧନ ଆଇନ ଜରିଆରେ ତାହାକୁ କାର୍ଯ୍ୟକାରୀ କରିଥିଲେ । ଫଳରେ ସାଧାରଣ ବର୍ଗର ଆର୍ଥିକ ଅସ୍ୱଚ୍ଛଳ ଅବସ୍ଥାରେ ଥିବା ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷାର ଆଡମିଶନ ବା ସରକାରୀ ନିଯୁକ୍ତି କ୍ଷେତ୍ରରେ ହେଉ ଏହି ଦଶ ପ୍ରତିଶତ ସଂରକ୍ଷଣ ନିୟମ ଲାଗୁ କରାଯାଇଥିଲା । ଫଳରେ ସାଧାରଣ ବର୍ଗର ଅସ୍ୱଚ୍ଛଳ ଅବସ୍ଥାରେ ଥିବା ଅନେକ ଛାତ୍ରଛାତ୍ରୀ ଏହା ଦ୍ୱାରା ଉପକୃତ ହୋଇପାରିଛନ୍ତି ।

ଇତିମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (OBC)ଙ୍କ ପାଇଁ ମଧ୍ୟପ୍ରଦେଶର ଉଚ୍ଚନ୍ୟାୟାଳୟ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଆଦେଶ ଦେଇଛନ୍ତି । କଂଗ୍ରେସ ଦଳ ପକ୍ଷରୁ ଏହାକୁ ବିରୋଧ କରାଯାଇଛି ଏବଂ ସର୍ବୋଚ୍ଚ ଅଦାଲତଙ୍କଠାରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆହ୍ୱାନ କରାଯିବ ବୋଲି ଗତ ତା ୧୦।୧୦।୨୦୨୬ ରିଖରେ କଂଗ୍ରେସ ଦଳ ପକ୍ଷରୁ କୁହାଯାଇଛି । ଉଲ୍ଲେଖନୀୟ ଯେ ଗତ ୨୦୧୯ ମସିହାରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ୧୪ ପ୍ରତିଶତରୁ ୨୭ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା । ମାତ୍ର ମଧ୍ୟପ୍ରଦେଶ ହାଇକୋର୍ଟ ତାଙ୍କ ରାୟରେ ପ୍ରକାଶ କରିଥିଲେ ଯେ ଏପରି ବୃଦ୍ଧି ବ୍ୟବସ୍ଥା ଅସମ୍ବିଧାନିକ ଏବଂ ସର୍ବୋଚ୍ଚ ଅଦାଲତ ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଆଦେଶ ଦେଇଥିବା ବେଳେ, ସେପରି କୌଣସି ଜରୁରୀ ଆବଶ୍ୟକତା ନଥିବାରୁ ଏପରି ବୃଦ୍ଧି କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଥିଲେ । ଫଳରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଏପରି ଆଦେଶ ବିରୋଧରେ କଂଗ୍ରେସ ଦଳ ସର୍ବୋଚ୍ଚ ଅଦାଲତଙ୍କର ଆଶ୍ରୟ ନେବ ବୋଲି ପ୍ରକାଶ କରିଛି । ତେଣୁ ଏ ସଂରକ୍ଷଣ ବ୍ୟବସ୍ଥା କ'ଣ ହେବ ତାହା ଭବିଷ୍ୟତ ହିଁ କହିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

### ଆନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ...

# ଓଡ଼ିଶା ପାଇଁ ଏକ ଆହ୍ୱାନ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ପ୍ରକୃତି ମଣିଷର ଜୀବନଦାତ୍ରୀ, କିନ୍ତୁ ପ୍ରକୃତିର ରୌଦ୍ରରୂପ ସାମ୍ନାରେ ମଣିଷର ଅସହାୟତା ମଧ୍ୟ ଏକ କଠୋର ବାସ୍ତବତା । ଯେଉଁ ମାଟି ଆମକୁ ଅନ୍ନ ଦିଏ, ଯେଉଁ ନଦୀ ଆମର ଜୀବନଧାରାକୁ ସମୃଦ୍ଧ କରେ ଏବଂ ଯେଉଁ ସମୁଦ୍ର ଆମ ରାଜ୍ୟର ଅର୍ଥନୀତିକୁ ନୂଆ ସମ୍ଭାବନା ଦିଏ, ସେହି ପ୍ରକୃତି ଯେତେବେଳେ ଘୂର୍ଣ୍ଣିଝଡ଼, ବନ୍ୟା ଓ ପ୍ରବଳ ବର୍ଷାର ରୂପ ଧାରଣ କରେ, ସେତେବେଳେ ଜନଜୀବନ ଗଭୀର ସଙ୍କଟରେ ପଡ଼େ । ଓଡ଼ିଶା ପାଇଁ ଏହା କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ଦୀର୍ଘକାଳୀନ ସାମାଜିକ, ଅର୍ଥନୈତିକ ଓ ମାନବୀୟ ଆହ୍ୱାନ । ଅକ୍ଟୋବର ୧୩ ତାରିଖରେ ପାଳିତ ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ଆମକୁ ଏହି ମୌଳିକ ସତ୍ୟ ମନେ ପକାଇଦିଏ ଯେ ବିପର୍ଯ୍ୟୟ ପରେ କ୍ଷୟକ୍ଷତିର ହିସାବ କରିବାଠାରୁ ବିପର୍ଯ୍ୟୟ ପୂର୍ବରୁ ଜୀବନ, ସମ୍ପତ୍ତି ଓ ଜୀବିକାର ସୁରକ୍ଷା ପାଇଁ ପ୍ରସ୍ତୁତ ହେବା ଅଧିକ ଜରୁରୀ । ଏହି ଦିବସ ଆମ ପାଇଁ କେବଳ ଏକ ସ୍ମରଣୀୟ ତାରିଖ ନୁହେଁ, ବରଂ ଓଡ଼ିଶାକୁ ଅଧିକ ସୁରକ୍ଷିତ, ସଚେତନ ଓ ବିପର୍ଯ୍ୟୟ ସହନଶୀଳ କରିବାର ଏକ ସାମୂହିକ ସଂକଳ୍ପ । ଓଡ଼ିଶାର ଭୌଗୋଳିକ ସ୍ଥିତି ଏହି ଆହ୍ୱାନକୁ ଆହୁରି ଗମ୍ଭୀର କରିଛି । ବଙ୍ଗୋପସାଗରର ଉପକୂଳ, ମହାନଦୀ ସମେତ ଅନେକ ନଦୀର ବିସ୍ତୃତ ଅବବାହିକା, ନିମ୍ନାଞ୍ଚଳ, ଜଳଭରା ଜନବସତି ଓ ପାହାଡ଼ିଆ ଅଞ୍ଚଳର ଭୌଗୋଳିକ ବିବିଧତା ରାଜ୍ୟକୁ ବିଭିନ୍ନ ପ୍ରକାର ବିପଦର ସମ୍ମୁଖୀନ କରାଏ । ଫାଇଲିନ, ହୁଡ୍‌ହୁଡ୍, ଫନି ଓ ଅନ୍ୟାନ୍ୟ ଘୂର୍ଣ୍ଣିଝଡ଼ ଓଡ଼ିଶାର ଜନଜୀବନ, କୃଷି, ଗମନାଗମନ ଓ ଭିତ୍ତିଭୂମି ଉପରେ ଗଭୀର ପ୍ରଭାବ ପକାଇଛି ।

ବିଭିନ୍ନ ବର୍ଷର ବନ୍ୟା ମହାନଦୀ ଓ ଅନ୍ୟାନ୍ୟ ନଦୀକୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ଘରଦ୍ୱାର, ଚାଷଜମି ଓ ଜୀବିକାକୁ କ୍ଷତିଗ୍ରସ୍ତ କରିଛି । ଅନେକ ସମୟରେ ଲୋକମାନେ ନିଜର ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ଆଶ୍ରୟସ୍ଥଳକୁ ଯାଆନ୍ତି ପଶୁଧନ, ଫସଲ ଓ ବର୍ଷକର ରୋଜଗାର ପଛରେ ରହିଯାଏ । ବିପର୍ଯ୍ୟୟର ଆଘାତ କେବଳ ସେହି ଦିନରେ ସୀମିତ ରହେନାହିଁ । ଭାଙ୍ଗିଯାଇଥିବା ଘର ପୁନର୍ନିର୍ମାଣ, ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ, ରୋଗବ୍ୟାଧିର ମୁକାବିଲା ଓ ପିଲାମାନଙ୍କ ପାଠପଢ଼ାକୁ ପୁନର୍ବାର ସ୍ୱାଭାବିକ କରିବା ପାଇଁ ଦୀର୍ଘ ସମୟ ଲାଗେ । ତେଣୁ ବିପର୍ଯ୍ୟୟ ପରିଚାଳନାର ଅର୍ଥ କେବଳ ଉଦ୍ଧାରକାର୍ଯ୍ୟ ନୁହେଁ ଏହା ମଣିଷର ଜୀବନ, ମର୍ଯ୍ୟାଦା ଓ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଏକ ବ୍ୟାପକ ଦାୟିତ୍ୱ । ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଅନେକ ଅଭିଜ୍ଞତା ହାସଲ କରିଛି । ଘୂର୍ଣ୍ଣିଝଡ଼ ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳ ନିର୍ମାଣ, ଉଦ୍ଧାରକାରୀ ଦଳର ନିୟୋଜନ, ପାଣିପାଗ ସ୍ଥାନର ପ୍ରସାର ଓ ପ୍ରଶାସନିକ ସମନ୍ୱୟ ଅନେକ ସମୟରେ ଜୀବନରକ୍ଷାରେ ସହାୟକ ହୋଇଛି । ଏହି ଅଭିଜ୍ଞତା ଓଡ଼ିଶାକୁ ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବେ ପରିଚିତ କରିଛି । କିନ୍ତୁ ପୂର୍ବ ସଫଳତା ଆଗାମୀ ବିପଦରୁ ସମ୍ପୂର୍ଣ୍ଣ ସୁରକ୍ଷାର ନିଶ୍ଚୟତା ନୁହେଁ ।

ପ୍ରତ୍ୟେକ ବର୍ଷର ଅନୁଭୂତିକୁ ବିଶ୍ଳେଷଣ କରି ଦୁର୍ବଳତା ଚିହ୍ନଟ କରିବା, ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଓ ନୂଆ ବିପଦକୁ ଆଗୁଆ ଚିହ୍ନିବା ଆବଶ୍ୟକ । ପ୍ରଥମେ ଗୁରୁତ୍ୱ ଦେବା ଉଚିତ, ପୂର୍ବ ସତର୍କ ସ୍ଥାନକୁ ଶେଷ ଲୋକଟି ପର୍ଯ୍ୟନ୍ତ ପହଞ୍ଚାଇବା । ପାଣିପାଗ ବିଭାଗର ସୂଚନା ଜାରି ହେବା ଯେତିକି ଜରୁରୀ, ତାହାକୁ ସାଧାରଣ ଲୋକଙ୍କ ପାଇଁ ସହଜ, ସ୍ପଷ୍ଟ ଓ ବୁଝିବାଯୋଗ୍ୟ କରିବା ମଧ୍ୟ ସେତିକି ଜରୁରୀ । ଗାଁର ଲୋକ, ମତ୍ସ୍ୟଜୀବୀ, ଚାଷୀ, ଦିନ ମଜୁରିଆ ଓ ନଦୀକୂଳରେ ରହୁଥିବା ପରିବାରମାନେ ଠିକ୍ ସମୟରେ ସତର୍କ ସୂଚନା ପାଇଲେ ନିଜର ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ । ମୋବାଇଲ ସନ୍ଦେଶ, ସ୍ଥାନୀୟ ଘୋଷଣା, ରେଡିଓ, ଦୂରଦର୍ଶନ ଓ ଗ୍ରାମସ୍ତରୀୟ ସୂଚନା ବ୍ୟବସ୍ଥାକୁ ଏକାଠି କାର୍ଯ୍ୟକ୍ଷମ କରିବା ଦରକାର । ଯେଉଁ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଦୁର୍ବଳ, ସେଠାରେ ବିକଳ୍ପ ସୂଚନା ପ୍ରଣାଳୀ ରହିବା ଆବଶ୍ୟକ । ସତର୍କ ସୂଚନା କେବଳ ଏକ ଘୋଷଣା ନୁହେଁ ଏହା ଜୀବନ ବଞ୍ଚାଇବାର ପ୍ରଥମ ସୁଯୋଗ । ଦ୍ୱିତୀୟତଃ, ବନ୍ୟା ନିୟନ୍ତ୍ରଣ ଓ ଜଳ ପରିଚାଳନାକୁ ଦୀର୍ଘକାଳୀନ ଯୋଜନାର ଅଂଶ କରିବା ଦରକାର । ନଦୀବନ୍ଧର ନିୟମିତ ଯାଞ୍ଚ, ଦୁର୍ବଳ ସ୍ଥାନର ମରାମତି, ଜଳନିଷ୍କାସନ ବ୍ୟବସ୍ଥାର ଉନ୍ନତି, ପ୍ରାକୃତିକ ଜଳପଥର ସୁରକ୍ଷା ଓ ଜଳାଶୟର ବୈଜ୍ଞାନିକ ପରିଚାଳନା ଉପରେ ନିରନ୍ତର ଧ୍ୟାନ ଦେବା ଆବଶ୍ୟକ । ନଦୀପଠା ଓ ଜଳନିଷ୍କାସନ ପଥକୁ ଅବରୋଧ କରୁଥିବା ଅନିୟନ୍ତ୍ରିତ ନିର୍ମାଣ, ଜଳାଶୟ ପୋତିବା ଓ ଅବୈଜ୍ଞାନିକ ସହରୀକରଣ ବନ୍ୟାର ବିପଦକୁ ବଢ଼ାଇପାରେ । ସହରାଞ୍ଚଳରେ ଅଳ୍ପ ବର୍ଷାରେ ଜଳବନ୍ଦୀ ସୃଷ୍ଟି ହେବାର କାରଣ ଖୋଜି ସ୍ଥାୟୀ ସମାଧାନ କରିବା ଦରକାର । କେବଳ ଜଳ ନିଷ୍କାସନ ପାଇଁ ନୂଆ ନାଳ ନିର୍ମାଣ କରିଦେଲେ ହେବନାହିଁ । ପ୍ରାକୃତିକ ଜଳପଥ, ଜଳାଶୟ ଓ ନିମ୍ନାଞ୍ଚଳର ଜଳଧାରଣ କ୍ଷମତାକୁ ମଧ୍ୟ ସୁରକ୍ଷିତ ରଖିବାକୁ ହେବ । ତୃତୀୟତଃ, ଘୂର୍ଣ୍ଣିଝଡ଼ ପ୍ରବଣ ଉପକୂଳ ଅଞ୍ଚଳରେ ସୁରକ୍ଷିତ ଆବାସ, ଦୃଢ଼ ଆଶ୍ରୟସ୍ଥଳ, ସ୍ୱଚ୍ଛ ପାନୀୟ ଜଳ, ଆବଶ୍ୟକ ଔଷଧ ଓ ନିରବଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ । ଆଶ୍ରୟସ୍ଥଳରେ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଆବଶ୍ୟକତାକୁ ବିଶେଷ ଗୁରୁତ୍ୱ ଦେବା ଦରକାର । ପଶୁଧନ ପାଇଁ ଅଲଗା ସୁରକ୍ଷିତ ବ୍ୟବସ୍ଥା ରହିଲେ ଲୋକମାନେ ନିଜ ଗୃହପାଳିତ ପଶୁଙ୍କୁ ଛାଡ଼ି ଯିବାର ମାନସିକ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବେ । ଏହା ସହିତ ବିଦ୍ୟାଳୟ, ଡାକ୍ତରଖାନା, ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ସଡ଼କକୁ ବିପର୍ଯ୍ୟୟ ସହନଶୀଳ କରିବା ଦରକାର । ଯେଉଁ ଭିତ୍ତିଭୂମି ଲୋକଙ୍କ ଜୀବନରକ୍ଷା ପାଇଁ ନିର୍ମିତ, ତାହା ବିପର୍ଯ୍ୟୟ ସମୟରେ ନିଜେ ଅଚଳ ହୋଇଗଲେ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହେବ । ଚତୁର୍ଥତଃ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଅଣଦେଖା କରି ହେବନାହିଁ । ସମୁଦ୍ରପତ୍ତନ ବୃଦ୍ଧି, ଅନିୟମିତ ବର୍ଷା, ଅତ୍ୟଧିକ ତାପମାତ୍ରା ଓ ଚରମ ପାଣିପାଗ ଘଟଣା ଅନେକ ଅଞ୍ଚଳର ବିପଦକୁ ବଢ଼ାଇପାରେ । ଏହାର ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜଙ୍ଗଲ ଓ ଲୁଣାଜଙ୍ଗଲର ସୁରକ୍ଷା, ବୃକ୍ଷରୋପଣ, ପ୍ରାକୃତିକ ଜଳାଶୟର ସଂରକ୍ଷଣ ଓ ପରିବେଶ ଅନୁକୂଳ ଉନ୍ନୟନକୁ ପ୍ରାଥମିକତା ଦେବା ଦରକାର ।

ଉନ୍ନତିର ଅର୍ଥ କେବଳ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ସଡ଼କ ଓ ନୂଆ ଶିଳ୍ପ ପ୍ରତିଷ୍ଠା ନୁହେଁ, ଉନ୍ନତିର ପ୍ରକୃତ ମାପଦଣ୍ଡ ହେଉଛି ସେହି ସମ୍ପତ୍ତି ଓ ଭିତ୍ତିଭୂମି ବିପଦ ସମୟରେ କେତେ ଲୋକଙ୍କୁ ସୁରକ୍ଷା ଦେଇପାରୁଛି । ପଞ୍ଚମତଃ, ବିପର୍ଯ୍ୟୟ ପରିଚାଳନାକୁ କେବଳ ସରକାରୀ ବିଭାଗର ଦାୟିତ୍ୱ ଭାବେ ଦେଖିବା ଉଚିତ ନୁହେଁ । ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପୌରସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସମୁଦାୟର ଏଥିରେ ସକ୍ରିୟ ଭୂମିକା ରହିବା ଦରକାର । ଗାଁରେ ବିପର୍ଯ୍ୟୟ ପରିଚାଳନା ଦଳ ଗଠନ, ନିୟମିତ ଅଭ୍ୟାସ, ପ୍ରାଥମିକ ଚିକିତ୍ସା ତାଲିମ ଓ ସୁରକ୍ଷିତ ସ୍ଥାନକୁ ଯିବାର ମାର୍ଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ । ଶିଶୁମାନଙ୍କୁ ଛୋଟବେଳୁ ବନ୍ୟା, ବଜ୍ରପାତ, ଘୂର୍ଣ୍ଣିଝଡ଼ ଓ ଭୂସ୍ଖଳନ ସମୟରେ କିପରି ସୁରକ୍ଷିତ ରହିବାକୁ ହୁଏ, ସେ ବିଷୟରେ ଶିକ୍ଷା ଦେବା ଦରକାର । ଗୁଜବ, ଭୁଲ ସୂଚନା ଓ ଅବହେଳା ଅନେକ ସମୟରେ ବିପଦକୁ ବଢ଼ାଇଦିଏ । ତେଣୁ ନିର୍ଭରଯୋଗ୍ୟ ସୂଚନା ଉପରେ ଆସ୍ଥା ରଖିବା ଓ ପ୍ରଶାସନର ସୁରକ୍ଷା ନିର୍ଦ୍ଦେଶକୁ ପାଳନ କରିବା ଜନସାଧାରଣଙ୍କ ଦାୟିତ୍ୱ । ବିପର୍ଯ୍ୟୟ ସମୟରେ ସମାଜର ସବୁଠାରୁ ଦୁର୍ବଳ ବର୍ଗ ଅଧିକ ପ୍ରଭାବିତ ହୁଅନ୍ତି । ଜମିହୀନ ଶ୍ରମିକ, ଛୋଟ ଚାଷୀ, ମତ୍ସ୍ୟଜୀବୀ, ରାସ୍ତାକଡ଼ରେ ବସବାସ କରୁଥିବା ପରିବାର ଓ ଅସହାୟ ବୟସ୍କଙ୍କ ପାଇଁ ଆଗୁଆ ସହାୟତା ଯୋଜନା ରହିବା ଆବଶ୍ୟକ । କ୍ଷତିଗ୍ରସ୍ତ ଚାଷୀଙ୍କୁ ସମୟୋଚିତ ସହାୟତା, ଜୀବିକା ହରାଇଥିବା ଲୋକଙ୍କୁ ପୁନର୍ବାସ, ଶିଶୁଙ୍କ ପାଠପଢ଼ାର ନିରନ୍ତରତା ଓ ପ୍ରଭାବିତ ପରିବାରଙ୍କ ମାନସିକ ସହାୟତାକୁ ଗୁରୁତ୍ୱ ଦେବା ଦରକାର । ସହାୟତା ବଣ୍ଟନରେ ସ୍ୱଚ୍ଛତା, ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ଓ ଅଭିଯୋଗର ତ୍ୱରିତ ସମାଧାନ ନିଶ୍ଚିତ କରାଯିବା ଉଚିତ । ବିପର୍ଯ୍ୟୟ ପରେ ଲୋକଙ୍କୁ ପୁନର୍ବାର ନିଜ ପାଦରେ ଠିଆ କରାଇବା ହିଁ ପ୍ରକୃତ ପୁନର୍ବାସ । ଏଥିପାଇଁ ଦୀର୍ଘକାଳୀନ ଯୋଜନା, ପର୍ଯ୍ୟାପ୍ତ ଅର୍ଥ, ଦକ୍ଷ ମାନବସମ୍ବଳ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅପରିହାର୍ଯ୍ୟ । ପ୍ରତ୍ୟେକ ବିପର୍ଯ୍ୟୟ ପରେ କେଉଁ ପଦକ୍ଷେପ ସଫଳ ହେଲା, କେଉଁଠାରେ ଅଭାବ ରହିଲା ଓ ଭବିଷ୍ୟତରେ କିପରି କ୍ଷତି କମାଯାଇପାରିବ, ତାହାର ସ୍ୱଚ୍ଛ ସମୀକ୍ଷା କରାଯିବା ଆବଶ୍ୟକ । ଏହି ସମୀକ୍ଷା କାହାକୁ ଦୋଷୀ କରିବା ପାଇଁ ନୁହେଁ, ବରଂ ବ୍ୟବସ୍ଥାକୁ ଅଧିକ ଦକ୍ଷ କରିବା ପାଇଁ ହେବା ଉଚିତ । ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସରେ ଓଡ଼ିଶା ଏକ ନୂଆ ଲକ୍ଷ୍ୟ ନିର୍ଦ୍ଧାରଣ କରିପାରେ–ପ୍ରତ୍ୟେକ ବିପଦପ୍ରବଣ ଗ୍ରାମରେ ସୁରକ୍ଷା ଯୋଜନା, ପ୍ରତ୍ୟେକ ବିଦ୍ୟାଳୟରେ ନିୟମିତ ସଚେତନତା ଅଭ୍ୟାସ, ପ୍ରତ୍ୟେକ ନଦୀବନ୍ଧର ନିୟମିତ ଯାଞ୍ଚ, ପ୍ରତ୍ୟେକ ଆଶ୍ରୟସ୍ଥଳରେ ଆବଶ୍ୟକ ସୁବିଧା ଓ ପ୍ରତ୍ୟେକ ପରିବାର ପାଖରେ ବିପଦ ସମୟର ପ୍ରସ୍ତୁତି ସୂଚନା । ଏହି ଲକ୍ଷ୍ୟ ପୂରଣ ପାଇଁ ସରକାର, ପ୍ରଶାସନ, ବୈଜ୍ଞାନିକ, ଗଣମାଧ୍ୟମ ଓ ନାଗରିକ ସମାଜ ଏକାଠି କାମ କରିବା ଦରକାର । ଏଠାରେ ଗଣମାଧ୍ୟମର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଗଣମାଧ୍ୟମ କେବଳ ବିପର୍ଯ୍ୟୟର ଭୟାବହ ଚିତ୍ର ପ୍ରଦର୍ଶନ କରିବ ନାହିଁ ଏହା ଲୋକଙ୍କୁ ଠିକ୍ ସୂଚନା ଦେବ, ସୁରକ୍ଷା ଉପାୟ ବୁଝାଇବ, ପ୍ରଶାସନିକ ପ୍ରସ୍ତୁତିର ସମୀକ୍ଷା କରିବ ଓ କ୍ଷତିଗ୍ରସ୍ତଙ୍କ ସ୍ୱରକୁ ଦାୟିତ୍ୱର ସହିତ ଉପସ୍ଥାପନ କରିବ । ଓଡ଼ିଆ ଭାଷାରେ ସରଳ, ସ୍ପଷ୍ଟ ଓ ବିଶ୍ୱସନୀୟ ସୂଚନା ପ୍ରସାର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରିବାରେ ସହାୟକ ହୋଇପାରିବ । ଶେଷରେ ଆମେ ଏହା ବୁଝିବା ଦରକାର ଯେ ପ୍ରକୃତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ମଣିଷର ସାମର୍ଥ୍ୟ ମଧ୍ୟରେ ନାହିଁ, କିନ୍ତୁ ପ୍ରକୃତିଜନିତ ବିପଦରେ ହେଉଥିବା କ୍ଷତିକୁ ଯଥେଷ୍ଟ ହ୍ରାସ କରିବା ନିଶ୍ଚିତ ଭାବେ ସମ୍ଭବ । ଏଥିପାଇଁ ଆବଶ୍ୟକ ଦୂରଦୃଷ୍ଟି, ବୈଜ୍ଞାନିକ ଚିନ୍ତାଧାରା, ଦାୟିତ୍ୱପୂର୍ଣ୍ଣ ପ୍ରଶାସନ, ସଚେତନ ନାଗରିକ ଓ ଦୃଢ଼ ରାଜନୈତିକ ସଂକଳ୍ପ । ଓଡ଼ିଶା ବାରମ୍ବାର ବିପଦର ସାମ୍ନା କରିଛି, ପୁଣି ଉଠି ଠିଆ ହୋଇଛି ଏବଂ ନିଜର ଅଦମ୍ୟ ସାହସର ପରିଚୟ ଦେଇଛି । ଏବେ ସମୟ ଆସିଛି ସେହି ସାହସକୁ ସୁଦୃଢ଼ ପ୍ରସ୍ତୁତି, ସୁରକ୍ଷିତ ଭିତ୍ତିଭୂମି ଓ ଜନସହଭାଗିତାରେ ପରିଣତ କରିବାର । ଆମର ସଫଳତାର ମାପ କେବଳ ବିପର୍ଯ୍ୟୟ ପରେ କେତେ ଶୀଘ୍ର ସହାୟତା ପହଞ୍ଚିଲା, ତାହା ନୁହେଁ ବରଂ ବିପର୍ଯ୍ୟୟ ଆସିବା ପୂର୍ବରୁ କେତେ ଜୀବନ ବଞ୍ଚାଇବାର ବ୍ୟବସ୍ଥା କରିପାରିଲୁ, ତାହା ହିଁ ପ୍ରକୃତ ପରୀକ୍ଷା । ଏହି ଦିବସରେ ଆମର ସଂକଳ୍ପ ହେଉ– ବିପର୍ଯ୍ୟୟକୁ ଭୟ ନୁହେଁ, ବିଜ୍ଞାନ, ସଚେତନତା ଓ ସମନ୍ୱିତ ପ୍ରସ୍ତୁତିରେ ମୁକାବିଲା କରିବା ପ୍ରତ୍ୟେକ ଜୀବନକୁ ମୂଲ୍ୟ ଦେବା ପ୍ରତ୍ୟେକ ଗାଁକୁ ସୁରକ୍ଷିତ କରିବା ପ୍ରତ୍ୟେକ ପରିବାରରେ ଆଶା ଓ ଆତ୍ମବିଶ୍ୱାସ ଜାଗ୍ରତ କରିବା । କାରଣ ଏକ ସୁରକ୍ଷିତ ଓଡ଼ିଶା ହିଁ ସମୃଦ୍ଧ ଓଡ଼ିଶାର ପ୍ରକୃତ ଭିତ୍ତି ଏବଂ ମଣିଷର ଜୀବନ ରକ୍ଷାଠାରୁ ବଡ଼ ଉନ୍ନତି ଆଉ କିଛି ନାହିଁ ।

ଗଙ୍ଗୋତ୍ରୀନଗର, ଲେନ୍–୩,
ଶିଶୁପାଳଗଡ଼, ଭୁବନେଶ୍ୱର
ମୋ: ୯୪୩୭୯୯୪୩୭୯

# ଚାକିରିର ଚାପ ଓ ମାନସିକ ସନ୍ତୁଳନ



**ନିର୍ମଳ କୁମାର ରଣା**

ଆଜିର ଦ୍ରୁତଗତିଶୀଳ ଜୀବନରେ ଚାକିରି ମଣିଷର ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ଏହା କେବଳ ଜୀବିକାର ମାଧ୍ୟମ ନୁହେଁ ଏହା ସାମାଜିକ ପରିଚୟ, ଆତ୍ମସମ୍ମାନ, ଆର୍ଥିକ ସୁରକ୍ଷା ଓ ଭବିଷ୍ୟତର ଆଶା ସହ ଜଡ଼ିତ । କିନ୍ତୁ ଆଧୁନିକ କର୍ମଜୀବନର ଅତ୍ୟଧିକ ପ୍ରତିଯୋଗିତା, ବଢ଼ୁଥିବା କାର୍ଯ୍ୟଭାର, ନିରନ୍ତର ଲକ୍ଷ୍ୟ ପୂରଣରଚାପ ଏବଂ ଅସୁସ୍ଥ କାର୍ଯ୍ୟ ପରିବେଶ ଅନେକଙ୍କ ଜୀବନରେ ମାନସିକ ଅଶାନ୍ତିର କାରଣ ପାଲଟିଛି ।

ପ୍ରତିବର୍ଷ ୧୦ ଅକ୍ଟୋବର 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଏ । ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି, ମାନସିକ ସମସ୍ୟା ପ୍ରତି ସମାଜର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଏବଂ ସମସ୍ତଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱକୁ ଉଜାଗର କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ କର୍ମକ୍ଷେତ୍ରରେ ବଢ଼ୁଥିବା ମାନସିକ ଚାପ ପ୍ରତି ଦୃଷ୍ଟି ଦେବା ମଧ୍ୟ ସମୟର ଏକ ବଡ଼ ଆବଶ୍ୟକତା ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଦୃଷ୍ଟିରେ ସ୍ୱାସ୍ଥ୍ୟ କେବଳ ରୋଗମୁକ୍ତ ଶରୀରର ନାମ ନୁହେଁ ଶାରୀରିକ ସୁସ୍ଥତା ସହ ମାନସିକ ଓ ସାମାଜିକ ସୁସ୍ଥତା ମଧ୍ୟ ଏହାର ଅବିଚ୍ଛେଦ୍ୟ ଅଂଶ । କିନ୍ତୁ ବାସ୍ତବ ଜୀବନରେ ଆମେ ଶାରୀରିକ ସ୍ୱାସ୍ଥ୍ୟକୁ ଯେତିକି ଗୁରୁତ୍ୱ ଦେଉଛୁ, ମାନସିକ ସ୍ୱାସ୍ଥ୍ୟକୁ ସେତିକି ଗୁରୁତ୍ୱ ଦେଉନାହୁଁ । ବିଶେଷକରି କର୍ମଜୀବୀ ମଣିଷ ନିଜର ମାନସିକ ଯନ୍ତ୍ରଣାକୁ ଅନେକ ସମୟରେ ନୀରବତାରେ ସହିଚାଲିଥାଏ । ସରକାରୀ ହେଉ କି ବେସରକାରୀ, ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ଲକ୍ଷ୍ୟ ପୂରଣର ଚାପ ବଢ଼ିଛି । ଅତ୍ୟଧିକ କାର୍ଯ୍ୟଭାର, ଅବାସ୍ତବ ସମୟସୀମା, ଅସ୍ପଷ୍ଟ ଦାୟିତ୍ୱ, ପଦୋନ୍ନତିକୁ ନେଇ ଅନିଶ୍ଚିତତା, ଚାକିରି ହରାଇବାର ଭୟ, କାର୍ଯ୍ୟସ୍ଥଳରେ ଉତ୍ପୀଡ଼ନ ଏବଂ ଉପରିସ୍ଥ ଅଧିକାରୀଙ୍କ ଅମାନବିକ ବ୍ୟବହାର ମାନସିକଚାପର ପ୍ରମୁଖ କାରଣ ।

ବର୍ତ୍ତମାନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କର୍ମଚାରୀ ଅଭାବ, ବାରମ୍ବାର ନୂଆ ଦାୟିତ୍ୱ, ଡିଜିଟାଲ୍ ରିପୋର୍ଟିଂ, ଅନଲାଇନ୍ ତଥ୍ୟ ଅପଲୋଡ୍, ବିଭିନ୍ନ ସମୀକ୍ଷା ଓ ଲକ୍ଷ୍ୟଭିତ୍ତିକ କାର୍ଯ୍ୟପ୍ରଣାଳୀଚାପକୁ ଆହୁରି ବଢ଼ାଇଛି । ଶିକ୍ଷକମାନେ ଶିକ୍ଷାଦାନ ସହ ନିର୍ବାଚନ, ଜନଗଣନା, ସର୍ବେକ୍ଷଣ, ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ଓ ଡିଜିଟାଲ୍ ତଥ୍ୟ ପରିଚାଳନା ଭଳି ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି । ସ୍ୱାସ୍ଥ୍ୟକର୍ମୀ, ପୋଲିସ, ବ୍ୟାଙ୍କ କର୍ମଚାରୀ ଓ ଅନ୍ୟାନ୍ୟ ସେବା କ୍ଷେତ୍ରର କର୍ମଚାରୀମାନେ ମଧ୍ୟ ନିରନ୍ତର ମାନସିକଚାପରେ କାମ କରୁଛନ୍ତି ।

ସମସ୍ୟା ଆହୁରି ଗମ୍ଭୀର ହୁଏ, ଯେତେବେଳେ ଶୃଙ୍ଖଳା କିମ୍ବା କାର୍ଯ୍ୟଦକ୍ଷତାର ନାମରେ କର୍ମଚାରୀଙ୍କ ମନରେ ନିଲମ୍ବନ, ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଚାକିରି ହରାଇବାର ଭୟ ସୃଷ୍ଟି କରାଯାଏ । ଶୃଙ୍ଖଳା ଆବଶ୍ୟକ, କିନ୍ତୁ ଶୃଙ୍ଖଳାର ନାମରେ ଭୟର ପରିବେଶ ସୃଷ୍ଟି କରିବା କୌଣସି ସୁସ୍ଥ କର୍ମସଂସ୍କୃତିର ଲକ୍ଷଣ ନୁହେଁ । କର୍ମକ୍ଷେତ୍ରରେ ମାନସିକ ଚାପର ପ୍ରଭାବ ଦିବ୍ୟାଙ୍ଗ କର୍ମଚାରୀଙ୍କ କ୍ଷେତ୍ରରେ ଆହୁରି ଗଭୀର ହୋଇପାରେ । ଆଇନ ସମାନ ସୁଯୋଗ ଓ ଯୁକ୍ତିସଙ୍ଗତ ସୁବିଧାର କଥା କହୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଅନେକ ସମୟରେ ତାଙ୍କ ଶାରୀରିକ ସୀମାବଦ୍ଧତା ଓ ବିଶେଷ ଆବଶ୍ୟକତାକୁ ଯଥାପ୍ରକାର ବିଚାର କରାଯାଏ ନାହିଁ । ଦୁର୍ଗମ କାର୍ଯ୍ୟସ୍ଥଳ, ଯାତାୟାତର ଅସୁବିଧା, ଆବଶ୍ୟକ ସହାୟକ ବ୍ୟବସ୍ଥାର ଅଭାବ ଓ ସହାନୁଭୂତିଶୀଳ ପ୍ରଶାସନିକ ଦୃଷ୍ଟିଭଙ୍ଗୀର ଅଭାବ ତାଙ୍କ ଶାରୀରିକ କଷ୍ଟ ସହ ମାନସିକ ଚାପକୁ ମଧ୍ୟ ବଢ଼ାଇପାରେ । 'ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଧିକାର ଆଇନ ୨୦୧୬'ର ମୂଳ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗଙ୍କୁ ସମାନତା, ମର୍ଯ୍ୟାଦା, ସମାନ ସୁଯୋଗ ଓ ଯୁକ୍ତିସଙ୍ଗତ ସୁବିଧା ସୁନିଶ୍ଚିତ କରିବା । ତେଣୁ ଏହାର ପ୍ରକୃତ ଅର୍ଥ କେବଳ କାଗଜପତ୍ରରେ ନୁହେଁ, କର୍ମକ୍ଷେତ୍ରର ବ୍ୟବହାରିକ ଜୀବନରେ ପ୍ରତିଫଳିତ ହେବା ଆବଶ୍ୟକ । ମହିଳା କର୍ମଚାରୀଙ୍କ କ୍ଷେତ୍ରରେ ସମସ୍ୟାର ଚିତ୍ର ଆହୁରି ସମ୍ବେଦନଶୀଳ । କାର୍ଯ୍ୟସ୍ଥଳରେ ଲିଙ୍ଗଭିତ୍ତିକ ବୈଷମ୍ୟ, ଅନିରାପଦ ପରିବେଶ, ଅନାବଶ୍ୟକ ଚାପ ଓ ଯୌନ ଉତ୍ପୀଡ଼ନର ଭୟ ଅନେକ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । କୌଣସି କର୍ମଚାରୀଙ୍କୁ ତାଙ୍କର ଲିଙ୍ଗ, ଶାରୀରିକ ସ୍ଥିତି କିମ୍ବା ଅନ୍ୟ କୌଣସି କାରଣରୁ ଅନ୍ୟାୟ ଭାବେ ଅନୁକୂଳହୀନ କାର୍ଯ୍ୟସ୍ଥଳରେ ରଖିବା କିମ୍ବା ଅସମ୍ମାନଜନକ ପରିବେଶରେ କାମ କରାଇବା ତାଙ୍କ ମର୍ଯ୍ୟାଦା ଓ ମାନସିକ ସୁସ୍ଥତା ପ୍ରତି ଏକ ଗୁରୁତର ଆଘାତ ।

କାର୍ଯ୍ୟଚାପର ପ୍ରଭାବ କାର୍ଯ୍ୟାଳୟର ସୀମା ମଧ୍ୟରେ ଅଟକି ରହେନାହିଁ । ଏହା ଧୀରେ ଧୀରେ ପରିବାର, ସାମାଜିକ ସମ୍ପର୍କ ଓ ବ୍ୟକ୍ତିର ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ । ଅନିଦ୍ରା, ଅତ୍ୟଧିକ ଚିନ୍ତା, ଅବସାଦ, କ୍ରୋଧ, ଉଚ୍ଚ ରକ୍ତଚାପ, କାର୍ଯ୍ୟ ପ୍ରତି ଅନାଗ୍ରହ ଓ ଦୀର୍ଘମିଆଦିରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ । ଗୁରୁତର ମାନସିକ ଚାପ କେତେକ କ୍ଷେତ୍ରରେ ଆତ୍ମହତ୍ୟାର ଚିନ୍ତା ପର୍ଯ୍ୟନ୍ତ ନେଇଯାଇପାରେ । ଏହାର ପ୍ରଭାବ କେବଳ ଜଣେ ବ୍ୟକ୍ତିର କ୍ଷତି ନୁହେଁ । ଜଣେ ମାନସିକ ଭାବେ ଅସୁସ୍ଥ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଇଲେ ସଂସ୍ଥାର ଉତ୍ପାଦନଶୀଳତା ମଧ୍ୟ କମିଥାଏ । ଅର୍ଥାତ୍, ମାନସିକ ସ୍ୱାସ୍ଥ୍ୟର ପ୍ରଶ୍ନ ଏକ ବ୍ୟକ୍ତିଗତ ସମସ୍ୟା ହୋଇ ରହିନାହିଁ ଏହା ଜନସ୍ୱାସ୍ଥ୍ୟ, ସୁଶାସନ ଓ ଜାତୀୟ ଉତ୍ପାଦନଶୀଳତା ସହ ଜଡ଼ିତ ।

ଆମ ସମାଜରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଆଜି ମଧ୍ୟ ଅନେକ ଭ୍ରାନ୍ତ ଧାରଣା ରହିଛି । ମାନସିକ ଚାପ ବିଷୟରେ କହିବାକୁ ଅନେକେ ଦୁର୍ବଳତା ବୋଲି ଭାବନ୍ତି । ଫଳରେ କର୍ମଚାରୀମାନେ ନିଜ ଯନ୍ତ୍ରଣାକୁ ଲୁଚାଇ ରଖନ୍ତି । କିନ୍ତୁ ମାନସିକ ସମସ୍ୟାକୁ ଲୁଚାଇ ରଖିବା ସମାଧାନ ନୁହେଁ । ସମୟରେ ପରିବାର, ସହକର୍ମୀ, ବିଶ୍ୱସ୍ତ ବ୍ୟକ୍ତି କିମ୍ବା ଯୋଗ୍ୟ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହାୟତା ନେବା ହିଁ ସଚେତନତାର ପରିଚୟ । କର୍ମକ୍ଷେତ୍ରର ମାନସିକ ଚାପ ପାଇଁ କେବଳ କର୍ମଚାରୀଙ୍କୁ ଦାୟୀ କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ । ସରକାର, ନିଯୁକ୍ତିଦାତା ଓ ପ୍ରଶାସନକୁ ମିଳିତ ଭାବେ ଏକ ସୁସ୍ଥ କର୍ମସଂସ୍କୃତି ଗଢ଼ିବାକୁ ହେବ । କାର୍ଯ୍ୟଭାରର ସନ୍ତୁଳନ, ଯୁକ୍ତିସଙ୍ଗତ ସମୟସୀମା, ସ୍ୱଚ୍ଛ ପଦୋନ୍ନତି ବ୍ୟବସ୍ଥା, ଅଭିଯୋଗର ନିରପେକ୍ଷ ସମାଧାନ, ଯୌନ ଉତ୍ପୀଡ଼ନ ବିରୋଧୀ ବ୍ୟବସ୍ଥା, ମାନସିକ ସ୍ୱାସ୍ଥ୍ୟ ପରାମର୍ଶ, ଆବଶ୍ୟକ ଛୁଟି ଏବଂ ସମ୍ମାନଜନକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଆବଶ୍ୟକ । ବିଶେଷକରି ଅଧିକାରୀମାନେ ବୁଝିବା ଦରକାର ଯେ କର୍ମଚାରୀ ଭୟରେ ନୁହେଁ, ସମ୍ମାନ ଓ ବିଶ୍ୱାସରେ ଅଧିକ ଭଲ କାମ କରନ୍ତି । ପ୍ରଶାସନିକ ଶୃଙ୍ଖଳା ଓ ମାନବିକତା ପରସ୍ପର ବିରୋଧୀ ନୁହେଁ ବରଂ ଉଭୟର ସନ୍ତୁଳନ ହିଁ ଏକ ସୁସ୍ଥ ପ୍ରଶାସନର ପରିଚୟ।

ଶେଷରେ କୁହାଯାଇପାରେ, ଜଣେ ମାନସିକ ଭାବେ ସୁସ୍ଥ କର୍ମଚାରୀ ହିଁ ଜଣେ ଦକ୍ଷ ଓ ସୃଜନଶୀଳ କର୍ମଚାରୀ । କର୍ମଚାରୀଙ୍କ ମନକୁ ଅବହେଳା କରି କୌଣସି ସଂସ୍ଥା ଦୀର୍ଘକାଳୀନ ସଫଳତା ହାସଲ କରିପାରିବ ନାହିଁ । ମାନସିକ ସ୍ୱାସ୍ଥ୍ୟକୁ କେବଳ ବ୍ୟକ୍ତିଗତ ସହନଶୀଳତାର ପ୍ରଶ୍ନ ଭାବେ ନ ଦେଖି, ଏହାକୁ ମାନବାଧିକାର, ସୁସ୍ଥ କର୍ମସଂସ୍କୃତି ଓ ସୁଶାସନର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଦେଖିବାକୁ ହେବ । ଚାକିରି ମଣିଷ ପାଇଁ, ମଣିଷ ଚାକିରି ପାଇଁ ନୁହେଁ । କାର୍ଯ୍ୟଦକ୍ଷତା ସହ ଯଦି ମାନବିକତାର ସମନ୍ୱୟ ହୁଏ, ତେବେ କର୍ମକ୍ଷେତ୍ର କେବଳ ଜୀବିକାର ସ୍ଥାନ ହୋଇ ରହିବ ନାହିଁ ଏହା ମଣିଷର ଆତ୍ମସନ୍ତୋଷ, ସମ୍ମାନ ଓ ସାମଗ୍ରିକ ବିକାଶର ଏକ ସୁନ୍ଦର ପରିସରରେ ପରିଣତ ହେବ ।

ପୁରୁଣାକଟକ, ବୌଦ୍ଧ
ମୋ: ୯୯୩୭୬୬୯୫୫୧

## ଯାଜପୁରର ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁବିଧା ଏବଂ ପ୍ରତିରୋଧାତ୍ମକ

# ସ୍ୱାସ୍ଥ୍ୟ ସଚେତନତାକୁ ମଜଭୁତ କରିଛି ଜିନ୍ଦଲ ଷ୍ଟେନଲେସ୍

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସର ସିଏସଆର ଶାଖା ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ୍ (ଜେଏସ୍ଏଫ୍) ନିଜର ସିଏସଆର କାର୍ଯ୍ୟକ୍ରମ ନିରାମୟ ମାଧ୍ୟମରେ ଓଡ଼ିଶାର ଯାଜପୁର ଜିଲ୍ଲାର ଗ୍ରାମାଂଚଳ ଏବଂ ଦୁର୍ଗମ ଅଂଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧାକୁ ନୂଆ ରାହା ଦେଇଛି । ଏହି କାର୍ଯ୍ୟକ୍ରମ ପ୍ରାଥମିକ ସ୍ୱାସ୍ଥ୍ୟସେବା, ମୋବାଇଲ୍ ଚିକିତ୍ସା ସହାୟତା, ବିଶେଷ ସ୍ୱାସ୍ଥ୍ୟ ଶିବିର ଏବଂ ସଚେତନତା ପଦକ୍ଷେପକୁ ଏକାଠି କରି ବଂଚିତ ସମୁଦାୟ ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ଉପରେ ଧ୍ୟାନ ଦେଉଛି। ନିରାମୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ କ୍ଲିନିକ୍ ଏବଂ ମୋବାଇଲ୍ ମେଡିକାଲ୍ ଭ୍ୟାନ୍ ଏହି ଅଂଚଳର ୧୫ରୁ ଅଧିକ ଗାଁରେ ସ୍ୱାସ୍ଥ୍ୟସେବା ଯୋଗାଉଛି । ଏହି କାର୍ଯ୍ୟକ୍ରମ ନିୟମିତ ସ୍ୱାସ୍ଥ୍ୟ ଶିବିର ଏବଂ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରେ । ଯେଉଁଥିରେ ସାଧାରଣ ସ୍ୱାସ୍ଥ୍ୟ ସହ ଯକ୍ଷ୍ମା, କର୍କଟ, ତରଳ ଝାଡ଼ା, ଏଚଆଇଭି/ଏଡସ୍, ମ୍ୟାଲେରିଆ ଏବଂ ଲୁ ଭଳି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟା ସାମିଲ ହୋଇଥାଏ, ଯାହା ପାଇଁ ଅଧିକ ସମୁଦାୟ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପ ଆବଶ୍ୟକ।







ସମ୍ପ୍ରତି ଦାନଗଦି ବ୍ଲକର କୁମ୍ଭିରଗଡ଼ିଆ ଗାଁ ଏବଂ କୋରେଇ ବ୍ଲକର ପାତରଙ୍ଗ ଗାଁରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା, ଯେଉଁଥିରୁ ୬୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ।

ଏ ସମ୍ପର୍କରେ ପ୍ରିତୀକା ଚାନ୍ଦ, ହେଡ୍ ସିଏସ୍ଆର, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, "ଯେକୌଣସି ସମୁଦାୟ ସୁସ୍ଥ ରହିବା ପାଇଁ ଚିକିତ୍ସା ସୁବିଧା ସହ ରୋଗ ପ୍ରତିରୋଧ ସମ୍ବନ୍ଧରେ ସଚେତନତା ସମାନ ଗୁରୁତ୍ୱପୂର୍ଣ୍ଣ। 'ନିରାମୟ' ମାଧ୍ୟମରେ ଆମେ ଏହି ଉଭୟ ଦିଗରେ ଧ୍ୟାନ ଦେଉଛୁ । ବ୍ୟକ୍ତି ତଥା ପରିବାର ମଧ୍ୟରେ ସୁସ୍ଥ ଅଭ୍ୟାସକୁ ପ୍ରୋତ୍ସାହିତ କରୁଛୁ। ଜିନ୍ଦଲ ଷ୍ଟେନଲେସରେ ଆମେ ବିଶ୍ୱାସ କରୁ ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ଅଧିକ ସୁସ୍ଥ ଏବଂ ସହନଶୀଳ ସମୁଦାୟ ଗଠନ ପାଇଁ ଜରୁରୀ ଏବଂ ଏହି ଅଂଚଳରେ ଏହାକୁ ସୁଗମ କରିବା ପ୍ରତି ଆମେ ପ୍ରତିବଦ୍ଧ ରହିଛୁ। ୨୦୨୫-୨୬ ଆର୍ଥିକ ବର୍ଷରେ ଜିନ୍ଦଲ ଷ୍ଟେନଲେସର ସିଏସଆର ପଦକ୍ଷେପ ମାଧ୍ୟମରେ ୨୬,୦୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ନିରାମୟ ମାଧ୍ୟମରେ ଯାଜପୁରରେ ୧୬,୦୦୦ରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ସୁବିଧାରୁ ପାଇଛନ୍ତି। ଏହି କାର୍ଯ୍ୟକ୍ରମ ଜେଏସଏଫର ବ୍ୟାପକ ସ୍ୱାସ୍ଥ୍ୟସେବା ପଦକ୍ଷେପର ଅଂଶ, ଯେଉଁଥିରେ ପିଲାମାନଙ୍କ କ୍ଲବ୍ଫୁଟ ଚିକିତ୍ସା ଉପରେ କେନ୍ଦ୍ରିତ ନନ୍ହେ କଦମ ଏବଂ ଟ୍ରକ ଚାଳକମାନଙ୍କ ସ୍ୱାସ୍ଥ୍ୟସେବା ଉପରେ କେନ୍ଦ୍ରିତ "କବଚ" ମଧ୍ୟ ସାମିଲ। ନିରାମୟ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ ଯାଜପୁରରେ ସ୍ୱାସ୍ଥ୍ୟସେବା ପାଇଁ ଏକ ସମୁଦାୟ-ଆଧାରିତ ଦୃଷ୍ଟିକୋଣ ଜାରି ରଖିଛି। ଏଥିରେ ନିୟମିତ ଚିକିତ୍ସା ସେବା ସୁବିଧା ସହ ପ୍ରତିରୋଧାତ୍ମକ ସ୍ୱାସ୍ଥ୍ୟ ସଚେତନତା ଏବଂ ବିଶେଷ ହସ୍ତକ୍ଷେପକୁ ଯୋଡ଼ି ଅଧିକ ସୁସ୍ଥ ଏବଂ ସହନଶୀଳ ସମୁଦାୟ ଗଠନକୁ ସମର୍ଥନ କରାଯାଉଛି।

## କୃଷିକ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ

କଣ୍ଟାପଡ଼ା, (ସବ୍ୟୁ) : କଣ୍ଟାପଡ଼ା ବ୍ଲକରେ କୃଷି କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର (ସିଆରଆରଆଇ) ଆନୁକୂଲ୍ୟରେ ଆୟୋଜନ ହୋଇଯାଇଛି । ଏହି କ୍ରମରେ ବ୍ରାହ୍ମଣସାଇଲୋ ଅଞ୍ଚଳର କୃଷି କ୍ଷେତ୍ରରେ କୃଷି ବିଜ୍ଞାନୀ ଡ.ସାଇକୃଷ୍ଣା ରେପାଲୀ ଯୋଗଦେଇ ଜୈବିକ ସାରର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିବା ସହ ମୃତ୍ତିକାର ମୌଳିକ ଗୁଣବା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । "ପ୍ରାଚୀ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିଃ' ସହଯୋଗରେ ଆୟୋଜିତ ଏହି କାର୍ଯକ୍ରମରେ କଣ୍ଟାପଡ଼ା ଓ ନିଆଳି ବ୍ଲକ ଅଞ୍ଚଳରୁ ଶତାଧିକ ପୁରୁଷ ଓ ମହିଳା ଚାଷୀ ଅଂଶଗ୍ରହଣ କରି ସୁରକ୍ଷିତ କୃଷି ପ୍ରଣାଳୀ ସଂକ୍ରାନ୍ତରେ ଜ୍ଞାନ ଆହରଣ କରିଥିଲେ । କୃଷି କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳ ଉପଯୋଗ ସହିତ ଏକ ମାଷ୍ଟର ଟ୍ରେନର ପ୍ରୋଜେକ୍ଟ ଭାବେ ଏହି କ୍ଷେତ୍ରସ୍ତରୀୟ ବିଦ୍ୟାଳୟକୁ ଆଗେଇନେବା କାର୍ଯକ୍ରମର ମୁଖ୍ୟ ଉଦେଶବୋଲି ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ କୃଷି ବିଶେଷଜ୍ଞ, ଚାଷୀ ଓ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ ।

## ଡ୍ରିମ୍ସରେ ନବୋଦିତ୍- ୨୦୨୬

# ଛାତ୍ରଛାତ୍ରୀ ଦକ୍ଷ ବୃତ୍ତିଧାରୀ ହେବାର ଆବଶ୍ୟକତା ରହିଛି

କଟକ, (ସ୍ୱପ୍ର): ଡ୍ରିମ୍ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ନବାଗତ ବିଦ୍ୟାର୍ଥୀଙ୍କ ଅଭିମୁଖୀକରଣ ଉତ୍ସବ ନବୋଦିତ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପିତାମାତା, ଗୁରୁଜନଙ୍କ ପ୍ରତି ଭକ୍ତିଭାବ ରଖି ନିଜର ସ୍ୱପ୍ନ ସାକାର ଲାଗି ନିଷ୍ଠାପର ପ୍ରଚେଷ୍ଟା ଜାରି ରଖିବାକୁ ନବାଗତ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ମୁଖ୍ୟଅତିଥି ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର ଡା. ଉମାକାନ୍ତ ଶତପଥୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଡାକ୍ତରଙ୍କ ବ୍ୟତୀତ ସହଯୋଗୀ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପ୍ରମୁଖ ଭୂମିକା ରହିଥିବା ଏବଂ ଏହି ପାଠ୍ୟକ୍ରମର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଥିବା ଉଲ୍ଲେଖ କରି ଛାତ୍ରଛାତ୍ରୀ ଦକ୍ଷ ବୃତ୍ତିଧାରୀ ହେବାକୁ ମାର୍ଗଦର୍ଶନ ଦେଇଥିଲେ । ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଗୋପାଳ କୃଷ୍ଣ ନାୟକ ତାଙ୍କ ବକ୍ତବ୍ୟରେ



ବିଶ୍ୱର ବର୍ଦ୍ଧିତ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ଆବଶ୍ୟକତା ରହିଥିବାରୁ ଛାତ୍ରଛାତ୍ରୀମାନେ ତଦନୁଯାୟୀ ନିଜର ଦକ୍ଷତା ବୃଦ୍ଧି ଲାଗି ଚେଷ୍ଟିତ ହେବାକୁ କହିଥିଲେ । ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ପ୍ରଫେସର ଡା. ନିରୂପମା ଚୟନୀ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଉତ୍କର୍ଷ ଆଡକୁ ଅଗ୍ରସର ଲାଗି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ । ଅଧ୍ୟାପିକା ଅଙ୍କିତା ପାତ୍ର ଓ ଅଧ୍ୟାପିକା ଉଦିତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଛାତ୍ରୀମମାନେ ଶ୍ରୀ ଜଗନ୍ନାଥଙ୍କ ଭଜନ ଆଧାରିତ ମନୋଜ୍ଞ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ।



ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେସନର ୧୦ମ ବାର୍ଷିକ ଉତ୍ସବ ଅବସରରେ ସାହିତ୍ୟ ପୁସ୍ତକ 'ନନ୍ଦିନୀଙ୍କ ନୀଳଖାତା'ରୁ ଓ କାଳଜୟୀ କୁନ୍ତଳା କୁମାରୀ ପୁସ୍ତକର ଉନ୍ମୋଚନ କରାଯାଉଛି ।

## ଭାରତୀୟ ମାରୱାଡ଼ି ମହିଳା ସମିତି ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ

ଜଟଣୀ, (ସବ୍ୟୁ) : ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ମହାରାଜା ଅଗ୍ରସେନଙ୍କ ୫୧୫୦ତମ ଜୟନ୍ତୀ ଅବସରରେ ସ୍ଥାନୀୟ ଗୋପୀନାଥଜୀ ମନ୍ଦିରଠାରେ ଅପରାହ୍ଣରେ ଅଖିଳ ଭାରତୀୟ ମାରୱାଡ଼ୀ ମହିଳା ସମିତି, ଜଟଣୀ ଶାଖା ପକ୍ଷରୁ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଉତ୍ସାହର ସହ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଶୁଭାରମ୍ଭ ମହାରାଜା ଅଗ୍ରସେନଙ୍କ ପୂଜାର୍ଚ୍ଚନା ଓ ଜୟଧ୍ୱନି ସହ ହୋଇଥିଲା । ଏହାପରେ ମହିଳା ସମିତିର ସଦସ୍ୟାମାନେ ନିଜ ସଂସ୍କୃତି ଓ ପରମ୍ପରାର ସୁନ୍ଦର ପରିଚୟ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଉତ୍ସାହର ସହ ଭାଗ ନେଇଥିଲେ । ସମିତିର ସମସ୍ତ ସଦସ୍ୟା ନିର୍ଦ୍ଧାରିତ ପୋଷାକ ନିୟମ ଅନୁଯାୟୀ ସମିତିର ଶାଢ଼ି ଓ ଚୁନରି ପରିଧାନ କରି ଉପସ୍ଥିତ ହୋଇଥିଲେ । ଏହାଦ୍ୱାରା କାର୍ଯ୍ୟକ୍ରମରେ ଏକତା ଓ ଶୃଙ୍ଖଳାର ସୁନ୍ଦର ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ମହିଳା ଓ ଶିଶୁମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଥିଲା । ମହିଳାମାନଙ୍କ ପାଇଁ ମାରୱାଡ଼ୀ ପର୍ବପର୍ବାଣୀର ନାମ କୁହ, ଗୋତ୍ର ଚିହ୍ନଟ ଓ କଞ୍ଚା-ଚାମଚ ଦୌଡ଼ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେହିପରି ଶିଶୁମାନଙ୍କ ପାଇଁ ହିନ୍ଦୀ ଶବ୍ଦର ମାରୱାଡ଼ୀ ଅର୍ଥ କୁହ, ବସ୍ତା ଦୌଡ଼ ଓ ମ୍ୟୁଜିକାଲ୍ ଚେୟାର ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ପାଲଟିଥିଲା । ଶିଶୁମାନଙ୍କ ଉତ୍ସାହ ଦେଖି ଉପସ୍ଥିତ ଲୋକେ କରତାଳି ଦେଇ ସେମାନଙ୍କୁ ଉତ୍ସାହିତ କରିଥିଲେ ।ଶାଖା ସଭାପତି ବନ୍ଦନା ସୋନ୍ଥାଲିଆ, ସମ୍ପାଦିକା ଯୋଗିତା ଶର୍ମା ଓ କୋଷାଧ୍ୟକ୍ଷା ପାୟଲ ଅଗ୍ରୱାଲଙ୍କ ସମେତ ରେଖା ସୋନ୍ଥାଲିଆ ଓ ମନୀଷା ଗୋଏଙ୍କା କାର୍ଯ୍ୟକ୍ରମର ପରିଚାଳନାରେ ବିଶେଷ ସହଯୋଗ କରିଥିଲେ ।

## କୋରାଇରେ ମହିଳାଙ୍କୁ ଆକ୍ରମଣ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଏଡିଜିପିଙ୍କୁ ଭେଟିଲା ଓଜେସି ପ୍ରତିନିଧି ଦଳ

କଟକ, (ସ୍ୱପ୍ର) : ଯାଜପୁର ଜିଲ୍ଲା କୋରାଇ ଥାନା ଅନ୍ତର୍ଗତ ଜାଗୁଲାଇଗାଡ଼ିଆ ଗ୍ରାମରେ ଜମି ବିବାଦକୁ କେନ୍ଦ୍ର କରି ଜଣେ ନିରୀହ ମହିଳାଙ୍କ ଉପରେ ହୋଇଥିବା ପ୍ରାଣଘାତୀ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଦାବିରେ "ଓଡ଼ିଶା ଜନତା କଂଗ୍ରେସପାର୍ଟି' ପକ୍ଷରୁ ରାଜ୍ୟ-ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଡିଜିପି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ସେପ୍ଟେମ୍ବର ୩୦ ତାରିଖରେ ଗ୍ରାମର ଅନ୍ନପୂର୍ଣ୍ଣା ବିଶ୍ୱାଳ ନିଜ ଜମି ଦେଖିବାକୁ ଯାଇଥିବା ବେଳେ ବିରୋଧୀ ପକ୍ଷର ଚିନ୍ତାମଣି ନାୟକ ଓ ତାଙ୍କ ସହଯୋଗୀମାନେ ଲୁହା ରଡ୍ ଏବଂ ଭୁଜାଲିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ଗୁରୁତର ଆହତ କରିଥିଲେ । ପୂର୍ବରୁ ଉକ୍ତ ଜମି ଉପରେ କୋର୍ଟଙ୍କ ୧୪୪ ଧାରା ଲାଗୁ ଥିବା ସେ‰ ଏବଂ ଥାନାରେ ଭିଡିଓ ପ୍ରମାଣ ସହ ଏତଲା ଦିଆଯାଇଥିଲେ ମଧ୍ୟ କୋରାଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ କୌଣସି



କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଅଭିଯୁକ୍ତମାନଙ୍କୁ ଖୋଲା ଛାଡ଼ିଦେଇଥିବା ଅଭିଯୋଗ ହୋଇଛି । ପ୍ରତିନିଧି ଦଳ ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା, କର୍ତ୍ତବ୍ୟରେ ଅବହେଳା କରିଥିବା ଥାନା ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଡିଜିପିଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଓଜେସି ସଭାନେତ୍ରୀ ଗିରିବାଳା ବେହେରା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଶରତ ଚନ୍ଦ୍ର ଶେଠୀ, ସୁରଜିତ ସାହୁ, ସେକ ଅସଲମ, ସନ୍ତୋଷ କୁମାର ପାତ୍ର, ଅନିତା ବେହେରା, ମନୋରଞ୍ଜନ ନାୟକ, ଶ୍ରୀମତୀ ଅନ୍ନପୂର୍ଣ୍ଣା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସ୍ଆଇଆର୍ ଜାଲିଆତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଫେଇକୁ ପିସିସି ସଭାପତିଙ୍କ ପ୍ରତ୍ୟାଖ୍ୟାନ

ଭୁବନେଶ୍ୱର,(ସବ୍ୟୁ): ଭୋଟର ତାଲିକାର ବିବାଦୀୟ 'ସ୍ପେଶାଲ ଇଣ୍ଟେନସିଭ ରିଭିଜନ' (ଏସଆଇଆର)କୁ ସମର୍ଥନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦେଇଥିବା ବୟାନର ଦୃଢ଼ ଜବାବ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । କଂଗ୍ରେସ ନେତୃତ୍ୱରେ ୧୨ ତାରିଖ ସୋମବାର ଦିଲ୍ଲୀରେ ହୋଇଥିବା ଇଣ୍ଡିଆ ମେଣ୍ଟର ବିକ୍ଷୋଭସ୍ଥଳରୁ ଏକ ପ୍ରେସ ବିବୃତିରେ ପିସିସି ସଭାପତି କହିଛନ୍ତି ଯେ, ବ୍ୟବସ୍ଥିତ ଢଙ୍ଗରେ ପ୍ରସ୍ତୁତ କରାଯାଇଥିବା ଭୋଟର ତାଲିକାର ଏହି ହେରଫେରକୁ ବୈଧ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଶାସକ ବିଜେପିର ଗଭୀର ଭୟ ଏବଂ ଗଣତାନ୍ତ୍ରିକ ଭାବେ ତିଷ୍ଠି ରହିବା ପାଇଁ ପ୍ରଶାସନିକ ଅପବ୍ୟବହାର ଉପରେ ସେମାନଙ୍କର ନିର୍ଭରଶୀଳତାକୁ ସ୍ପଷ୍ଟ କରୁଛି । ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିରକ୍ଷାତ୍ମକ ବକ୍ତବ୍ୟର କଡ଼ା ଜବାବ ଦେଇ ପିସିସି ସଭାପତି କଂଗ୍ରେସ ଦଳ ଏବଂ ସମଗ୍ର 'ଇଣ୍ଡିଆ' ବ୍ଲକ ପକ୍ଷରୁ ଏହାର ଖଣ୍ଡନ କରିଛନ୍ତି । "ନିୟମିତ ପ୍ରଶାସନିକ ଶୁଦ୍ଧୀକରଣ' ଦାବି ହାସ୍ୟାସ୍ପଦ ଏହା ଏକ ଯୋଜନାବଦ୍ଧ "ଭୋଟ ଚୋରି' । ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି ଯେ ଏସଆଇଆର ହେଉଛି ଭୋଟର ତାଲିକା ସଂଶୋଧନ ପାଇଁ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା । ଶ୍ରୀ ଦାସ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଛନ୍ତି: ""ଲକ୍ଷ ଲକ୍ଷ ଯାଞ୍ଚ ହୋଇଥିବା ନାଗରିକଙ୍କୁ ଭୋଟର ତାଲିକାରୁ ବାଦ ଦେଉଥିବା ଏଭଳି ଏକ ସ୍ୱତନ୍ତ୍ର ପ୍ରକ୍ରିୟାରେ ନିୟମିତ ଭଳି କିଛି ବି ନାହିଁ । ଏହା ଏକ ଯୋଜନାବଦ୍ଧ 'ଭୋଟ ଚୋରି' । ପାରମ୍ପରିକ ବିରୋଧୀ ଗଡ଼ଗୁଡ଼ିକୁ ସଫା କରିବା ଏବଂ ନକଲି ଭୋଟରଙ୍କ ଦ୍ୱାରା ତାଲିକା ଭର୍ତ୍ତି କରିବା ପାଇଁ ଏସଆଇଆରକୁ ଏକ ପ୍ରଶାସନିକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି । ସିଇସି ଜ୍ଞାନେଶ କୁମାରଙ୍କ ସ୍ୱଚ୍ଛତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଫେଇ ନିନ୍ଦନୀୟ । ଏହା ସହିତ ନିର୍ବାଚନୀ ପ୍ରକ୍ରିୟାରେ "ସ୍ୱଚ୍ଛତା ଏବଂ ଡିଜିଟାଲ ସୁରକ୍ଷା' ଥିବା କହିବା ହାସ୍ୟାସ୍ପଦ । ସେହିପରି ଦିଲ୍ଲୀ ଏବଂ ଓଡ଼ିଶାରେ ଆନ୍ଦୋଳନକାରୀଙ୍କ ଉପରେ ଦମନଲୀଳା ନିନ୍ଦନୀୟ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି । ଦେଶବ୍ୟାପୀ ଚାଲିଥିବା ବିରୋଧ ପ୍ରଦର୍ଶନକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଦର୍ଶାଇବାକୁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରୁଥିବା ବେଳେ, ଭକ୍ତ ସରକାରୀ ଶକ୍ତିର ଏଭଳି ସ୍ୱେଚ୍ଛାଚାରୀ ବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି । ଆଜି କେନ୍ଦ୍ରୀୟ ଦିଲ୍ଲୀକୁ ଏକ ଦୁର୍ଗରେ ପରିଣତ କରାଯାଇଥିଲା । ସୁପ୍ରିମକୋର୍ଟ ଅଭିମୁଖେ ହେବାକୁ ଥିବା ଏକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ମାର୍ଚ୍ଚକୁ ଅଟକାଇବା ପାଇଁ ମେଟ୍ରୋ ଷ୍ଟେସନଗୁଡ଼ିକୁ ବନ୍ଦ କରିଦିଆଗଲା ଏବଂ ୩୫,୦୦୦ ରୁ ଅଧିକ ସୁରକ୍ଷା କର୍ମୀ ମୁତୟନ କରାଗଲା । ଛାତ୍ର, ଯୁବକ ଏବଂ ମହିଳା ଆନ୍ଦୋଳନକାରୀଙ୍କ ଉପରେ ହୋଇଥିବା ଏହି ପୋଲିସ ବର୍ବରତାକୁ ମୁଖ୍ୟମନ୍ତ୍ରୀଙ୍କ ନୀରବ ସମର୍ଥନ ପ୍ରମାଣ କରୁଛି ଯେ ବିଜେପି ଆଉ ବାରିକେଡ ଏବଂ ନିଷେଧାଦେଶ ପଛରେ ନଲୁଚି ଜନସାଧାରଣଙ୍କ ସାମ୍ନା କରିପାରିବ ନାହିଁ ।

## ତମାଖୁ ଓ ନିକୋଟିନ ଯୁକ୍ତ ସାମଗ୍ରୀ ବିକ୍ରୟ ଉପରେ କଟକଣା ବିଜ୍ଞପ୍ତି

### ଜଣିକିଆ ବିଚାରପତିଙ୍କ ଅଦାଲତରେ ହେବ ବିଚାର

କଟକ,(ସବ୍ୟୁ): ରାଜ୍ୟରେ ତମାଖୁ ଏବଂ ନିକୋଟିନ ଯୁକ୍ତ ସାମଗ୍ରୀ ପ୍ରସ୍ତୁତି ଓ ବିକ୍ରି ଉପରେ ରାଜ୍ୟ ସରକାର ଜାରି କରିଥିବା କଟକଣାକୁ ନେଇ ରୁଜୁ ରିଟ୍ ଅପିଲର ଶୁଣାଣି ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଅଦାଲତରେ ହେବ । ଆଜି ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।ଗତ ଜାନୁଆରୀ ୨୧ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ତମାଖୁ ଓ ନିକୋଟିନ ଯୁକ୍ତ ସାମଗ୍ରୀର ଉତ୍ପାଦନ, ମହଜୁଦ, ପ୍ୟାକେଜିଂ ଏବଂ ବିକ୍ରୟ ଉପରେ କଟକଣା ଲଗାଯାଇଥିଲା । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ଗୋପାଳ ଆରୋମାଟିକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ହାଇକୋର୍ଟରେ ରିଟ୍ ପିଟିସନ ଦାଏର କରାଯାଇଥିଲା । କମ୍ପାନୀ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ, ତମାଖୁ କୋଟପା ଆଇନ ଅଧୀନରେ ନିୟନ୍ତ୍ରିତ ଏବଂ ଏହା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ପରିସରଭୁକ୍ତ 'ଖାଦ୍ୟ' ନୁହେଁ । ଉକ୍ତ ମାମଲାର ବିଚାର କରି ଜଣିକିଆ ପୀଠ ଗତ ଅଗଷ୍ଟ ୨୧ ତାରିଖରେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତିକୁ କାଏମ ରଖିବା ସହ ରିଟ୍ ପିଟିସନକୁ ଖାରଜ କରିଦେଇଥିଲେ । ଏହି ରାୟକୁ ଚାଲେଞ୍ଜ କରି କମ୍ପାନୀ ପକ୍ଷରୁ ହାଇକୋର୍ଟରେ ରିଟ୍ ଅପିଲ ଦାଖଲ କରାଯାଇଥିଲା । ଏହି ମାମଲାର ଶୁଣାଣି କରି ହାଇକୋର୍ଟ ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏହି ମାମଲା ପରିଚାଳନା କରୁଥିଲେ ।

# ବିଜେପିକୁ ଘାରିଛି ଛାତ୍ର ସଂସଦ ନିର୍ବାଚନ ପରାଜୟ ଭୟ : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ ବିଜେପି ସରକାର ତାଙ୍କର ସରକାରୀ କଳ ଓ ବଳ ଲଗାଇ ଦେଇଛନ୍ତି । ଯାହାକୁ ନେଇ ରାଜ୍ୟବ୍ୟାପୀ କ୍ୟାମ୍ପସରେ ନିର୍ବାଚନ ପରିଚାଳନା ଓ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଇପ୍ସିତା ସାହୁ ଓ ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ।

ବିସିଜେଡି ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ, ଛାତ୍ର ସଂଘ ନିର୍ବାଚନକୁ ତରବରିଆ ଭାବେ ଘୋଷଣା କରିବା ନେଇ ବିଜେପି ସରକାରଙ୍କ ସନ୍ଦେହ ଘେରରେ ରହିଛନ୍ତି । ଲିଙ୍ଗଡୋ ଆୟୋଗର ନିର୍ଦ୍ଦେଶାବଳୀକୁ ବିଜେପି ସରକାର ଖୁଲମଖୁଲା ଭାବେ ଉଲ୍ଲଂଘନ କରୁଥିବାର ଅଭିଯୋଗ କରିଛନ୍ତି । ବିଜେପି ସରକାର ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏବିଭିପି ପରାଜୟକୁ ନେଇ ଭୟଭିତ ହୋଇଛନ୍ତି । ତେଣୁ ବିଜେପି ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନେ ମହାବିଦ୍ୟାଳୟ କ୍ୟାମ୍ପସ ମଧ୍ୟକୁ ପ୍ରବେଶ କରି ରାଜନୈତିକ ହସ୍ତକ୍ଷେପ କରୁଛନ୍ତି । ରମାଦେବୀ ବିଶ୍ୱବିଦ୍ୟାଳୟରେ ଏହିପରି କାର୍ଯ୍ୟକଳାପ ନେଇ ଏକ ଅଡିଓ ଟେପ୍ ଭାଇରାଲ ହୋଇଛି । ଯେଉଁଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ବିଜେପି ସରକାରଙ୍କ ଦଖଲ ନିହାତି ଭାବେ ମୁଖ୍ୟମନ୍ତ୍ରୀଙ୍କ ଆବଶ୍ୟକ । ସେଠାରେ ଏବିଭିପି ପ୍ରାର୍ଥୀଙ୍କୁ ଯେକୌଣସି ମୂଲ୍ୟରେ ବିଜୟ କରାଇ ନିଜ ଦଖଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି । ଯାହାକୁ ନେଇ ଛାତ୍ର ସଂସଦ ନିର୍ବାଚନରେ ରମାଦେବୀ ବିଶ୍ୱବିଦ୍ୟାଳୟ ପାଇଁ ଟଙ୍କାର ବର୍ଷା କରୁଛନ୍ତି ବୋଲି ରମାଦେବୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସଞ୍ଜୟ ରାଉଳ କହିଥିବାର ଅଡିଓ ଭାଇରାଲ ହେଉଛି ।

ସେହିପରି ନୟାଗଡ଼ କଲେଜରେ ପ୍ରାର୍ଥୀ ପତ୍ର ଦାଖଲ ପରେ ଯାଞ୍ଚ ତାଲିକା ଆସିଥିଲା । କିନ୍ତୁ ତାହାକୁ ଘୋଷଣା ପୂର୍ବରୁ ଜିଲ୍ଲାପାଳ ଫୋନ କରି ବୁଝିଥିଲେ । ବିସିଜେଡି ପ୍ରାର୍ଥୀ ମାନେ ଅପ୍ରତିଦ୍ୱନ୍ଦୀ ଭାବେ ବିଜୟ ହେଉଥିଲେ । ଯାହାକୁ ଜାଣିବା ପରେ ସେଠାରେ ଛାତ୍ର ସଂସଦ ନିର୍ବାଚନ ବାତିଲ ନେଇ ଘୋଷଣା କରାଯାଇଥିଲା । ବିଜେପି ସରକାର ପରାଜୟର ଭୟରେ ସମସ୍ତ କୁତ୍ସିତ ପନ୍ଥା ଅବଲମ୍ବନ କରୁଛନ୍ତି । ବିପୁଳ ପାଣ୍ଠି ଖର୍ଚ୍ଚ କରାଯାଉଛି ଏବଂ ଶାସକ ଦଳର ପ୍ରାର୍ଥୀଙ୍କୁ ସୁବିଧା ଦେବା ପାଇଁ ଅପରାଧୀ ମାନଙ୍କୁ ବ୍ୟବହାର କରାଯାଉଛି । ଏନେଇ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ଛାତ୍ର ସଂସଦ ନିର୍ବାଚନରେ ଏହିପରି ରାଜନୀତିକ ହସ୍ତକ୍ଷେପ ଛାତ୍ର ନିର୍ବାଚନ ପାଇଁ ଏକ କଳା ଦିନ । ଯାହାକି ଅତି ନିନ୍ଦନୀୟ ବୋଲି ଡ. ମହାନ୍ତି କହିଛନ୍ତି ।

## କଟକର ଉପର ବାଲିଯାତ୍ରା ପଡ଼ିଆରେ

# ଏସ୍ବିଆଇ କାର୍ ଲୋନ୍ ଏକ୍ସପୋକୁ ଜନସାଧାରଣଙ୍କ ବ୍ୟାପକ ସମର୍ଥନ

ଭୁବନେଶ୍ୱର (ସବ୍ୟୁ) : ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍ବିଆଇ), କଟକ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ (ଆର୍ବିଓ) ପକ୍ଷରୁ ଅକ୍ଟୋବର ୧୧ ତାରିଖରେ କଟକର ଉପର ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ କାର୍ ଲୋନ୍



ଏକ୍ସପୋକୁ ଜନସାଧାରଣଙ୍କଠାରୁ ବ୍ୟାପକ ସମର୍ଥନ ମିଳିଛି। ଏହି ଏକ୍ସପୋକୁ ଏସ୍ବିଆଇର ଉପମହାପ୍ରବନ୍ଧକ ଏସ୍. ବଦଲାମଣି ଉଦ୍ଘାଟନ କରିଥିଲେ। ଏହି ଅବସରରେ ଏସ୍ବିଆଇ କଟକର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅଶ୍ୱିନ ଅନୁପମ ପ୍ରହରାଜ ଉପସ୍ଥିତ ଥିଲେ। କଟକ ଓ ଭୁବନେଶ୍ୱରର ପ୍ରାୟ ୨୫ଟି ଅଟୋମୋବାଇଲ୍ ଡିଲର ଏହି ଏକ୍ସପୋରେ ଅଂଶଗ୍ରହଣ କରି ବିଭିନ୍ନ ମଡେଲ୍ର କାର୍ ପ୍ରଦର୍ଶନ କରିଥିଲେ। ଫଳରେ ଗ୍ରାହକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କାର୍ ଦେଖିବା ସହ ତୁଳନା କରି ନିଜ ପସନ୍ଦର ଗାଡ଼ି ବାଛିବାର ସୁଯୋଗ ପାଇଥିଲେ। ଏହା ସହିତ ଏସ୍ବିଆଇର ବିଭିନ୍ନ କାର୍ ଋଣ ଯୋଜନା, ଆକର୍ଷଣୀୟ ଋଣ ସୁବିଧା ଓ ଗାଡ଼ି କିଣିବା ସମୟରେ ମିଳୁଥିବା ବିଭିନ୍ନ ଲାଭ ସମ୍ପର୍କରେ ଗ୍ରାହକମାନେ ଅବଗତ ହୋଇଥିଲେ।

କାର୍ ଋଣ ସୁବିଧାର ପ୍ରଚାର ସହିତ ଏସ୍ବିଆଇ ପକ୍ଷରୁ ସୁରକ୍ଷିତ ଓ ସୁବିଧାଜନକ ବ୍ୟାଙ୍କିଂ ସେବା ସମ୍ପର୍କରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଆଞ୍ଚଳିକ କାର୍ଯ୍ୟାଳୟ ଓ କଟକ ସହରର ବିଭିନ୍ନ ଶାଖାର ବ୍ୟାଙ୍କ ଅଧିକାରୀମାନେ ଗ୍ରାହକଙ୍କ ସହ ଆଲୋଚନା କରି ସାଇବର ସୁରକ୍ଷା, ନିରାପଦ ଡିଜିଟାଲ୍ ବ୍ୟାଙ୍କିଂ ଏବଂ ହ୍ୱାଟ୍ସଆପ୍ ବ୍ୟାଙ୍କିଂ ସମେତ ବିଭିନ୍ନ ଡିଜିଟାଲ୍ ସେବାର ଉପକାରିତା ବିଷୟରେ ସୂଚନା ଦେଇଥିଲେ। ଏଥିସହ ସାମାଜିକ ସୁରକ୍ଷା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ମଧ୍ୟ ଗ୍ରାହକଙ୍କୁ ଅବଗତ କରାଯାଇଥିଲା। ଏହି ଏକ୍ସପୋରେ କାର୍ କିଣିବାକୁ ଇଚ୍ଛୁକ ଗ୍ରାହକଙ୍କ ସମେତ ସାଧାରଣ ଲୋକଙ୍କ ଉତ୍ସାହଜନକ ଉପସ୍ଥିତି ଦେଖିବାକୁ ମିଳିଥିଲା। ଗୋଟିଏ ମଞ୍ଚରେ ଅଟୋମୋବାଇଲ୍ ଡିଲର ଓ ବ୍ୟାଙ୍କିଂ ସେବାକୁ ଏକାଠି କରିବା ଦ୍ୱାରା ଗ୍ରାହକମାନେ ସହଜରେ ଆବଶ୍ୟକ ସୂଚନା ଓ ସହାୟତା ପାଇପାରିଥିବାରୁ ଏସ୍ବିଆଇର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ଟ୍ରେନ୍ ନିରାପତ୍ତା ପ୍ରତି ସତର୍କତା ଓ କର୍ତ୍ତବ୍ୟନିଷ୍ଠା ପାଇଁ

# ତିନି ରେଳ କର୍ମଚାରୀଙ୍କୁ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ତିନି ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି। ଜୁଲାଇ ଓ ଅଗଷ୍ଟ ୨୦୨୬ ମାସରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ନେଇପାରିଥିଲେ। ଏହାଦ୍ୱାରା ସୁରକ୍ଷିତ ଓ ସୁଚାରୁ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ସମ୍ଭବ ହୋଇପାରିଥିଲା । ଏହି ପରିପ୍ରେକ୍ଷୀରେ ପ୍ରସାଦ ସାହୁ, ଟ୍ରାକ୍ ମେଣ୍ଟେନର୍-୪, ବଡ଼ବନ୍ଧ (SSE/P.Way/ ଗୋରଖନାଥ ଅଧୀନରେ), ଖୋର୍ଦ୍ଧା ରୋଡ୍ ମଣ୍ଡଳ। ତ୍ରିନାଥ ସେଲମା, ଟ୍ରାକ୍ ମେଣ୍ଟେନର୍-୪,



କଣ୍ଟାବାଞ୍ଜି, ସମ୍ବଲପୁର ମଣ୍ଡଳ। ଶୁଭମ ସା, ଟ୍ରାକ୍ ମେଣ୍ଟେନର୍-୪, (SSE/P.Way/ମହାସମୁନ୍ଦ ଅଧୀନରେ), ସମ୍ବଲପୁର ମଣ୍ଡଳ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ଅସାଧାରଣ ସତର୍କତା ପ୍ରଦର୍ଶନ କରି ରେଳ ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବା ସହ ତୁରନ୍ତ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ସେମାନଙ୍କର ତ୍ୱରିତ ସୂଚନା ଆଧାରରେ ଆବଶ୍ୟକ ସଂଶୋଧନମୂଳକ ପଦକ୍ଷେପ ନିଆଯାଇ ରେଳ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରାଯାଇପାରିଥିଲା। ରେଳ ନିରାପତ୍ତା ବଜାୟ ରଖିବାରେ କ୍ଷେତ୍ର ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା, ଦାୟିତ୍ୱବୋଧ ଓ ତ୍ୱରିତ ପଦକ୍ଷେପର ଗୁରୁତ୍ୱକୁ ଏହା ପ୍ରତିପାଦିତ କରିଛି। ପୂର୍ବତଟ ରେଳପଥ ରେଳ ନିରାପତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଇ ଏକ ସୁଦୃଢ଼ ନିରାପତ୍ତା ସଂସ୍କୃତି ଗଠନ ଦିଗରେ ନିରନ୍ତର ପ୍ରୟାସ କରୁଛି। ଏଥିପାଇଁ ସମସ୍ତ ସ୍ତରର ରେଳ କର୍ମଚାରୀଙ୍କୁ କର୍ତ୍ତବ୍ୟ ସମ୍ପାଦନ ସମୟରେ ସତର୍କ ରହିବା, ଯେକୌଣସି ଅସ୍ୱାଭାବିକ ଘଟଣା କିମ୍ବା ନିରାପତ୍ତା ସମ୍ବନ୍ଧୀୟ ତ୍ରୁଟିକୁ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ଏବଂ ଆବଶ୍ୟକ ସମନ୍ୱୟ ରକ୍ଷା କରିବାକୁ ଉତ୍ସାହିତ କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ଟ୍ରେନ୍ ଚଳାଚଳର ନିରାପତ୍ତା ଓ ନିର୍ଭରଯୋଗ୍ୟତା ବୃଦ୍ଧି ସହ ରେଳ ନିରାପତ୍ତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେଉଛି। ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ଦାୟିତ୍ୱବୋଧର ଉଚ୍ଚ ପ୍ରଶଂସା କରିଥିଲେ। ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ ରେଳ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନରେ ସମାନ ସତର୍କତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ଦାୟିତ୍ୱବୋଧ, ସାମୂହିକ ପ୍ରୟାସ ଓ ସମୟୋଚିତ ପଦକ୍ଷେପ ଏକ ସୁଦୃଢ଼ ରେଳ ନିରାପତ୍ତା ବ୍ୟବସ୍ଥାର ମୂଳଭିତ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ।

### ସାଉଦି ଆରବରେ ବିମାନ ସେବା ଠପ୍

# ୧୫ ଶହ ଉଡ଼ାଣ ବାତିଲ, ଫସି ରହିଛନ୍ତି ତୀର୍ଥଯାତ୍ରୀ

ରିୟାଦ : ୟେମେନର ହୁତି ବିଦ୍ରୋହୀଙ୍କ ଆକ୍ରମଣ ମଧ୍ୟରେ ସାଉଦି ଆରବରେ ବିମାନ ଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଦେଶର ତିନୋଟି ପ୍ରମୁଖ ବିମାନବନ୍ଦରରେ ସୋମବାର ବହୁ ସଂଖ୍ୟକ ବିମାନ ଚଳାଚଳ ବାତିଲ କରାଯାଇଛି। ଫଳରେ ସମ୍ପୃକ୍ତ ବିମାନ ବନ୍ଦରରେ ସଙ୍କଟ ଜନକ ସ୍ଥିତି ସୃଷ୍ଟି ହୋଇଛି। ଏହା ସାଧାରଣ ଯାତ୍ରୀ ଏବଂ ଉମରା ପାଇଁ ଯାଉଥିବା ତୀର୍ଥଯାତ୍ରୀ ଉଭୟଙ୍କୁ ପ୍ରଭାବିତ କରିଛି। ଅନେକ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି।ଆନ୍ତର୍ଜାତୀୟ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ବିମାନ ଚଳାଚଳରେ ବାଧା ଧାର୍ମିକ ତୀର୍ଥଯାତ୍ରାକୁ ପ୍ରଭାବିତ କରିଛି। ବାଂଲାଦେଶ ପ୍ରବାସୀ କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଆକ୍ରମଣ ପରେ ପ୍ରାୟ ୫୦୦ ବାଂଲାଦେଶୀ ଯାତ୍ରୀ ରିୟାଦରେ ଫସି ରହିଛନ୍ତି। ସାଉଦି ବିମାନ ଚଳାଚଳ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ ଅକ୍ଟୋବର ୧୦ ତାରିଖରେ ହୋଇଥିବା ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ



ହୋଇଥିଲା ଏବଂ ୩୦୦ ରୁ ଅଧିକ ଆହତ ହୋଇଥିଲେ।ଅକ୍ଟୋବର ୧୧ ତାରିଖରେ ହୋଇଥିବା ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିଲେ ଏବଂ ୧୧ ଜଣ ଆହତ ହୋଇଥିଲେ। ଦମ୍ମାମ ବିମାନବନ୍ଦରକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୫ଟା ସୁଦ୍ଧା ରିୟାଦର କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ୪୩୬ ବିମାନର ଉଡ଼ାଣ ବାତିଲ କରାଯାଇଥିଲା। ଏହା ଦିନର ନିର୍ଦ୍ଧାରିତ ବିମାନର ପ୍ରାୟ ୬୪ ପ୍ରତିଶତ। ଜେଦ୍ଦାର କିଙ୍ଗ୍ ଅବଦୁଲାଜିଜ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୧୫ଟି ଉଡ଼ାଣ ବାତିଲ ହୋଇଥିବା ବେଳେ ଦମ୍ମାମର କିଙ୍ଗ୍ ଫାହଦ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୬୩ଟି ଉଡ଼ାଣ ବାତିଲ ହୋଇଛି। ଅକ୍ଟୋବର ୧୧ରେ ରିୟାଦ ବିମାନବନ୍ଦରରେ ୬୫୫ଟି ଉଡ଼ାଣ ବାତିଲ ହୋଇଥିଲା, ଯାହା ନିର୍ଦ୍ଧାରିତ ସେବାର ପ୍ରାୟ ୯୮ ପ୍ରତିଶତ ଥିଲା। ଅକ୍ଟୋବର ୧୦ ତାରିଖରେ ହୋଇଥିବା ଆକ୍ରମଣ ପରେ, ସୁରକ୍ଷା କାରଣରୁ ବିମାନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ରବିବାର ଜେଦ୍ଦାରେ ୧୫୮ଟି ବିମାନ ବାତିଲ କରାଯାଇଥିଲା ଏବଂ ୩୯୩ଟି ବିଳମ୍ବିତ ହୋଇଥିଲା। ଦମ୍ମାମରେ ୫୮ଟି ବିମାନ ବାତିଲ କରାଯାଇଥିଲା ଏବଂ ୧୧୫ଟି ବିଳମ୍ବ ହୋଇଥିଲା। ପରିସଂଖ୍ୟାନ ଅନୁଯାୟୀ, ଅକ୍ଟୋବର ୧୧ ତାରିଖରେ ତିନୋଟି ବିମାନବନ୍ଦରରେ ମୋଟ ୮୭୧ଟି ବିମାନ ବାତିଲ ରେକର୍ଡ କରାଯାଇଥିଲା, ଯେତେବେଳେ ସୋମବାର ଏହି ସଂଖ୍ୟା ୬୧୪ ରହିଛି। ଏହି ସଙ୍କଟ ସାଉଦି ଆରବ ବାହାରେ ମଧ୍ୟ ବିମାନ ସେବାକୁ ପ୍ରଭାବିତ କରିଛି। ଏତିହାଦ୍ ଏୟାରୱେଜ୍ ଅକ୍ଟୋବର ୧୩ ତାରିଖ ପର୍ଯ୍ୟନ୍ତ ଆବୁଧାବିରୁ ରିୟାଦ, ଜେଦ୍ଦା ଏବଂ ଦମ୍ମାମକୁ କିଛି ବିମାନ ଉଡ଼ାଣ ବାତିଲ କରାଯାଇଛି। ଏମିରେଟ୍ସ ଦୁବାଇରୁ ସାଉଦି ଆରବରେ କିଛି ସହରକୁ ସେବା ବାତିଲ କରିଛି। ଫ୍ଲାଏଦୁବାଇ ରିୟାଦକୁ ଉଡ଼ାଣ ସ୍ଥଗିତ ରଖିବାର ସମୟକୁ ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଉଡ଼ାଣ ବାତିଲ ହେବା ଯୋଗୁଁ ୟୁଏଇରେ ଫସି ରହିଥିବା ସାଉଦି ନାଗରିକଙ୍କୁ ପରିବହନ ପାଇଁ ଦୁବାଇର ସାଉଦି କନସୁଲେଟ୍ ବସ୍ ବ୍ୟବସ୍ଥା କରିଛି।

# ଜନ୍ତର ମନ୍ତରରେ ଧାରଣା ମନା

### ତିନୋଟି ନୂତନ ସ୍ଥାନ ନିରୂପଣ କଲେ ସରକାର

ନୂଆଦିଲ୍ଲୀ : ଦିଲ୍ଲୀର ଜନ୍ତର ମନ୍ତରରେ ଆଉ କୌଣସି ପ୍ରତିବାଦ ହେବ ନାହିଁ। କେନ୍ଦ୍ର ସରକାର ଜନ୍ତର ମନ୍ତର ବଦଳରେ ବୁରାଡି, ରାମଲୀଳା ମୈଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ପ୍ରତିବାଦ ସ୍ଥାନ ଭାବରେ ମନୋନୀତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କରିବା ପାଇଁ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଜନ୍ତର ମନ୍ତର ଯିବାକୁ ଦାବି ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବର୍ତ୍ତମାନର ନିର୍ଦ୍ଦିଷ୍ଟ ସ୍ଥାନ ଜନ୍ତରମନ୍ତର ପରିବର୍ତ୍ତେ ନାଗରିକଙ୍କ ପ୍ରତିବାଦ ଅଧିକାର ପାଇଁ ବିକଳ୍ପ ଏବଂ ଉପଯୁକ୍ତ ସ୍ଥାନ ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରିଥିଲା। କମିଟିର ସୁପାରିଶ କ୍ରମେ ଗୃହ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। କମିଟିର ସୁପାରିଶ ଆଧାରରେ ଜନ୍ତର ମନ୍ତରକୁ ପ୍ରତିବାଦ ସ୍ଥାନରୁ ହଟାଇ ଦିଆଯାଇଛି। ଅପରପକ୍ଷରେ ଦିଲ୍ଲୀ ପୁଲିସବିକ୍ଷୋଭ ପ୍ରଦର୍ଶନ ପାଇଁ ନିର୍ଦ୍ଧାରିତ ସ୍ଥାନ ତାଲିକାରୁ ଜନ୍ତରମନ୍ତରକୁ ହଟାଇ ଦେଇଛି । ଏହା ବଦଳରେ ବିକ୍ଷୋଭ ଓ ଧାରଣା ପାଇଁ ତିନୋଟି ନୂଆ ସ୍ଥାନ ନିର୍ଦ୍ଧାରଣ କରିଛି। ଏନେଇ ପୁଲିସ କମିସନର ଅନୁରାଗ କୁମାର ଏକ ସ୍ଥାୟୀ ଆଦେଶ ଜାରି କରିଛନ୍ତି। ଏହି ନିଷ୍ପତ୍ତି ଉପରେ କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ ଦୀପକେ କହିଛନ୍ତି, ଜନ୍ତରମନ୍ତରକୁ ବିକ୍ଷୋଭ ପ୍ରଦର୍ଶନର ନିର୍ଦ୍ଧାରିତ ସ୍ଥାନ ଭାବେ ହଟାଇ ଦିଆଯାଇଛି। ହଁ, ଏବେ ଏହା ଆଉ ବିକ୍ଷୋଭ ସ୍ଥଳ ନୁହେଁ। କାରଣ ସେହି ଭୀରୁ ଏକଛତ୍ରବାଦୀ ଶାସକ ଏହାକୁ ଆଗରୁ ଯୁଦ୍ଧକ୍ଷେତ୍ରରେ ପରିଣତ କରିଦେଇଥିଲେ। ଏବେ ସାରା ଦେଶ ଜନ୍ତରମନ୍ତର ହେବ! ଅନ୍ୟପକ୍ଷରେ, ସିଜେପିନେତା ସୌରଭ ଦାସ ମଧ୍ୟ ଏହି ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି।




'ଏକ୍ସ'ରେ ସେ ଲେଖିଛନ୍ତି, ଏହା ଗ୍ରହଣୀୟ ନୁହେଁ। ନରେନ୍ଦ୍ର ମୋଦୀ ଜନ୍ତରମନ୍ତରକୁ କାହିଁକି ଭୟ କରୁଛନ୍ତି? ଜନ୍ତରମନ୍ତର ଭାରତବାସୀଙ୍କର। ଏହି ନିଷ୍ପତ୍ତି ନେବା ପୂର୍ବରୁ ଗୃହ ମନ୍ତ୍ରଣାଳୟ ଦେଶର ଲୋକଙ୍କ ସହ ପରାମର୍ଶ କରିଥିଲା କି? କୌଣସି ଅଂଶୀଦାର କିମ୍ବା ସଂଗଠନ ସହ ଆଲୋଚନା କରାଯାଇଥିଲା କି? ସେ ଆହୁରି କହିଛନ୍ତି, ଲେଖିକି ରଖନ୍ତୁ ଯେପରି ସେମାନେ ଲୋକଙ୍କ ଜନ୍ତରମନ୍ତରର ମାନ୍ୟତା ହଟାଉଛନ୍ତି, ସେହିପରି ଖୁବ କ୍ଷୀଣ ଭାରତରୁ ଗଣତନ୍ତ୍ରର ମାନ୍ୟତା ମଧ୍ୟ ହଟାଇଦେବେ। ଏହି ପଦକ୍ଷେପ ସେହି ଦିଗରେ ଏକ ଆରମ୍ଭ।

# ଅର୍ଥନୀତିରେ ଦୁଇଜଣଙ୍କୁ ନୋବେଲ





ଓସ୍ଲୋ : ୨୦୨୬ ମସିହା ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡଫୋର୍ଡଙ୍କୁ ପ୍ରଦାନ କରାଯିବ। ଅର୍ଥନୀତିକୁ ସ୍ଥିର ରଖିବା ଓ ଆର୍ଥିକ ଉତ୍ଥାନ -ପତନର ପ୍ରଭାବ ହ୍ରାସ କରିବାରେ ସହାୟକ ହେଉଥିବା ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନ ମିଳିଛି। ସୋମବାର ସ୍ୱିଡେନର ଷ୍ଟକହୋମଠାରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ପକ୍ଷରୁ ଏହି ଘୋଷଣା କରାଯାଇଛି।ଉଭୟ ଅର୍ଥନୀତିଜ୍ଞଙ୍କ ଗବେଷଣା ଅଣୁ ଅର୍ଥନୀତିର ମୌଳିକ ତତ୍ତ୍ୱକୁ ବ୍ୟାପକ ଅର୍ଥନୀତିର ସ୍ଥିରତା ସହ ଯୋଡ଼ିଛି। ଏହାଦ୍ୱାରା ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଆହ୍ୱାନର ମୁକାବିଲା ଅଧିକ ଦକ୍ଷତାର ସହ କରିପାରିବେ। ସମୟୋଚିତ ମୁଦ୍ରାନୀତି ଓ ରାଜସ୍ୱ ନୀତି ମାଧ୍ୟମରେ ଅର୍ଥନୀତିର ଅସ୍ଥିରତା ହ୍ରାସ କରିବାରେ ସେମାନଙ୍କ ଗବେଷଣା ବିଶେଷ ସହାୟକ ହୋଇଛି।

# ଦିଲ୍ଲୀ ପୁଲିସକୁ ସିଜେପିର ଚେତାବନୀ

### ୨୪ ଘଣ୍ଟା ମଧ୍ୟରେ ଜବାବ୍ ଦିଅ

ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଜାତୀୟ ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରାଙ୍କା ସେମାନଙ୍କ ସମର୍ଥକମାନଙ୍କ ସହିତ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପହଞ୍ଚିଛନ୍ତି। ସେମାନେ ଜନ୍ତର ମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ତାରିଖ ଦାବି କରିଛନ୍ତି ଏବଂ ଦିଲ୍ଲୀ ପୁଲିସକୁ ପ୍ରତିକ୍ରିୟା ଦେବା ପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସୌରଭ ଦାସ କହିଛନ୍ତି, ପ୍ରତିବାଦର ତାରିଖ ଏବଂ ସମୟ ସ୍ଥିର କରିବାର ନିଷ୍ପତ୍ତି ପୁଲିସ ଉପରେ ଆମେ ଛାଡି ଦେଇଛୁ। ପୁଲିସ ସମସ୍ତଙ୍କୁ ୧୦ ଦିନ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ କହୁଛି। ଏବେ ଆମେ କହୁଛୁ ଯେ, ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ତାରିଖ ଏବଂ ସମୟ ସ୍ଥିର କରିବା ସେମାନଙ୍କର ନିଷ୍ପତ୍ତି। ଆମେ ସେମାନଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଉଛୁ। ଆଶୁତୋଷ ରାଙ୍କା କହିଛନ୍ତି, ଦିଲ୍ଲୀ ପୁଲିସକୁ ପ୍ରତିବାଦ ପାଇଁ ତାରିଖ ମାଗିଛୁ। ଆଶା ପ୍ରକାଶ କରୁଛି ଯେ, ସୌରଭ ଦାସ କହିଛନ୍ତି, ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ? ଦିଲ୍ଲୀ ପୁଲିସ ଆମ ସହିତ କଥା ହେବା ଉଚିତ। ପୁଲିସ ଯେଉଁଭଳି ଭାବରେ ସମଗ୍ର ସହରକୁ ଅବରୋଧ କରୁଛି ତାହା ଲୋକଙ୍କ ପାଇଁ ବହୁତ ଅସୁବିଧାର କାରଣ ପାଲଟୁଛି। ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଦୋକାନ ବନ୍ଦ ହେଉଛି, ଏବଂ ବର୍ତ୍ତମାନ ଉତ୍ସବ ଋତୁ।ତେଣୁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ'ଣ ଅସୁବିଧା ହୋଇପାରେ? ଶାନ୍ତିପୂର୍ଣ୍ଣ ପ୍ରତିବାଦ ସାମ୍ବିଧାନିକ ଅଧିକାର। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ। ପୁଲିସ ସବୁବେଳେ ଅଭିଯୋଗ କରୁଛି ଯେ, ଆମେ ସେମାନଙ୍କ ସହିତ ୧୦ ଦିନ ପୂର୍ବରୁ ଯୋଗାଯୋଗ କରିବା ଉଚିତ୍। ଏବେ ଆମେ ସେହି ନିଷ୍ପତ୍ତି ସେମାନଙ୍କ ଉପରେ ଛାଡି ଦେଉଛୁ ଏବଂ ସେମାନଙ୍କୁ ଏକ ତାରିଖ ଏବଂ ସମୟ ଦେବାକୁ କହୁଛୁ।

# ଭାରତୀୟ ନୌସେନା 'ମାଙ୍ଗରୋଲ୍' ସାମିଲ

ମୁମ୍ବାଇ : ଭାରତୀୟ ନୌସେନାର ତୃତୀୟ ଅଗଭୀର ଜଳ ଆଣ୍ଟି-ସବମେରିନ୍ ଯୁଦ୍ଧପୋତ 'ମାଙ୍ଗରୋଲ୍'କୁ ମୁମ୍ବାଇରେ ନୌସେନାରେ ସାମିଲ କରାଯାଇଛି। ଏହା ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଉପକୂଳ ଜଳସୀମାରେ, ଯେଉଁଠାରେ ବଡ଼ ଯୁଦ୍ଧଜାହାଜଗୁଡ଼ିକର କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହୋଇଥାଏ ସେଠାରେ ଏହା ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବ। କୋଚି-ସ୍ଥିତ କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଏହି ଜାହାଜ ସାମୁଦ୍ରିକ ପାଟ୍ରୋଲ୍ ବିମାନ, ହେଲିକପ୍ଟର ଏବଂ ଅନ୍ୟାନ୍ୟ ଯୁଦ୍ଧଜାହାଜ ସହିତ ମିଳିତ ଭାବରେ କାର୍ଯ୍ୟ କରିପାରିବ। ଏହା ଶତ୍ରୁ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ କରି ମୁକାବିଲା କରିବାରେ ସକ୍ଷମ ହେବ।ଏହି ଜାହାଜ ସାମିଲ ହେବା ଦ୍ୱାରା ବନ୍ଦର, ବନ୍ଦର ଏବଂ ଉପକୂଳବର୍ତ୍ତୀ ସମୁଦ୍ର ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନୌସେନାର କ୍ଷମତା ବୃଦ୍ଧି ପାଇବ ଏବଂ ନୌବାହିନୀର କାର୍ଯ୍ୟରେ ମଧ୍ୟ ସହାୟକ ହୋଇପାରିବ। ପରିବର୍ତ୍ତିତ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ଏବଂ ଜଳମଗ୍ନ ବିପଦ ବୃଦ୍ଧି ସହିତ, ନୌସେନାରେ 'ମାଙ୍ଗରୋଲ୍'ର ସାମିଲ ହେବା ନୌସେନାର ବୁଡ଼ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନୌସେନାରେ ଏହି ଜାହାଜର ସାମିଲ ହେବା ଭାରତର ବର୍ଦ୍ଧିତ ସ୍ୱଦେଶୀ ଜାହାଜ ନିର୍ମାଣ କ୍ଷମତାକୁ ମଧ୍ୟ ପ୍ରତିଫଳିତ କରିଛି। ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାଇସ୍ ଆଡମିରାଲ୍ ସଞ୍ଜୟ ବାତ୍ସାୟନ୍ ଏହି ଅବସରରେ



ମୁଖ୍ୟ ଅତିଥି ଥିଲେ। ଜାହାଜର ନାମକରଣ ଗୁଜୁରାଟର ଜୁନାଗଡ଼ ଜିଲ୍ଲାର ଏକ ଉପକୂଳବର୍ତ୍ତୀ ସହର ଏବଂ ପ୍ରମୁଖ ମାଛ ଧରିବା ବନ୍ଦର ମାଙ୍ଗରୋଲ୍ର ନାମରେ ରଖାଯାଇଛି। ଏହି ଜାହାଜଟି ପୂର୍ବବର୍ତ୍ତୀ, ଆଇଏନଏସ ମାଙ୍ଗରୋଲ୍ (ଏମ୮୫)ର ଐତିହ୍ୟକୁ ଆଗକୁ ବହନ କରିବ। ପୂର୍ବବର୍ତ୍ତୀ ଜାହାଜଟି ଏକ ମାଇନ୍-ବିରୋଧୀ ଯୁଦ୍ଧ ଜାହାଜ ଥିଲା ଯାହା ଏପ୍ରିଲ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲା।

# ବ୍ରିକ୍ସ ପରେ ବିମଷ୍ଟେକରୁ ଦୂରେଇଲା ବାଂଲାଦେଶ

ଢାକା : ନୂଆଦିଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା କ୍ଷେତ୍ରୀୟ ସଙ୍ଗଠନ ବିମଷ୍ଟେକ (ବେ ଅଫ୍ ବେଙ୍ଗଲ୍ ଇନିସିଏଟିଭ୍ ଫର୍ ମଲ୍ଟି - ସେକ୍ଟୋରାଲ ଟେକ୍ନିକାଲ ଆଣ୍ଡ ଇକୋନମିକ୍ କର୍ପୋରେସନ)ରେ ଗୃହମନ୍ତ୍ରୀମାନଙ୍କ ପ୍ରଥମ ଐତିହାସିକ ବୈଠକରୁ ବାଂଲାଦେଶ ନିଜ ଗୃହମନ୍ତ୍ରୀ ସଲାହୁଦ୍ଦିନ ଅହମଦଙ୍କୁ ଦୂରେଇ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ କୂଟନୈତିକ ଟଣାଓଟରା ଭିତରେ ଢାକା ପକ୍ଷରୁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏହି ବୈଠକରେ ବାଂଲାଦେଶ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେବେ। ବାଂଲାଦେଶ ଗୃହ ମନ୍ତ୍ରଣାଳୟର ବରିଷ୍ଠ ସଚିବ ମଞ୍ଜୁର ମୋର୍ଶେଦ ଚୌଧୁରୀ ୧୩ ଅକ୍ଟୋବରରେ ନୂଆଦିଲ୍ଲୀରେ ହେବାକୁ ଏହି ଉଚ୍ଚସ୍ତରୀୟ ବୈଠକରେ ବାଂଲାଦେଶର ପ୍ରତିନିଧିତ୍ୱ କରିବେ। ଅଗଷ୍ଟ ୨୦୨୪ ରେ ଶେଖ ହସିନା ସରକାରଙ୍କ ବିରୋଧରେ ବିଦ୍ରୋହ ପରଠାରୁ ଭାରତ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏହା ପୂର୍ବରୁ ସେପ୍ଟେମ୍ବର ମାସରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନ୍ ମଧ୍ୟ ଭାରତ ସରକାରଙ୍କ ନିମନ୍ତ୍ରଣ ସତ୍ତ୍ୱେ ନୂଆଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଓହରି ଯାଇଥିଲେ।

# ମାସେ ପର୍ଯ୍ୟନ୍ତ ଦିଲ୍ଲୀରେ ମୁତୟନ ରହିବେ ଅର୍ଦ୍ଧସାମରିକ ବାହିନୀ

ନୂଆଦିଲ୍ଲୀ: ବିରୋଧୀ ଇଣ୍ଡି ମେଣ୍ଟ ଏବଂ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପାଇଁ ଦିଲ୍ଲୀରେ ମୁତୟନ ରହିଥିବା ୨୦ ହଜାର ଅର୍ଦ୍ଧସାମରିକ ସଦସ୍ୟ ପାଖାପାଖି ଆହୁରି ମାସେ ପର୍ଯ୍ୟନ୍ତ ମୁତୟନ ରହିବେ। ଆଗକୁ ପାର୍ବଣ ଋତୁ ଥିବାରୁ ବଜାର ଓ ଅନ୍ୟ ସାର୍ବଜନୀନ ସ୍ଥାନରେ ଭିଡ଼ ବଢ଼ିବାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀକୁ ମଧ୍ୟ ଆଜି ୩ଟି ନୂଆ ଆନ୍ଦୋଳନ ସ୍ଥଳ ମିଳିଛି, ଯେଉଁଥିରେ ରାମଲୀଳା ଗ୍ରାଉଣ୍ଡ, ବୁରାଡ଼ି ଗ୍ରାଉଣ୍ଡ ଓ ସିବିଡି ଗ୍ରାଉଣ୍ଡ ରହିଛି। ନୂଆ ଆନ୍ଦୋଳନ ସ୍ଥଳର ସୁରକ୍ଷା ବ୍ୟବସ୍ଥା ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି। ଅନୁମତି ନଥାଇ ଏକତ୍ରିତ ହେବାରୁ ରୋକିବା ପାଇଁ ସହରର ସୀମା, ରେଳ ଷ୍ଟେସନ୍, ବସ୍ ଟର୍ମିନାଲ୍ ଓ ଅନ୍ୟ ସମ୍ବେଦନଶୀଳ ସ୍ଥଳଗୁଡ଼ିକରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ପୁଲିସ ସୀମାଗୁଡ଼ିକରେ ଗାଡ଼ିକୁ ଭଲଭାବେ ଚେକ୍ କରୁଛି ଏବଂ ସହରର ହୋଟେଲ୍, ଗେଷ୍ଟ ହାଉସ୍, ଲଜ୍ ଓ ଧର୍ମଶାଳାରେ ଭଲଭାବେ ଯାଞ୍ଚ କରାଯାଉଛି। ଅର୍ଦ୍ଧସାମରିକ ସଦସ୍ୟଙ୍କ ସହ ୧ ହଜାର ଦିଲ୍ଲୀ ପୁଲିସ ମଧ୍ୟ ମୁତୟନ ହୋଇଛନ୍ତି। ନୂଆଦିଲ୍ଲୀ ଜିଲ୍ଲା ୨୦ଟି ଜୋନ୍ରେ ବିଭକ୍ତ ହୋଇଛି। ଯୁଗ୍ମ କମିସନର, ଉପକମିସନର ଏବଂ ଅତିରିକ୍ତ ଉପକମିସନର ବାସ୍ତବ ସ୍ଥିତିକୁ ଭଲଭାବେ ଯାଞ୍ଚ କରୁଛନ୍ତି।

# କେରଳମ୍ ବିଧାନସଭାରେ ଜ୍ଞାନେଶଙ୍କ ବିରୋଧରେ ସଂକଳ୍ପ ପାରିତ

ନୂଆଦିଲ୍ଲୀ : ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ବିଧାନସଭାରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଗୋଟିଏ ସଂକଳ୍ପ ପାରିତ ହୋଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆରକୁ ନେଇ ବିବାଦ ଭିତରେ କେରଳମ ବିଧାନସଭା ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଦେଶର ପ୍ରଥମ ରାଜ୍ୟ ଭାବେ କେରଳମ ଏପରି ପଦକ୍ଷେପ ନେଇ ଇତିହାସ ରଚିଥିବା ମୁଖ୍ୟମନ୍ତ୍ରୀ ଭିଡି ସତୀଶନ କହିଛନ୍ତି। ସେ ହିଁ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ କମିଶନର ପଦରୁ ହଟାଇବାକୁ ବିଧାନସଭାରେ ପ୍ରସ୍ତାବ ଆଗତ କରିଥିଲେ। ଆଉ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ସହ ବିରୋଧୀ ବାମଦଳ ଏହାକୁ ସମର୍ଥନ କରିଥିଲା। ଏହାପରେ ଏହି ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଛି।



ମୁଖ୍ୟମନ୍ତ୍ରୀ ସତୀଶନ କହିଛନ୍ତି, "ଭୋଟ ଦେବାର ଅଧିକାର ଆମ ଗଣତନ୍ତ୍ରର ମୂଳଦୁଆ। ଆମ ଦେଶର ଲୋକଙ୍କ ଅଧିକାରୀଙ୍କୁ ଦୁର୍ବଳ କରିବାର ଅନୁମତି କୌଣସି ସଂସ୍ଥାର ନାହିଁ। ଆମ ଆଭିମୁଖ୍ୟ ପୂରା ସ୍ପଷ୍ଟ। ଭୋଟ ଦେବାର ଅଧିକାର ସୁରକ୍ଷିତ ରହିବା ଦରକାର। ସମ୍ବିଧାନ ଲାଗୁ ହେବା ଉଚିତ। ଗଣତନ୍ତ୍ର କାଏମ ରହୁ। କେରଳମ ସବୁବେଳେ ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ସପକ୍ଷରେ ରହିଛି। କେରମଳ ଏବେ ଇତିହାସ ରଚିଛି। ପ୍ରଥମଥର ପାଇଁ କେରଳମ ବିଧାନସଭା ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ସଂକଳ୍ପ ପାରିତ ହୋଇଛି। ଆମ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାରେ କୌଣସି ପ୍ରକାରର ବୁଝାମଣା କରାଯାଇ ପାରିବ ନାହିଁ" ଏହାପୂର୍ବରୁ ବିଧାନସଭାରେ ଜ୍ଞାନେଶ କୁମାର ବିରୋଧୀ ସଂକଳ୍ପ ପ୍ରସ୍ତାବ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭୋଟର ତାଲିକାରୁ ଅନେକ ଲୋକଙ୍କୁ ହଟାଇ ଦିଆଯିବାର ଲକ୍ଷଲକ୍ଷ ଅଭିଯୋଗ ରହିଛି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ସ୍ପଷ୍ଟ ଉଲ୍ଲଙ୍ଘନ।ଭୋଟର ତାଲିକାର ସଂଶୋଧନ, ଯୋଗ୍ୟ ଭୋଟରଙ୍କୁ ହଟାଦର ଓ ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ଉଠିଥିବା ଚିନ୍ତାକୁ ଆଦୌ ଅଣଦେଖା କରାଯାଇ ପାରିବ ନାହିଁ ବୋଲି ସେ କହିଥିଲେ। ସଂକଳ୍ପରେ ଏସ୍ଆଇଆରକୁ ନେଇ ହୋଇଥିବା ଅନିୟମତତାର ଯାଞ୍ଚ କରିବା ସହ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ କରିବା ପାଇଁ ଦାବି କରାଯାଇଛି। ଏଥିସହ ସିଇସିଙ୍କୁ ହଟାଇବାକୁ ପ୍ରକ୍ରିୟା ଆରମ୍ଭ କରିବାକୁ ମଧ୍ୟ ସଂକଳ୍ପ ଜରିଆରେ କେରଳମ ବିଧାନସଭା କହିଛି। ନିର୍ବାଚନ କମିଶନ ଚୟନ ପାଇଁ ଗଠନ କମିଟିରେ ସଂଶୋଧନ କରିବା ସହ ବିରୋଧୀ ଦଳ ନେତାଙ୍କ ସହ ପ୍ରଧାନ ବିଚାରପତି ସାମିଲ କରିବାକୁ ମଧ୍ୟ ସଂକଳ୍ପରେ ପରାମର୍ଶ ଦିଆଯାଇଛି।

## ସେନସେକ୍ସ ୫୪୮ ପଏଣ୍ଟ ଖସିଲା

ମୁମ୍ବାଇ: ବିଦେଶୀ ନିବେଶକ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଥିବାରୁ ଦେଶର ଦୁଇ ଷ୍ଟକ୍ ବଜାର ଉପରେ ଚାପ ରହିଛି। ଆଜି ଉଭୟ ବଜାରରେ କାରବାର ଅସ୍ଥିର ଥିଲା। ତେବେ କାରବାର ଶେଷ ବେଳକୁ ସେଥିରେ ସୁଧାର ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୫୪୭.୭୫ ପଏଣ୍ଟ ହ୍ରାସ ପାଇ ୭୧,୯୨୪.୬୮ ପଏଣ୍ଟରେ ବନ୍ଦ ହୋଇଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୫୭.୧୦ ପ୍ରତିଶତ ହ୍ରାସ ପାଇ ୨୨,୩୬୩.୩୫ ପଏଣ୍ଟରେ ବନ୍ଦ ହୋଇଥିଲା। ବିଦେଶୀ ନିବେଶକମାନେ ଅକ୍ଟୋବରରେ ଭାରତୀୟ ଇକ୍ୱିଟି ବଜାରରୁ ୪୪ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେମାନେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପାଣ୍ଠି ନେଇସାରିଲେଣି। ଆମେରିକା ବଣ୍ଡର ୟିଲ୍ଡ ଅଧିକ ରହିବା, ଅଶୋଧିତ ତୈଳ ଦର ଉଚ୍ଚା ରହୁଥିବାରୁ ବିଦେଶୀ ନିବେଶକମାନେ ଭାରତରୁ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଶେଷଜ୍ଞମାନେ କହିଛନ୍ତି। ୨୦୨୫ରେ ବିଦେଶୀ ନିବେଶକମାନେ ମୋଟ୍ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ଶେଷ ହେବାକୁ ଆହୁରି ଅଢ଼େଇ ମାସ ବାକି ଥିବା ବେଳେ ସେମାନେ ତାହାର ଦୁଇ ଗୁଣା ପାଖାପାଖି ପାଣ୍ଠି ଉଠାଇ ନେଲେଣି।

# ରାହୁଲ, ଖଡ଼ଗେଙ୍କୁ ଭେଟିବାକୁ ମନା କଲେ ସିଜେଆଇ

ନୂଆଦିଲ୍ଲୀ: ବିଚାରାଧୀନ ମାମଲା ସମ୍ପର୍କରେ ବୈଠକ କରି ଆଲୋଚନା କରିବା ସମ୍ବିଧାନର କ୍ଷମତା ପୃଥକୀକରଣ ନୀତିର ବିରୋଧୀ। ଏହା ନ୍ୟାୟିକ ଶିଷ୍ଟାଚାର ଓ ନୈତିକତାର ମଧ୍ୟ ପରିପନ୍ଥୀ। ଏହି କାରଣ ଦର୍ଶାଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବା ପାଇଁ ମିଳିଥିବା ଅନୁରୋଧକୁ ଖାରଜ କରିଛନ୍ତି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ। ସୋମବାର ଏକ ଚିଠିରେ ସେ ଏହି କାରଣ ଦର୍ଶାଇବା ସହ ସମ୍ପୃକ୍ତ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଆଇନଗତ ରାସ୍ତା ଆପଣାଇବାକୁ ଦୁଇ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଖଡ଼ଗେ ଓ ରାହୁଲ ଅକ୍ଟୋବର ୧୦ରେ ସିଜେଆଇଙ୍କୁ ଚିଠି ଲେଖି ସୋମବାର ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ସାକ୍ଷାତ୍ ପାଇଁ ସମୟ ମାଗିଥିଲେ। ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ସମ୍ପର୍କିତ ପ୍ରସଙ୍ଗ ସହ କେତେକ ଛାତ୍ରଙ୍କୁ ମନମୁଖି ଭାବେ ଗିରଫ କରାଯିବା, ମେଟ୍ରୋ ଷ୍ଟେସନ ବନ୍ଦ ଏବଂ ଟ୍ରେନ୍ ଚଳାଚଳ ବାତିଲ ଭଳି ଘଟଣା ଉପରେ ଦୁଇ ନେତା ଏକ ଦାବିପତ୍ର ଦେବାକୁ ଚାହୁଁଥିଲେ। ସିଜେଆଇ ତାଙ୍କ ଚିଠିରେ କହିଛନ୍ତି, ଏହି ପ୍ରସଙ୍ଗଗୁଡ଼ିକ ପୂର୍ବରୁ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ତେଣୁ ଏଗୁଡ଼ିକ ଉପରେ ବୈଠକ କରିବା ସମ୍ବିଧାନର ମୌଳିକ ଢାଞ୍ଚାର ଅଂଶବିଶେଷ ହୋଇଥିବା କ୍ଷମତା ପୃଥକୀକରଣ ନୀତିର ଉଲ୍ଲଂଘନ ହେବ। ସୁପ୍ରିମକୋର୍ଟର ପ୍ରଶାସନିକ କ୍ଷମତା ଏପରି ଅଭିଯୋଗର ସମାଧାନ ପାଇଁ ନୁହେଁ ବୋଲି ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। ତେବେ ନାଗରିକଙ୍କ ମୌଳିକ ଅଧିକାରର ସୁରକ୍ଷା କରିବା ସୁପ୍ରିମକୋର୍ଟଙ୍କ ଦାୟିତ୍ୱ



ବୋଲି ସେ କହିଛନ୍ତି। ସମ୍ବିଧାନର ଧାରା ୩୨ ଓ ନ୍ୟାୟିକ ସମୀକ୍ଷା କ୍ଷମତା ଅନୁଯାୟୀ ଅଦାଲତ ଏଭଳି ଅଭିଯୋଗର ବିଚାର କରିପାରିବେ। ତେଣୁ ପ୍ରଶାସନିକ ସ୍ତରରେ ଦାବିପତ୍ର ଦେବା ପରିବର୍ତ୍ତେ ଆଇନଗତ ପ୍ରକ୍ରିୟାରେ ଆବେଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସିଜେଆଇ ଆହୁରି କହିଛନ୍ତି ଯେ ସମାନପ୍ରସଙ୍ଗ ସମ୍ପର୍କିତ ମାମଲାଗୁଡ଼ିକର ଶୁଣାଣି ମଙ୍ଗଳବାର ହେବାକୁ ଧାର୍ଯ୍ୟ ହୋଇଛି।

# ହୁତିଙ୍କ କ୍ଷେପଣାସ୍ତ୍ର ଆକ୍ରମଣ : ସାଉଦି ପ୍ରିନ୍ସ ଏମବିଏସଙ୍କ ସୁରକ୍ଷା କଡ଼ାକଡ଼ି

ରିୟାଦ: ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବର ରାଜଧାନୀ ରିୟାଦରେ ଥିବା ବିମାନବନ୍ଦର ଉପରେ ଲଗାତାର ଦୁଇଦିନ ଧରି କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି। ଏହା ଯୋଗୁଁ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ସହ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ(ଏମବିଏସ)ଙ୍କ ସୁରକ୍ଷା ବିଷୟରେ ମଧ୍ୟ ଚିନ୍ତା ସୃଷ୍ଟି କରିଛି। ଫଳସ୍ୱରୂପ ତାଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ହୁତିଙ୍କ ଆକ୍ରମଣ ବୃଦ୍ଧି ପରେ ମହମ୍ମଦ ବିନ୍ ସଲମାନ ବଙ୍କର ମହଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ତାଙ୍କ ସହିତ ଏକ ସ୍ୱତନ୍ତ୍ର



ସୁରକ୍ଷା ଦଳ ଅଛନ୍ତି। ବିଶେଷକରି ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ଅଭାବ ସାଉଦି ଆରବର ଶକ୍ତି ଭିତ୍ତିଭୂମି ଏବଂ ରାଜପ୍ରାସାଦଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା ସୃଷ୍ଟି କରିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ସାଉଦି ଆରବର ଯୁବରାଜଙ୍କୁ ଲୁଚି ରହିବାକୁ ବାଧ୍ୟ କରାଯାଇଛି। କାରଣ ହୁତିଙ୍କ କ୍ଷେପଣାସ୍ତ୍ର ରିୟାଦରେ ପହଞ୍ଚିଛି ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସେବୁକୁ ପ୍ରତିହତ କରିବାରେ ବିଫଳ ହୋଇଛି। ରବିବାର ରାଜଧାନୀର ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣ ପରେ ଆଶଙ୍କା ଆହୁରି ବଢ଼ିଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ୪୧ ବର୍ଷୀୟ ମହମ୍ମଦ ବିନ୍ ସଲମାନ ଗତ ଛଅ ଦିନ ଧରି ତାଙ୍କ ବଙ୍କର ଏବଂ କଡ଼ା ସୁରକ୍ଷାରେ ବଙ୍କର ଥିବା ପ୍ରାସାଦରେ ରହୁଛନ୍ତି। ଗତ ମଙ୍ଗଳବାର ଦିନ ତାଙ୍କୁ ଶେଷ ଥର ପାଇଁ ସର୍ବସାଧାରଣରେ ଦେଖାଯାଇଥିଲା ଯେତେବେଳେ ସେ ଏକ ଜାତୀୟ ଦାନ ଅଭିଯାନରେ ରକ୍ତଦାନ କରିଥିଲେ। ରାଜଧାନୀ ରିୟାଦରେ ସ୍କୁଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ସାଉଦି ଆରବ ଉପରେ ଆକ୍ରମଣକୁ ବିଶ୍ୱର ଅନେକ ପ୍ରମୁଖ ଦେଶ ନିନ୍ଦା କରିଛନ୍ତି। ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏହି ଆକ୍ରମଣଗୁଡ଼ିକୁ ନିନ୍ଦା କରି ଏହାକୁ ବିପଜ୍ଜନକ ସ୍ଥିତି ବୋଲି କହିଛନ୍ତି। ସେ ହୁତି ବିଦ୍ରୋହୀମାନଙ୍କୁ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ ବନ୍ଦ କରିବାକୁ ଅପିଲ୍ କରିଛନ୍ତି। ରିପୋର୍ଟ ଅନୁଯାୟୀ ରିଆଦ ସମଗ୍ର ଦେଶକୁ ବାୟୁ ପ୍ରତିରକ୍ଷା ସହିତ ଘୋଡ଼ାଇ ରଖିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମି ଏବଂ ପ୍ରାସାଦଗୁଡ଼ିକୁ ସୁରକ୍ଷା ଦେବା ପାଇଁ ମିସାଇଲ ପ୍ରତିରକ୍ଷା ବ୍ୟାଟେରୀଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି।

# କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି

## ଓଡିଶା-ବିହାର ମଧ୍ୟରେ ଉଦଘାଟିତ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଗାନ୍ଧିଷ୍ଟାଡିୟମରେ କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି ଉଦଘାଟିତ ହୋଇଯାଇଛି । ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଓ ଓଡିଶା କ୍ରିକେଟ ଆସୋସିଏସନ ମିଳିତ ଆୟୋଜନରେ ଓଡିଶା ଓ ବିହାର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି । ପ୍ରଥମ ଇନିଂସ ରେ ବିହାର ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୭୪. ୪ ଓଭରରେ ସମସ୍ତ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲେ । ବିହାର ପକ୍ଷରୁ ଆଦିତ୍ୟ ରାଜ ୭୪ ରନ ବାସୁଦେବ ପ୍ରସାଦ ସିଂ ୨୯ ରନ ଆୟୁସ ଆନନ୍ଦ ୨୫ ରନ କରିଥିବା ବେଳେ ଓଡିଶା ପକ୍ଷରୁ ଓମକାର ମହାନ୍ତି ୪ ୱିକେଟ ସହିଦ ଟ୍ରଫେଲ ଅହମଦ ୩ ୱିକେଟ ଆଶୁତୋଷ ମାରାଣ୍ଡି ୧, ସ୍ୱରୁପ ଏସ ଭୂୟାଁ ୧ ୱିକେଟ ଅକ୍ତିଆର କରିଥିଲେ



। ଓଡିଶା ବ୍ୟାଟିଂ ଆରମ୍ଭ କରି ୧ ୱିକେଟ ବିନିମୟରେ ୬୬ ରନ କରିଥିବାବେଳେ ଓଡିଶା ପକ୍ଷରୁ ପଙ୍କଜ ସଶାଙ୍କ ପ୍ରଥମ ଦିନ ଶେଷ ସୁଦ୍ଧା ଅପରାଜିତ ୩୨ ରନ ସଂଗ୍ରହ କରିଛନ୍ତି । ଉଦଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥି ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ , ଶତ୍ରୁଘନ ସିଂ , କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ କ୍ରିଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା , ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର , ସୁଧାଂଶୁ ସେଠ , ଜୟରାମ ମିଶ୍ର , ସୁଧିର ଚନ୍ଦ୍ର ପଣ୍ଡା , ଗୌର ପ୍ରଧାନ , ରବିନ୍ଦ୍ର ମିଶ୍ର , ଡଃ ସିଦ୍ଧେଶ୍ୱର ମିଶ୍ର , ସଚ୍ଚିଦାନନ୍ଦ ପାଣିଗ୍ରାହୀ , କ୍ରିକେଟ କୋଚ ଅରୁଣ କୁମାର ନାଏକ , ପୁର୍ବତନ ରଣଜୀ ଖେଳାଳି ସୁର୍ଯ୍ୟ ନାରାୟଣ ମିଶ୍ର , ବିକ୍ରମ ପାତ୍ର , ଶ୍ରୀକାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

◈ ଅଲ୍ ଇଣ୍ଡିଆ ଟେନିସ୍ ବଲ୍ କ୍ରିକେଟ୍ ଲିଗ୍

# ଓଡ଼ିଶା ଭାମ୍ପାୟାର୍ ଇନଭିନ୍ସିବଲ୍ ଚାମ୍ପିଅନ୍

ଭୁବନେଶ୍ୱର, ୧୨।୧୦(ସବ୍ୟୁ) : ଉତ୍ତର ପ୍ରଦେଶରେ ଅନୁଷ୍ଠିତ ସମ୍ମାନଜନକ 'ଅଲ୍ ଇଣ୍ଡିଆ ଟେନିସ୍ ବଲ୍ କ୍ରିକେଟ୍ ସର୍କଲ୍ ଲିଗ୍-୨୦୨୬ (ସିଜିନ୍-୨)'ରେ ଓଡ଼ିଶାର ଦଳ 'ଓଡ଼ିଶା ଭାମ୍ପାୟାର୍ ଇନଭିନ୍ସିବଲ୍' ଚାମ୍ପିଅନ୍ ଆଖ୍ୟା ଅର୍ଜନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛି। ଦେଶର ପ୍ରମୁଖ ୨୦ଟି ଶକ୍ତିଶାଳୀ ଦଳକୁ ପଛରେ ପକାଇ ଓଡ଼ିଶା ଦଳ ଟ୍ରଫି ସହ ନଗଦ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଛି। ରନର୍ସଅପ୍ ମହାକାଲ୍ ଗୋରଖପୁର ଦଳକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏକ ରୋମାଞ୍ଚକର ଫାଇନାଲ୍ ମୁକାବିଲାରେ ମହାକାଲ୍ ଗୋରଖପୁର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ଓଡ଼ିଶା ଭାମ୍ପାୟାର୍ ଇନଭିନ୍ସିବଲ୍ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ୍ ହରାଇ ୫୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଭିକି ଦିଗାଲ୍ ଦ୍ରୁତ ୨୩ ରନ୍ ସଂଗ୍ରହ କରିଥିବା ବେଳେ ପ୍ରକାଶ ସାହୁ




୧୭ ରନ୍ ଏବଂ ଧନା ୧୫ ରନ୍ ଯୋଗଦାନ ଦେଇଥିଲେ। ୫୩ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ମହାକାଲ୍ ଗୋରଖପୁର ଦଳ ଓଡ଼ିଶାର ଶାଣିତ ବୋଲିଂ ଆଗରେ ଧରାଶାୟୀ ହୋଇଥିଲା। ଓଡ଼ିଶାର ବୋଲରଙ୍କ ମାପଚୁପ ବୋଲିଂ ବଳରେ ଗୋରଖପୁର ମାତ୍ର ୩୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ରବାଡ଼ା ଚମତ୍କାର ବୋଲିଂ ପ୍ରଦର୍ଶନ କରି ମାତ୍ର ୧୧ ରନ୍ ବିନିମୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଅକ୍ତିଆର କରିଥିବା ବେଳେ ଆୟୁଷ ପାଲ୍ ୨ ଓଭରରେ ୭ ରନ୍ ଦେଇ ୨ଟି ୱିକେଟ୍ ହାସଲ କରିଥିଲେ। ସାଗର ମଧ ଶୃଙ୍ଖଳିତ ପ୍ରଦର୍ଶନ କରି ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଫାଇନାଲରେ ଦମଦାର ଅଲରାଉଣ୍ଡ ପ୍ରଦର୍ଶନ ଓ ନେତୃତ୍ୱ ପାଇଁ ଅଧିନାୟକ ଭିକି ଦିଗାଲଙ୍କୁ 'ମ୍ୟାନ୍ ଅଫ୍ ଦି ଫାଇନାଲ୍' ସହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ 'ମ୍ୟାନ୍ ଅଫ୍ ଦି ସିରିଜ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ସେମିଫାଇନାଲରେ ଉଲ୍ଲେଖନୀୟ ଖେଳ ପାଇଁ ପ୍ରକାଶ ସାହୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିବା ବେଳେ କୌଶିକ ପଣ୍ଡା 'ଅପକମିଂ ପ୍ଲେୟାର୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ପାଇଥିଲେ। ଦଳର ଏହି ଐତିହାସିକ ସଫଳତା ପାଇଁ ଟିମ୍ ମାଲିକ ପୁଷ୍ପମିତ୍ର ମହାନ୍ତି ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ଆଶା ପ୍ରକଟ କରିଛନ୍ତି।

## ମହିଳା ଏସୀୟ କପ୍

# ଯୋଗ୍ୟତା ହାସଲ କଲେ ଭାରତୀୟ ବାଳିକା

ସେଲାୟାଙ୍ଗ, ୧୨।୧୦(ଏଜେନ୍ସି) : ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସୀୟ କପ୍ ୨୦୨୭ ପାଇଁ ଯୋଗ୍ୟତା ହାସଲ କରିଛି ଭାରତ। ରବିବାର ମାଲେସିଆର ସେଲାୟାଙ୍ଗସ୍ଥିତ ଏମ୍ପି ସେଲାୟାଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନିଜର ଶେଷ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍ 'ଇ' ମ୍ୟାଚରେ ଭାରତ ୪-୦ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ରେଦିମା ଦେବୀ ୩୦ତମ ମିନିଟ୍‌ରେ ପେନାଲ୍ଟି ବକ୍ସ ବାହାରୁ ଏକ ଚମତ୍କାର ସଟ୍ ମାଧ୍ୟମରେ ପ୍ରଥମ ଗୋଲ୍ ଦେଇଥିଲେ। ଏହି ଗୋଲ୍ ବଳରେ ଭାରତ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ୫୧ତମ ମିନିଟରେ ପ୍ରୀତିକା ବର୍ମନ ନିକଟରୁ ଗୋଲ୍ ଦେଇ ଭାରତର ଅଗ୍ରଣୀକୁ ୨-୦ କରିଥିଲେ। ଏହାର ମାତ୍ର ୬ ମିନିଟ୍ ପରେ ଅନୁଷ୍କା କୁମାରୀ ଆଉ ଏକ ଗୋଲ୍ ଦେଇଥିଲେ। ମ୍ୟାଚର ୮୭ତମ ମିନିଟ୍‌ରେ ନିଧି ପବନ କୁମାର ପ୍ରତିପକ୍ଷ ଗୋଲରକ୍ଷକଙ୍କୁ ଚକମା ଦେଇ ଖାଲି ଗୋଲପୋଷ୍ଟର ବଲ୍ ପକାଇ ଭାରତର ବିଜୟକୁ ୪-୦ରେ ପହଞ୍ଚାଇଥିଲେ।




## ହାଇଟେକ୍ ଷ୍ଟାଡିୟମରେ କ୍ରିକେଟ୍ ମହାକୁମ୍ଭ

# ଦୃଷ୍ଟିବାଧିତ ପୁରୁଷ ରାଜ୍ୟ କ୍ରିକେଟ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୨।୧୦(ସବ୍ୟୁ) : ହାଇଟେକ୍ କ୍ରିକେଟ୍ ଷ୍ଟାଡିୟମରେ ୧୧ତମ ଦୃଷ୍ଟିବାଧିତ ପୁରୁଷ ରାଜ୍ୟ କ୍ରିକେଟ୍ ଚମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଆଜିଠାରୁ ୧୬ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗୀତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମୋଟ ୧୮ଟିମ୍ ଯୋଗଦେଇଛନ୍ତି। ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଆନୁଷ୍ଠାନିକ ଭାବରେ କ୍ରିକେଟର ଏହି ମହାକୁମ୍ଭକୁ ଉଦ୍‌ଘାଟନ କରି,ଦୃଷ୍ଟିବାଧିତ କ୍ରିକେଟ୍ ମହାସଂଘକୁ ହାଇଟେକ୍ ଗ୍ରୁପ୍ ତାର ପୃଷ୍ଠପୋଷକତା ଜାରିରଖିବା ସହ ଆସନ୍ତାଦିନରେ ଏହାକୁ ଦେଶର ଏକନମ୍ବର କ୍ରିକେଟ୍ ମହାସଂଘ ଭାବେ ଗଢିତୋଳିବାକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବ ବୋଲି କହିଛନ୍ତି। ଆନ୍ତର୍ଜାତୀୟ କ୍ରିକେଟ




ତାରକା ତଥା ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ୍ ସଂଘର ସଭାପତି ଜାଫର ଇକୱାଲ ଓ ମହାସଂଘର ଉପଦେଷ୍ଟା ମେଜର ଡକ୍ଟର କଳ୍ପନା ଦାଶ ଏହି ଚାମ୍ପିଅନସିପକୁ ପରିଚାଳନା କରୁଛନ୍ତି। ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୀତାରମ ମହାପାତ୍ର, ଡାକ୍ତର ଚନ୍ଦନ ସାମନ୍ତରାୟ, ପ୍ରାଶାସନିକ ଅଧ୍ୟକ୍ଷା ମାଲକିନ୍ ବେହେରା,ଡାକ୍ତର ଅମ୍ରିତ ପାଟଯୋଶୀ, କ୍ରୀଡା ଓ ସଂସ୍କୃତି ନିର୍ଦ୍ଦେଶକ ଲଳିତେନ୍ଦୁ ମହାନ୍ତି, ସିଓଓ ଜ୍ୟୋର୍ତୀମୟ ପଣ୍ଡା, ପ୍ରାଶାସନିକ ଅଧିକାରୀ ଡକ୍ଟର ଗୋପେଶ୍ୱର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ରେକର୍ଡ ସ୍ଥାପନ କଲେ ଅଭିଷେକ ଶର୍ମା

ନୂଆଦିଲ୍ଲୀ, ୧୨।୧୦(ଏଜେନ୍ସି) : ଭାରତୀୟ ଯୁବ କ୍ରିକେଟର ଅଭିଷେକ ଶର୍ମା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏକ ବିରଳ ରେକର୍ଡଧାରୀ ହୋଇଛନ୍ତି। ବିସ୍ଫୋରକ ବ୍ୟାଟିଂ ବଳରେ ସେ ଛକା ମାରି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ସେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଛକା ମାରି ସୂର୍ଯ୍ୟକୁମାର ଯାଦବଙ୍କ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି। ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ପାଞ୍ଚଟି ଛକା ମାରି ଏହି ସଫଳତାରେ ପହଞ୍ଚିଛନ୍ତି। ୨୦୨୬ରେ ସେ ମୋଟ ୬୮ଟି ଛକା ମାରିଛନ୍ତି। ଇନ୍ଦୋରସ୍ଥିତ ହୋଲକର ଷ୍ଟାଡିୟମରେ ରବିବାର ରାତିରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଅଭିଷେକ ୩୦ ବଲରେ ୬୯ ରନ୍ କରିଥିଲେ।






















Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି